ISSN No. : 2583-147X (P)


ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

# PRACHEE

ଅପ୍ରେଲ୍ ୨୦୨୩
ମୂଲ୍ୟ : ୨୫ ଟଙ୍କା





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



*ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ*

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଲିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ନବମ ବର୍ଷର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# 'ପ୍ରାଚୀ'ର କଲମ

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ । କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 9, April 2023, Issue No. I

ISSN NO. 2583-147X(P)

**RNI No. : ODIODI/2015/64435**

P.R. No. : CK(C)/96/2022-2024

**ଉପଦେଷ୍ଟା ମଣ୍ଡଳୀ**
**ଡକ୍ଟର ପାବକ କାନୁନ୍‌ଗୋ**
**ଡକ୍ଟର ମନ୍ଦାକିନୀ ଦାସ**
**ଶ୍ରୀଯୁକ୍ତ କୃଷ୍ଣ ପ୍ରସାଦ ଦାସ**
**ସମୀକ୍ଷକ ମଣ୍ଡଳୀ**
**ପ୍ରଫେସର ବୈଷ୍ଣବ ଚରଣ ସାମଲ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଆଦିକନ୍ଦ ସାହୁ**
ଅବସରପ୍ରାପ୍ତ ପ୍ରଫେସର, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ସମ୍ବଲପୁର
**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**
ପ୍ରଫେସର, ଓଡ଼ିଆ ବିଭାଗ, ଫକୀରମୋହନ ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
**ପ୍ରଫେସର ନୀଳାଦ୍ରି ଭୂଷଣ ହରିଚନ୍ଦନ**
ଅବସରପ୍ରାପ୍ତ ପ୍ରଫେସର, ବିଶ୍ୱଭାରତୀ, ଶାନ୍ତିନିକେତନ
**ପ୍ରଫେସର ଶରତ କୁମାର ପଲିତା**
ପ୍ରଫେସର, ଜୈବ ବିବିଧତା ଓ ପ୍ରାକୃତିକ ସଂସାଧନ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ସଂପାଦକ**
**ଡକ୍ଟର ବିଭୂଦତ୍ତ ଖଣ୍ଡାୟତରାୟ**
**ସମ୍ପାଦନା ସହଯୋଗୀ :**
**ପ୍ରାଚୀ ପ୍ରଯୁକ୍ତା**
**ସଂପାଦନା ମଣ୍ଡଳୀ**
**ଡକ୍ଟର ନାରାୟଣ ମହାନ୍ତି-**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଦର୍ଶନ ବିଭାଗ
**ଡକ୍ଟର ଆଦିତ୍ୟ ପ୍ରତାପ ଧଳ**
ଅବସରପ୍ରାପ୍ତ ପ୍ରାଧ୍ୟାପକ, ଓଡ଼ିଆ ବିଭାଗ
**ପ୍ରଫେସର ଅଞ୍ଜୁମନ ଆରା**
ହିନ୍ଦୀ ବିଭାଗ, ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
ଅଧ୍ୟାପକ, ହିନ୍ଦୀ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଆଲୋକ ବରାଳ**
ମୁଖ୍ୟ, ଓଡ଼ିଆ ବିଭାଗ
ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ, କୋରାପୁଟ
**ଡକ୍ଟର ନେତାଜୀ ଅଭିନନ୍ଦନ**
ସହାୟକ ପ୍ରଫେସର, ରାଜନୀତିବିଜ୍ଞାନ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ
**ଡକ୍ଟର ଦିପକ କୁମାର ଦାଶ**
ଅଧ୍ୟାପକ, ରାଜନୀତିବିଜ୍ଞାନ ବିଭାଗ,
ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ
**ଡକ୍ଟର ଜ୍ଞାନୀ ଦେବାଶିଷ ମିଶ୍ର**
ସହାୟକ ପ୍ରଫେସର, ଓଡ଼ିଆ ବିଭାଗ,
ରେଭେନ୍‌ସା ବିଶ୍ୱବିଦ୍ୟାଳୟ, କଟକ
**ଡକ୍ଟର ନୀରୋଦ କୁମାର ମନ୍ତ୍ରୀ**
ଅଧ୍ୟାପକ, ଓଡ଼ିଆ ବିଭାଗ,
ନୀଳମାଧବ ମହାବିଦ୍ୟାଳୟ, କଣ୍ଟିଲୋ କଲେଜ
**ଡକ୍ଟର ବିଦ୍ୟୁତପ୍ରଭା ରାଉତ**
ଅଧ୍ୟାପିକା, ଓଡ଼ିଆ ବିଭାଗ,
ସିମୁଳିଗୁଡ଼ା ମହାବିଦ୍ୟାଳୟ, କୋରାପୁଟ
**ଡକ୍ଟର ସୁମନ୍ତ ସ୍ୱାଇଁ**
ସହାୟକ ପ୍ରଫେସର, ଆଇ.ଆଇ.ଏଚ୍.ଏମ୍.ଆର, ନୂଆଦିଲ୍ଲୀ
**ଡକ୍ଟର ମମତା ଖଣ୍ଡାୟତରାୟ**
ବିଭାଗୀୟ ମୁଖ୍ୟ, ରାଜନୀତିବିଜ୍ଞାନ ବିଭାଗ,
ପାରାଦୀପ କଲେଜ, ପାରାଦୀପ
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

## ଏଇ ସଂଖ୍ୟାରେ...

ଆଦର୍ଶବାଦର ଆଶାବାଦୀ : ସାମ୍ୟ-ବାଦୀ

– ଡକ୍ଟର ଅରବିନ୍ଦ ଦାସ ୦୭

ସଂରଚ୍‌ନାବାଦ ଅନ୍ତର୍ଭୁକ୍ତ ପେରୋଲ୍ ପରିପ୍ରେକ୍ଷୀରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'

– ଡ. ରବୀନ୍ଦ୍ର କୁମାର ଦାସ ୧୦

ଗୋପବନ୍ଧୁଙ୍କ ସାହିତ୍ୟରେ ମାନବୀୟ ଦୃଷ୍ଟିକୋଣ-

– ଡ. ଜୟନ୍ତ କୁମାର ଦାସ ୧୬

କୁନ୍ତଳାକୁମାରୀଙ୍କ କବିତାରେ ଉତ୍କଳୀୟତା

– ଗାୟତ୍ରୀ ମହାପାତ୍ର ୨୩

ସମ୍ବଲପୁର ଜିଲ୍ଲାର ସୌଖୀନ ନାଟ୍ୟାନୁଷ୍ଠାନ

– ଶୁଭ୍ରାଂଶୁ ବେହେରା ୩୩

ସାତଭାୟାର ଲୋକସଂସ୍କୃତି

– ସୁବ୍ରତ ପାତ୍ର ୪୦

ଅନାମଗୋଷ୍ଠୀ ଓ ସୁରେନ୍ଦ୍ରମହାନ୍ତି

– ସୁବାସ ଚନ୍ଦ୍ର ଭୋଇ ୪୫

## PRACHEE MONTHLY ADVT. TARIFF

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

## ପ୍ରାଚୀର ନିୟମାବଳୀ

- **"ପ୍ରାଚୀ"** ଏକ ମାସିକ ଗବେଷଣାଧର୍ମୀ ISSN ସଂଯୁକ୍ତ ମାନକ Peer Reviewed ପତ୍ରିକା ଅଟେ ।
- **"ପ୍ରାଚୀ"** ର ସ୍ୱତନ୍ତ୍ର ଗବେଷଣା ବିଭାଗରେ ସାହିତ୍ୟ, ସମାଜ, ସଂସ୍କୃତି, କଳା, ଇତିହାସ,ନୃତତ୍ତ୍ୱ, ଦର୍ଶନ, ବିଜ୍ଞାନ ଆଦି ବିବିଧ ପ୍ରେକ୍ଷାର ଗବେଷଣାତ୍ମକ ପ୍ରବନ୍ଧ ପ୍ରକାଶିତ ହୋଇଥାଏ ।
- **"ପ୍ରାଚୀ"** ଯୁବପୀଢ଼ିଙ୍କର ଗବେଷଣାକୁ ଏକ ଉଚ୍ଚିତ ଦିଶା ଓ ଆଭିମୁଖ୍ୟ ପ୍ରଦାନ କରିବା ପାଇଁ ନିଜର ସ୍ୱତନ୍ତ୍ର ଆଭିମୁଖ୍ୟ ନେଇ ସଂପ୍ରତି ଦଣ୍ଡାୟମାନ ହୋଇଛି ଏବଂ ଭବିଷ୍ୟତ ପାଇଁ ନୂତନ ରୂପରେଖ ମଧ୍ୟ ପ୍ରସ୍ତୁତ କରିଅଛି । ଲେଖାଗୁଡ଼ିକ ଗବେଷଣାର ଆଭିମୁଖ୍ୟ ଓ ସରଞ୍ଜନାକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରି ପ୍ରେରଣା କରିବାକୁ ସମସ୍ତଙ୍କୁ ଅନୁରୋଧ । ଗବେଷଣାତ୍ମକ ଆଲେଖ୍ୟର ଆଦର୍ଶ, ନିୟମ ଓ ମୂଲ୍ୟବୋଧ ପ୍ରତି ସଚେତନ ରହି ସର୍ବଦା ଗବେଷଣାର ମୌଳିକତାକୁ ଦୃଷ୍ଟିରେ ରଖି ଲେଖକମାନେ ନିଜର ଲେଖା ପ୍ରେରଣ କରନ୍ତୁ ଏବଂ ଆବଶ୍ୟକସ୍ଥଳେ ଅନୁଷଙ୍ଗ ସୂଚୀର ସଂଯୋଗ କରନ୍ତୁ ।
- ଏହି ପତ୍ରିକାରେ ମଧ୍ୟ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ, ଭ୍ରମଣ କାହାଣୀ, ପରିବେଶଜନିତ ଲେଖା ଓ କବିତା ପରିପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିଷ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ୱା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ । **ଲେଖା ଗୁଡ଼ିକ ପେଜ୍ ମେକର ଫରମାଟ, ଆକୃତି ସାରଳା ଫଣ୍ଟରେ ଟାଇପ କରି ଦେବାକୁ ଅନୁରୋଧ ନଚେତ୍ ଲେଖା ଗ୍ରହଣଯୋଗ୍ୟ ହେବନାହିଁ ।**

---

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ..............................................................................

ଠିକଣା ...................................................... ପିନ୍‌କୋର୍ଡ଼ ..................................

ମୋବାଇଲ୍ ନମ୍ବର ........................................ ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.................................................. ତାରିଖ....................................

ବ୍ୟାଙ୍କ୍....................................... ସ୍ଥାନ.......................................................

ତାରିଖ...................................... ଦସ୍ତଖତ.......................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

ISSN -2583-147X(P), Vol.- 9, Issue No.I, April 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଆଦର୍ଶବାଦର ଆଶାବାଦୀ : ସାମ୍ୟ-ବାଦୀ

## ଡକ୍ଟର ଅରବିନ୍ଦ ଦାସ

ଊନବିଂଶ ଶତାବ୍ଦୀର ଓଡ଼ିଶା ଦେଶୀୟ, ପ୍ରାଦେଶୀୟ ଏବଂ ବିଦେଶୀୟ ସାଂସ୍କୃତିକ ସଂସ୍ରବର ସମନ୍ୱୟ ଆଣିବାରେ ଥିଲା ଆଶାବାଦୀ। ଏହି ସମୟରେ ମୁଦ୍ରଣ ଶିଳ୍ପର ବିକାଶ ଅନେକ ପତ୍ରପତ୍ରିକାର ପ୍ରଚଳନ କଲା। ଓଡ଼ିଶାର ସାଂସ୍କୃତିକ ପରିବେଶ ଧାର୍ମିକତାକୁ ଯୁଗଯୁଗ ଧରି ପ୍ରାଧାନ୍ୟ ଦେଇ ଆସିଛି। ଏହି ସୂତ୍ରେ ଊନବିଂଶ ଶତାବ୍ଦୀର କେତେକ ପତ୍ର-ପତ୍ରିକାରେ ଧାର୍ମିକତାକୁ ପରିହାର କରିପାରିନାହିଁ। ମିଶନାରୀଙ୍କ ଉଦ୍ୟମ ଏ ଦିଗରେ ବେଶ୍ ସଚେତନ। ପରେ ପରେ ଦେଶୀୟ ଓ ପ୍ରାଦେଶୀୟଙ୍କ ଆଗ୍ରହ ଦେଖାଦେଇଛି। ଫଳରେ ଅନେକ ପତ୍ର-ପତ୍ରିକା ଧାର୍ମିକ ପରମ୍ପରାକୁ ଜାବୁଡ଼ି ଧରିଛି। ତେଣୁ ବିନା ଅର୍ଥରେ ଲଳିତ ମୋହନ ଚକ୍ରବର୍ତ୍ତୀଙ୍କ ସମ୍ପାଦନାରେ ଧର୍ମ-ନୀତି-ସାହିତ୍ୟ-ସଂସ୍କୃତି-ବିଜ୍ଞାନକୁ ଦୃଷ୍ଟିରେ ରଖି ଏପ୍ରିଲ୍ ୧୮୮୭ ମସିହାରେ କଟକ ପ୍ରିଣ୍ଟିଙ୍ଗ୍ କମ୍ପାନୀରୁ ପ୍ରକାଶ ପାଇଛି ମାସିକ ପତ୍ର 'ସାମ୍ୟ-ବାଦୀ'। ମାତ୍ର ମୁଖ୍ୟ ଉଦ୍ଦେଶ୍ୟ ରହିଛି ଓଡ଼ିଶାର ସାଧାରଣ ଜନତାଙ୍କୁ ସଚେତନ କରାଇବା, ବିଭିନ୍ନ ଦିଗ ଉପରେ ସାମ୍ୟତା ଆଣିବା, ନୀତି ଆଦର୍ଶରେ ଅନୁପ୍ରାଣିତ କରିବା ଏବଂ ଉପଦେଶ ପ୍ରଦାନ କରିବା ।

କତିପୟ ଆଲୋଚକ 'ସାମ୍ୟ-ବାଦୀ' ୧୮୮୬, ୧୮୮୭ ଏବଂ ୧୮୮୮ ମସିହାରେ ମୁକ୍ତିଲାଭ କରିଥିବା ଉଲ୍ଲେଖ କରିଛନ୍ତି। ପ୍ରକୃତରେ 'ସାମ୍ୟ-ବାଦୀ'ର ଜନ୍ମକାଳ ବୈଶାଖ, ସନ-୧୨୯୫ ତଥା ଏପ୍ରିଲ୍ ୧୮୮୭ ମସିହା। କାରଣ ମେ ମାସ ୫ତାରିଖ 'ନବସଂବାଦ' ପୃଷ୍ଠା 'ପ୍ରାପ୍ତି ସ୍ୱୀକାର ଓ ସଂକ୍ଷିପ୍ତ ସମାଲୋଚନା' ଶୀର୍ଷକରେ ଥିଲା- "ଆମ୍ଭେମାନେ ବାବୁ ଶ୍ରୀ ଲଳିତ ମୋହନ ଚକ୍ରବର୍ତ୍ତୀଙ୍କ ଦ୍ୱାରା ପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରୁ ପ୍ରକାଶିତ 'ସାମ୍ୟବାଦୀ' ନାମକ ମାସିକ ପତ୍ରିକାର ପ୍ରଥମ ଖଣ୍ଡର ପ୍ରଥମ ସଂଖ୍ୟା ପାଇଥିବାର କୃତଜ୍ଞତା ସ୍ୱୀକାର କରୁଅଛୁ। ପତ୍ରିକା ଖଣ୍ଡି ଧର୍ମ୍ମ ବିଷୟ ଓ ବିନା ମୂଲ୍ୟରେ ପ୍ରେରିତ। ବିନା ମୂଲ୍ୟରେ ଧର୍ମ ବିଷୟରେ ପତ୍ରିକା ପ୍ରକାଶ କରିବାର ଅଭାବ ଆମ୍ଭେମାନେ ଅନକେ ଦିନହେଲା ବୋଧ କରୁଥିଲୁ। ଏହି ପତ୍ରିକା ସେହି ଅଭାବଟି ପୂରଣ କରିଥିବାରୁ ଆମ୍ଭେମାନେ ଅତ୍ୟନ୍ତ ସନ୍ତୁଷ୍ଟ ହୋଇଅଛୁ ଓ ତାହାର ସ୍ଥାୟୀ ଜୀବନ କାମନା କରୁଅଛୁ। ଏ ଖଣ୍ଡର ଲେଖା ବେଶ ହୃଦୟ ଗ୍ରାହୀ ହୋଇଅଛି। ତେବେ ଦୁଇ ଏକ ସ୍ଥାନରେ ଟିକିଏ ଟିକିଏ ବଙ୍ଗଳାମିଶା ପରି ବୋଧ ହେଲା।"[୧] ଏହି ସ୍ପଷ୍ଟୀକରଣକୁ ନେଇ 'ସାମ୍ୟ-ବାଦୀ'ର ଆରମ୍ଭ ଏପ୍ରିଲ୍ ୧୮୮୭ ମସିହା ; ଏହା ଅସ୍ୱୀକାର କରିହେବ ନାହିଁ। ତେବେ 'ସାମ୍ୟ-ବାଦୀ'ର ପ୍ରଥମ ସଂଖ୍ୟାରେ ବୈଶାଖ ସନ ୧୨୯୫ ଉଲ୍ଲେଖ ଅଛି। ଅବଶ୍ୟ ବୈଶାଖ ସନ ୧୨୯୫ ଏପ୍ରିଲ୍ ଓ ମେ ମାସ ଯେହେତୁ 'ସାମ୍ୟ-ବାଦୀ'ର ପ୍ରଥମ ସଂଖ୍ୟାକୁ ପାଇଥିବା 'ନବସଂବାଦ' ମେ ୫ସଂଖ୍ୟାରେ ଉଲ୍ଲେଖ ଅଛି, ତେଣୁ ଏହାର ଜନ୍ମ ଲଗ୍ନକୁ ଏପ୍ରିଲ୍ ୧୮୮୭ ମସିହା ଧରିନେବା ଶ୍ରେୟସ୍କର। ତା ଛଡ଼ା 'ସାମ୍ୟ-ବାଦୀ' ମାସିକ ପତ୍ର; ଏହା ସମ୍ବାଦ ପତ୍ର ନୁହେଁ; କେତେକ ଆଲୋଚକ ଏହାକୁ ସମ୍ବାଦ ପତ୍ରଭାବେ ଆଲୋଚନା କରିଥାନ୍ତି, ଏହା ଅମୂଳକ ବା ଭିତ୍ତିହୀନ। ନବମ ସଂଖ୍ୟା ପର୍ଯ୍ୟନ୍ତ 'ସାମ୍ୟ-ବାଦୀ'ର ମୁଖ ପୃଷ୍ଠାରେ ମାସିକ ପତ୍ର ଭାବେ ମୁଦ୍ରିତ। 'ସାମ୍ୟ-ବାଦୀ'ର ଦଶମ ସଂଖ୍ୟାଠାରୁ ସାମାନ୍ୟ ପରିବର୍ତ୍ତନର ପରିଲକ୍ଷିତ। ଏହି ସଂଖ୍ୟାରେ 'ଧର୍ମ ଓ ନୀତି ସମ୍ବନ୍ଧୀୟ ମାସିକ ପତ୍ର'ବୋଲି ପ୍ରକାଶିତ ।

ଊନବିଂଶ ଶତାବ୍ଦୀର ଏହି 'ସାମ୍ୟ-ବାଦୀ'ର ପ୍ରାୟତଃ ଅଧିକାଂଶ ଲେଖା ଧାର୍ମିକତାର ବୀଜମନ୍ତ୍ରରେ ଅନୁପ୍ରେରିତ। ଧାର୍ମିକତାକୁ ଭିତ୍ତିଭୂମି କରି ନୀତି-ଆଦର୍ଶ-ସାମ୍ୟତା ଦେଖାଇବାରେ 'ସାମ୍ୟ-ବାଦୀ'ର ସ୍ୱତନ୍ତ୍ର ପ୍ରୟାସ ଅନନ୍ୟ

ସଫଳତାର ପରିପ୍ରକାଶ । ଏହି ପ୍ରୟାସ ଊନବିଂଶ ଶତାବ୍ଦୀର ପତ୍ର-ପତ୍ରିକାରେ ଭିନ୍ନ ଆଲୋଡ଼ନ ସୃଷ୍ଟିକରିଛି ।

'ସାମ୍ୟ-ବାଦୀ'ର ପ୍ରଥମ ବର୍ଷର ବାରଟି ସଂଖ୍ୟାରେ ତିନିଜଣ ଲେଖକଙ୍କୁ ଦେଖାଯାଏ; ଯଥା- ସମ୍ପାଦକ ଲଳିତ ମୋହନ ଚକ୍ରବର୍ତ୍ତୀ, ରାଧାବିନୋଦ ବସୁ ଏବଂ ଭୂପତିନାଥ ବସୁ । ଭୂପତିନାଥ ବସୁଙ୍କର କେବଳ 'ସଙ୍ଗୀତ' ନାମରେ ଅନେକ କବିତା 'ସାମ୍ୟ-ବାଦୀ'ର ପାଠକକୁ ଭିନ୍ନ ସ୍ୱାଦ ଦେଇଛି । ଭଗ୍ନୀର କଲ୍ୟାଣ ପ୍ରାର୍ଥନା, ଆବାହନ,[୨] ପୂଜା, ଭିକ୍ଷା, ବାସନା, ମହିମା[୩] ଆଦି କବିତା ତାର ବଳିଷ୍ଠ ନିଦର୍ଶନ । ଏହି ସବୁ କବିତାଗୁଡ଼ିକର କବି ଭୂପତି ନାଥ ବସୁ । ଏ ପତ୍ରିକାର କେତେକ ଲେଖା ଅନୁବାଦ ପରି ମନେ ହୁଏ । କାରଣ ଅନେକ ଲେଖାର ଶେଷରେ 'ଗୋଲେଷ୍ଟାଁ' ଲେଖା ଅଛି; ଏପରି ଅନୁମାନ ପାଠକକୁ ସନ୍ଦେହରେ ରଖେ । ଏ ଅନୁମାନକୁ ଭିତ୍ତିଭୂମି କଲେ ଏ ସବୁ ଲେଖାର ଅନୁବାଦକ ନିଶ୍ଚିତ ଲଳିତ ମୋହନ ଚକ୍ରବର୍ତ୍ତୀ । ଏ ପତ୍ରିକାର ଶେଷରେ ଏକ ସୂଚିପତ୍ର ପ୍ରକାଶିତ; ଏ ସୂଚୀରୁ ଲଳିତମୋହନ ବୋଲି ସୁସ୍ପଷ୍ଟ । 'ସାମ୍ୟ-ବାଦୀ'ରେ କବିତା ବ୍ୟତୀତ ପ୍ରବନ୍ଧ, ବିଜ୍ଞାପନ, ପ୍ରାପ୍ତି ସ୍ୱୀକାର, ପ୍ରାପ୍ତ ଗ୍ରନ୍ଥର ସଂକ୍ଷିପ୍ତ ସମାଲୋଚନା ଆଦି ପ୍ରକାଶ ପାଇଛି । 'ସାମ୍ୟ-ବାଦୀ' ପୃଷ୍ଠାରେ 'ପାଗଳର ପ୍ରଳାପ' ଶୀର୍ଷକ ଲେଖାର ଧାରାବାହିକତା, କାହାଣୀ ଧର୍ମିତା ଏବଂ ବର୍ଣ୍ଣନା ଓ ଉପସ୍ଥାପନାକୁ ଅନୁଶୀଳନ କଲେ କଥା ପରମ୍ପରାରେ ଏହାକୁ ଉପନ୍ୟାସ କହିବା ଅସଙ୍ଗତ ମନେ ହୁଏନାହିଁ । 'ପାଗଳର ପ୍ରଳାପ' ଶୀର୍ଷକରେ ଅନେକ ଉପଶୀର୍ଷକ ଯଥା- ପ୍ରାସାଦ ଶିଖରେ, ଅରଣ୍ୟ ମଧ୍ୟରେ , ବନ୍ଧୁ ବିଚ୍ଛେଦରେ ଇତ୍ୟାଦି ପରିଲକ୍ଷିତ । ଏହି ଉପଶୀର୍ଷକଗୁଡ଼ିକ ମୁଖ୍ୟ ଶୀର୍ଷକରୁ ବିଚ୍ଛେଦ ନୁହେଁ । ଏଥିରେ କଥା ପରମ୍ପରାର ବଳିଷ୍ଠ ପରାକାଷ୍ଠା ଦେଖାଯାଏ; ବର୍ଣ୍ଣନାର ଚମତ୍କାରିତା ମଧ୍ୟ ପ୍ରତିଫଳିତ । ଏହି କ୍ରମେ 'ପାଗଳର ପ୍ରଳାପ' କିଛି ଅଂଶକୁ ଉଦ୍ଧାର କରାଗଲା । ଯଥା- "ସଂସାରରେ ଅନେକ ବନ୍ଧୁ ଖୋଜିଲି ଅନେକଙ୍କୁ ମନୋନୀତ କଲି-ସେମାନଙ୍କୁ ବେନିକର ଯୋଡ଼ି କହିଲି ତୁମ୍ଭେମାନେ ମୋହର ପ୍ରୀତି ମୋହର ବନ୍ଧୁତା ଗ୍ରହଣ କର ଏବଂ ତୁମ୍ଭମାନଙ୍କର ସ୍ନେହ ମୋତେ ପ୍ରଦାନ କର । କିନ୍ତୁ ସେମାନେ କେହି ମୋହର କଥା ଶୁଣିଲେ ନାହିଁ । ସମସ୍ତେ ପାଗଳ ବୋଲି ଉପହାସ କଲେ- ପାପୀ ବୋଲି ଘୃଣାକଲେ- ପାଷାଣ୍ଡ ବୋଲି ତଡ଼ିଦେଲେ । ମୁଁ ସେମାନଙ୍କ ନିକଟରୁ ତାଡ଼ିତ ହୋଇ ଅଶ୍ରୁପୂର୍ଣ୍ଣ ନୟନରେ ହେ ଅରଣ୍ୟ ! ତୁମ୍ଭ ନିକଟକୁ ଆସିଅଛି । ତୁମ୍ଭେମୋତେ ଗ୍ରହଣ କର-ତୁମ୍ଭର ପ୍ରୀତିରେ ମୋତେ ବାନ୍ଧ- ତୁମ୍ଭର ଶୀତଳ ଛାୟାର ଥରେ ବସିବାକୁ ଦିଅ । ମୁଁ ଉତ୍ତପ୍ତ ମସ୍ତକ ଘେନି ସଂସାରରୁ ଆସିଅଛି, ଭଗ୍ନ ହୃଦୟରେ ନିବେଦନ କରୁଅଛି, ମୋତେ ଆଉ ରୀତିହସ୍ତରେ ଫେରାଇ ଦିଅନା । କୌଣସି ପ୍ରକାର ବନ୍ଧୁତାର ଚିହ୍ନ-ପ୍ରେମର ଉପହାର ମୋତେ ପ୍ରଦାନ କର । ମୁଁ ସଂସାରରେ ଯାଇ ତାହା ଦେଖୁଥିବି ଆଉ ତୁମ୍ଭକୁ ସ୍ମରଣ କରି ବାରମ୍ବାର ଧନ୍ୟବାଦ ଦେଉଥିବି ।"[୪] ଲେଖକ ମୁଁ ଚରିତ୍ର ଭିତରେ କାହାଣୀର ଗତିଶୀଳତାକୁ ପ୍ରାଧାନ୍ୟ ଦେଇଛନ୍ତି । ଏ ମୁଁ ଚରିତ୍ର ଭିତରେ ପାଗଳାମୀ, ତାର କଥାକୁ ପ୍ରଳାପ ଭାବେ ଅନୁମୋଦିତ ହୋଇଥିବାର ଲକ୍ଷ୍ୟ କରାଯାଏ । ତେଣୁ ଏଇ ଧରଣର ଲେଖାଟି 'ପାଗଳର ପ୍ରଳାପ' ନାମକରଣକୁ ସାର୍ଥକତା ପ୍ରତିପାଦନ କରିଛି । ତେଣୁ ଏହାର କାହାଣୀଧର୍ମିତା ଓ ବର୍ଣ୍ଣନାତ୍ମକତା ପାଇଁ 'ପାଗଳର ପ୍ରଳାପ'କୁ ଉପନ୍ୟାସ କହିବା ନିଷ୍ପ୍ରୟୋଜନ ନୁହେଁ ।

'ସାମ୍ୟ-ବାଦୀ'ର ପ୍ରତ୍ୟେକ ସଂଖ୍ୟାର ପ୍ରଥମ ଲେଖାକୁ ହୁଏତ ସମ୍ପାଦକୀୟ ମନ୍ତବ୍ୟ କୁହାଯାଇ ପାରେ । ମାତ୍ର ଅଧିକାଂଶ ଲେଖା ସମ୍ପାଦକଙ୍କର ହୋଇଥିବାରୁ କେତେକ ସ୍ଥଳେ ଏ କ୍ଷେତ୍ରରେ ଭ୍ରମ ସୃଷ୍ଟିକରେ; ଯଦିଓ ପ୍ରତ୍ୟେକ ସମ୍ପାଦକୀୟ ମଧ୍ୟ ଗୋଟିଏ ଗୋଟିଏ ସାର୍ଥକ ପ୍ରବନ୍ଧ; ଏହା ଅସ୍ୱୀକାର କରାଯାଇ ନପାରେ । ପ୍ରବନ୍ଧ ଥିଲା 'ସାମ୍ୟ-ବାଦୀ' ପୃଷ୍ଠାର ଏକ ସାର୍ଥକ ଓ ବଳିଷ୍ଠ ବିଭାଗ । ପ୍ରଥମ ବର୍ଷ ଦ୍ୱିତୀୟ ସଂଖ୍ୟାରେ ଶ୍ରୀ ରାଧାବିନୋଦ ବସୁଙ୍କ 'ବୈରାଗ୍ୟ ସାଧନ' ପ୍ରବନ୍ଧକୁ ଛାଡ଼ିଲେ ପ୍ରାୟତଃ ଅନ୍ୟ ସମସ୍ତ ପ୍ରବନ୍ଧ ଥିଲା ସମ୍ପାଦକ ଲଳିତ ମୋହନ ଚକ୍ରବର୍ତ୍ତୀଙ୍କର । ତେବେ କେତେକ ଲେଖା ଯଥା- 'କ୍ଷମାଶୀଳ ମନ୍ତ୍ରୀ'(୧/୮ ସଂଖ୍ୟା, ପୃଷ୍ଠା-୬୪), ୧/୯ ସଂଖ୍ୟାରେ- 'ଦାନଶୀଳ ରାଜକୁମାର', 'ପାପଧନ ପ୍ରାୟଶ୍ଚିତ୍ତିରେ ନଷ୍ଟହୁଏ', 'ମୃତ୍ୟୁଶାୟୀ ନରପତିଙ୍କ ଅନୁତାପ', ୧/୧୦ ସଂଖ୍ୟାରେ- 'ଈର୍ଷା ପରାୟଣ ବ୍ୟକ୍ତିମାନଙ୍କର ଈର୍ଷା ହିଁ ଏକ ମହାଯନ୍ତ୍ରଣା', ୧/୧୨ ସଂଖ୍ୟାରେ- 'ରକ୍ତଦୋଷ' ଓ 'ମୋହର ଶରୀର କି ଅମର' ଆଦି ଲେଖା ଅନୁବାଦ ପରି ଅନୁମିତ । କାରଣ ଏହି ସବୁ ଲେଖାର ଶେଷରେ 'ଗୋଲେଷ୍ଟାଁ' ଲେଖା ଅଛି । 'ଅଭୟ', 'ଅସମ୍ପ୍ରଦାୟିକ ଧର୍ମ', 'ଅନୁତାପର ଅଶ୍ରୁଜଳ', 'ଦାତା ଏବଂ ଦୟାଳୁ ପରମେଶ୍ୱର'(୧/୧ ସଂଖ୍ୟା), 'ଗୁରୁଭକ୍ତି',

'ଉପମନ୍ୟୁ'(୧/୨ ସଂଖ୍ୟା), 'ଦର୍ପଚୂର୍ଣ୍ଣ', 'ବିବେକ ବିରୁଦ୍ଧ ଆଚରଣ' (୧/୩ସଂଖ୍ୟା), 'ଧ୍ରୁବ ଚରିତ' (୧/୪ ସଂଖ୍ୟା), 'ବେଶ୍ୟା ମୁକ୍ତ ବିଲ୍ୱମଙ୍ଗଳଙ୍କ ଜୀବନ ଚରିତ'(୧/୫ସଂଖ୍ୟା), 'ନିରୁପାୟର ଉପାୟ ପରମେଶ୍ୱର(୧/୭ସଂଖ୍ୟା)', 'ମଦ୍ୟକି ବଳକର ପଦାର୍ଥ', 'ଋଷିଙ୍କ ପ୍ରାର୍ଥନା'(୧/୮), 'ଚିତ୍ତବୃତ୍ତି'(୧/୧୦), 'ମାନବର ସ୍ୱାଧୀନତା' ଏବଂ 'ଈଶ୍ୱରଙ୍କ ପ୍ରେମ', 'ନିର୍ବିକଳ୍ପ ଓ ସତକଳ୍ପ ଜ୍ଞାନ' (୧/୧୧) 'ବୈରାଗ୍ୟ ସାଧନ କି ଚକ୍ଷୁନିମୀଳନ ନା ସ୍ୱତନ୍ତ୍ର ବସ୍ତୁ', 'ନିରପରାଧିର ଶିରଚ୍ଛେଦନ'(୧/୧୨), ଆଦି ପ୍ରବନ୍ଧର ରୂପରେଖରେ ବିଦ୍ୟମାନ । ଏଗୁଡ଼ିକ ପ୍ରାୟତଃ ଧର୍ମ, ନୀତି, ଉପଦେଶ ମୂଳକ ମନେହୁଏ । ସାଙ୍କେତିକ ଚିତ୍ରର ପ୍ରତିଫଳନରେ ଏହି ପ୍ରବନ୍ଧଗୁଡ଼ିକ ଭିନ୍ନ ପରିଚୟ ଦିଏ । କେତେକ ପ୍ରବନ୍ଧ ସାଧାରଣ ଜନତାଙ୍କୁ ସଚେତନ କରିବାରେ ପ୍ରୟାସ କରିଛି । ଦୃଷ୍ଟାନ୍ତ ସ୍ୱରୂପ 'ମଦ୍ୟ କି ବଳକର ପଦାର୍ଥ' ତାର ସାର୍ଥକ ନମୁନା । ଉତ୍ତମ ଚରିତ୍ର ଗଠନ ଓ ଜାତୀୟତାର ମୋହରେ ଆବିଷ୍ଟ ହେବାକୁ 'ଜାତୀୟ ସାହିତ୍ୟ ଓ ଜାତୀୟ ଚରିତ୍ର' ପ୍ରବନ୍ଧଟି ପାଠକକୁ ପ୍ରବର୍ତ୍ତାଇଛି ।

ପୁସ୍ତକ ବିକ୍ରୟ ନିମନ୍ତେ 'ସାମ୍ୟ-ବାଦୀ'ର ପ୍ରଥମ ସଂଖ୍ୟାରେ ଏକ 'ବିଜ୍ଞାପନ' ପ୍ରଚାର ଭିତ୍ତିକ ଗଦ୍ୟର ସୂଚନା ପ୍ରଦାନ କରିଛି । ଆଉ ଏକ ବିଜ୍ଞାପନ 'ନୂତନ ପୁସ୍ତକ- ଶଙ୍କରାଚାର୍ଯ୍ୟ' ୧୧ଶ ସଂଖ୍ୟା ଏହାର ସ୍ୱାକ୍ଷର ବହନ କରେ । ସମୀକ୍ଷା ବା ସମାଲୋଚନା ଧାରାକୁ ଧରି ରଖି ଥିବା ନବମ ଓ ଏକାଦଶ ସଂଖ୍ୟାରେ ପ୍ରକାଶିତ ସମୀକ୍ଷାତ୍ମକ ବିଶ୍ଳେଷଣ ତା'ର ପରିଚୟ ଦିଏ ।

ପ୍ରକୃତରେ 'ସାମ୍ୟ-ବାଦୀ' ଏକ ଧାର୍ମିକତାର ଆଶା ସଞ୍ଚାର କରିଥିଲେ ମଧ୍ୟ ଓଡ଼ିଆଙ୍କ ମାନସିକତାରେ ନୀତି ଓ ଆଦର୍ଶର ଆଲୋଡ଼ନ ସୃଷ୍ଟି କରିଛି ।

**ପ୍ରାନ୍ତଟୀକା :**


୧. ନବସଂବାଦ: ୧ମ ଭାଗ ୧୪ଶ ସଂଖ୍ୟା, ମେ ୫-୧୮୮୭, ପୃଷ୍ଠା-୬୦; ସୌଜନ୍ୟ- ଉତ୍କଳ ସାହିତ୍ୟ ସମାଜ ପାଠାଗାର, କଟକ ।

୨. ସାମ୍ୟ-ବାଦୀ: ୧/୪ ସଂଖ୍ୟା, ସନ ୧୨୯୫ – ଶ୍ରାବଣ (୧୮୮୭), ପୃଷ୍ଠା-୩୨; ସୌଜନ୍ୟ- ଉତ୍କଳ ସାହିତ୍ୟ ସମାଜ ପାଠାଗାର, କଟକ ।

୩. ତତ୍ରୈବ: ୧/୬ ସଂଖ୍ୟା, ସନ-୧୨୯୫-ଆଶ୍ୱିନ (୧୮୮୭), ପୃଷ୍ଠା-୪୬ ଓ ୪୭ ।

୪. ତତ୍ରୈବ: ୧/୮ ସଂଖ୍ୟା, ସନ-୧୨୯୫-ମାର୍ଗଶିର (୧୮୮୭), ପୃଷ୍ଠା-୬୧ ।



ଅଧ୍ୟାପକ, ଓଡ଼ିଆ ବିଭାଗ
ଆଗରପଡ଼ା କଲେଜ, ଆଗରପଡ଼ା, ଭଦ୍ରକ
ଦୂରଭାଷ : ୮୦୯୩୦୪୯୬୬୩

ISSN -2583-147X(P), Vol.- 9, Issue No.I, April 2023
Bastabatara Pariprakash Prachee
*Peer Reviewed and Referred Research Journal*

# ସଂରଚନାବାଦ ଅନ୍ତର୍ଭୁକ୍ତ ପେରୋଲ୍ ପରିପ୍ରେକ୍ଷୀରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'

ଡ. ରବୀନ୍ଦ୍ର କୁମାର ଦାସ

**ସୂଚନାମୂଳକ ଶବ୍ଦ :**

ସଂରଚନାବାଦ, ଲାଙ୍ଗ୍, ପେରୋଲ୍, ଭାଷା ନିବନ୍ଧନ (Language Register) ଏବଂ 'ଛମାଣ ଆଠଗୁଣ୍ଠ'ର ଭାଷିକ ବୈଶିଷ୍ଟ୍ୟ ।

**ସଂକ୍ଷିପ୍ତ ସାର :**

ଏହି ପ୍ରବନ୍ଧରେ ପ୍ରଥମେ ସଂରଚନାବାଦ ସମ୍ପର୍କରେ କିଛି କୁହାଯାଇଛି । ତା'ପରେ ସଂରଚନାବାଦ ଅନ୍ତର୍ଗତ ପେରୋଲ୍ ପକ୍ଷ ସମ୍ପର୍କରେ ବିଶେଷ ସୂଚନା ଦିଆଯାଇଛି । ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ବିଭିନ୍ନ ସ୍ଥାନ ତଥା ଭୌଗୋଳିକ ପରିବେଶରୁ ଆସିଥିବା ଚରିତ୍ରମାନେ କେମିତି ଭାଷା ନିବନ୍ଧନ ବା Language Register ର ବିବିଧ ପ୍ରାୟୋଗିକ ବୈଶିଷ୍ଟ୍ୟକୁ ଧରି ରଖିଛନ୍ତି, ସେ କଥା ଆଲୋଚନା କରାଯାଇଛି । ସେହି ଆଲୋଚନା ପରିପ୍ରେକ୍ଷୀରେ 'ଛମାଣ ଆଠଗୁଣ୍ଠ'ର ବିଭିନ୍ନ ଚରିତ୍ର ମୁହଁରେ ଯେଉଁ ଭାଷିକ ପ୍ରାୟୋଗିକ ସଂରଚନା ଫକୀରମୋହନ ସଂଯୁକ୍ତ କରିଛନ୍ତି, ସେ ସମ୍ପର୍କରେ ତର୍ଜମା କରାଯାଇଛି ।

ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ' ସମ୍ପର୍କରେ ବିଶେଷ କିଛି ଉପକ୍ରମ କିମ୍ବା ସୂଚନା ଦେବାର ନାହିଁ । ଏହି ଉପନ୍ୟାସଟି ୧୮୯୭ ମସିହାରୁ ଧାରାବାହିକ ଭାବରେ 'ଉତ୍କଳ ସାହିତ୍ୟ' ପ୍ରତ୍ରିକାରେ ପ୍ରକାଶ ପାଇଥିଲା । ଉପନ୍ୟାସରେ ଯେଉଁ କଥନକାଳ ରହିଛି ତା' ହେଉଛି ୧୮୯୭ ମସିହାରୁ ୧୮୯୯ ମସିହା ଅର୍ଥାତ୍ ମାତ୍ର ଦୁଇବର୍ଷ; କିନ୍ତୁ ଏହି ଉପନ୍ୟାସର କଥାକାଳ ହେଉଛି ୧୮୦୧ ମସିହାରୁ ୧୮୪୦ ମସିହା । ସମୁଦାୟ ଚାଳିଶ ବର୍ଷର ସ୍ଥାନଗତ, କାଳଗତ, ପାତ୍ରଗତ ବିନ୍ୟାସ ଏହାର ସାମଗ୍ରିକ ପ୍ରାସଙ୍ଗିକତା ।

ସଂରଚନାବାଦ ବା ଗଠନବାଦର ଇଂରାଜୀ ହେଉଛି 'Structuralism' । ଏହି 'Structuralism' ର ପ୍ରବର୍ତ୍ତକ ହେଉଛନ୍ତି ଫର୍ଡ଼ିନାଣ୍ଡ ଡି ସସ୍ୟୁର । ସଂରଚନାବାଦକୁ ଅଧିକ ବିକଶିତ ତଥା ସମୃଦ୍ଧ କରାଇଛନ୍ତି କ୍ଲଡ ଲେଭିଷ୍ଟ୍ରସ । ସଂରଚନାବାଦରେ ସସ୍ୟୁର ଲାଙ୍ଗ୍ ଏବଂ ପେରୋଲ୍ ନାମରେ ଦୁଇଟି ଶବ୍ଦ ବ୍ୟବହାର କରିଛନ୍ତି । ଲାଙ୍ଗ୍ କହିଲେ ସାଧାରଣତଃ ଯେ କୌଣସି ଏକ ଭାଷା ବଳୟ ବା 'କିନ୍‌ସିପ୍ ସିଷ୍ଟମ୍' ବା 'ଭାଷାବ୍ୟବସ୍ଥା' ଭିତରେ ପ୍ରଚଳିତ ଥିବା ଶବ୍ଦ ବା Signifier ର ଧ୍ୱନି ଶୃଙ୍ଖଳାକୁ ବୁଝାଏ । ଏହା ଭାଷାର ଏକ ଅମୂର୍ତ୍ତ ବ୍ୟବସ୍ଥା । ଏହାକୁ ବ୍ୟାକରଣିକ ବ୍ୟବସ୍ଥା ମଧ୍ୟ କହିହେବ । ଏହି ବ୍ୟବସ୍ଥା ବିଭିନ୍ନ ସିଦ୍ଧାନ୍ତ ତଥା ତତ୍ତ୍ୱଗତ ଅବଧାରଣା ଉପରେ ପ୍ରତିଷ୍ଠିତ ହୋଇଥାଏ । ଯେଉଁମାନେ ଭାଷା ବ୍ୟବହାର କରନ୍ତି ସେମାନେ ଏହି ନିୟମକୁ ମାନିଥାନ୍ତି । ଲାଙ୍ଗର ବ୍ୟାବହାରିକ ବା ପ୍ରାୟୋଗିକ ସ୍ତର ହେଉଛି ପେରୋଲ । ପେରୋଲରେ ଲାଙ୍ଗ ବା ଭାଷାର ଧ୍ୱନି ଶୃଙ୍ଖଳା ଦ୍ୱାରା ଗଠିତ ସଙ୍କେତ ବା ଶବ୍ଦକୁ ଯଥାର୍ଥରେ ଏବଂ ବାସ୍ତବରେ ଅବଧାରଣାତ୍ମକ ଦୃଷ୍ଟିରୁ ପ୍ରୟୋଗ କରାଯାଇଥାଏ ।

ପେରୋଲ୍ ଦୈନନ୍ଦିନ କଥାବାର୍ତ୍ତା ମଧ୍ୟ ଦେଇ ରୂପାୟିତ ହୁଏ; କିନ୍ତୁ ଏହାର ମୂଳ ଥାଏ ଲାଙ୍ଗ ଭିତରେ । ତେଣୁ ଗୋଟିଏ ଭାଷା ସମୁଦାୟ ବା ଭାଷା ସମ୍ପ୍ରଦାୟ ବା ଭାଷା ବଳୟରେ ଯେଉଁ ବ୍ୟାକରଣିକ ସଂରଚନା ଥାଏ, ତାକୁ ଯେତେବେଳେ ପ୍ରୟୋଗ କରାଯାଏ ଅର୍ଥାତ୍ ଭାଷା କହୁଥିବା ବ୍ୟକ୍ତିମାନେ ତାକୁ ଯେତେବେଳେ ଭାବ ପ୍ରକାଶ ପାଇଁ ଉପଯୋଗ କରନ୍ତି, ସେତେବେଳେ ସେହି ସ୍ତରକୁ ପେରୋଲ୍ ବୋଲି କୁହାଯାଏ ।

ସଂରଚନାବାଦ ଅନ୍ତର୍ଭୁକ୍ତ ପେରୋଲ୍ ସ୍ତରକୁ ଉଭିତ୍ତିକରି ଏ ଯେଉଁ ପ୍ରବନ୍ଧ ରଚନା କରାଯାଇଛି, ଏହାର ପରିକଳ୍ପନା

ପଶ୍ଚାତରେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ଭାଷିକ ବିବିଧତାକୁ କେନ୍ଦ୍ରଭାବରେ ଗ୍ରହଣ କରାଯାଇଛି ।

ଊନବିଂଶ ଶତାବ୍ଦୀର ଓଡ଼ିଆ ଗଦ୍ୟ ଭାଷା ବିଶେଷକରି ସଂସ୍କୃତ ବହୁଳ ମାର୍ଜିତ ରୁଚିସମ୍ପନ୍ନ ଶୁଦ୍ଧ ଗଦ୍ୟ ଭାଷା ନଟବର ସାମନ୍ତରାୟ ବୋଲି ଚିହ୍ନିତ ହୋଇ ଆସୁଥିଲା; କିନ୍ତୁ ଫକୀରମୋହନ ଏଇ ସଂସ୍କୃତ ବହୁଳ ମାର୍ଜିତ ରୁଚି ସମ୍ପନ୍ନ ଭାଷାବଳୟ (Language Kinship) ବ୍ୟବସ୍ଥା ମଧ୍ୟରୁ ଓଡ଼ିଆ ଭାଷାକୁ ମୁକ୍ତ କରାଇଥିଲେ । ସେଥିପାଇଁ ତାଙ୍କ କଥାସାହିତ୍ୟର ଭାଷା ଅଧିକ ଭାବରେ କଥିତ ଭାଷାର ଅଧିକ ନିକଟବର୍ତ୍ତୀ ବୋଲି ମନେହୁଏ । 'ଫର୍ଡ଼ିନାଣ୍ଡ ଡି ସସ୍ୟୁର' ଭାଷାର ଏହି କଥିତ ଦିଗ ତଥା କଥିତ ପକ୍ଷକୁ ଭାଷା ଚର୍ଚ୍ଚା କ୍ଷେତ୍ରରେ ଗୁରୁତ୍ୱ ଦେଇଥିଲେ । ଭାଷାର ଐତିହାସିକ ଓ କାଳାନୁକ୍ରମିକ ସ୍ତର ଅପେକ୍ଷା ଭାଷାର ସମକାଳୀନ ବା ପ୍ରଚଳିତ ବା କଥିତ ସ୍ତରକୁ ହିଁ ଭାଷାର ମୁଖ୍ୟକେନ୍ଦ୍ର ଭାବରେ ବିବେଚିତ କରାଇଥିଲେ । ସେଥିପାଇଁ ସଂରଚନାବାଦର ସମସ୍ତ ପ୍ରକାର୍ଯ୍ୟ ଏହି କଥିତ ବା ପ୍ରଚଳିତ ଭାଷା ଉପରେ ପ୍ରତିଷ୍ଠିତ । ତେବେ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ଭାଷା ଅତ୍ୟନ୍ତ ପରୀକ୍ଷାଧର୍ମୀ ମନେହୁଏ । ଏଇ ଭାଷା ଅଧିକାଂଶ ସମୟରେ ସ୍ୱାଭାବିକ ଲାଗେ ଅର୍ଥାତ୍ କୃତ୍ରିମତାଯୁକ୍ତ ମନେହୁଏ ନାହିଁ ।

ସେଥିପାଇଁ ଫକୀରମୋହନ 'ଛମାଣ ଆଠଗୁଣ୍ଠ'ର ଘଟଣା ବିନ୍ୟାସ, ଚରିତ୍ର ଚିତ୍ରଣ ଇତ୍ୟାଦି ଯେତେବେଳେ କରିଛନ୍ତି, ସେତେବେଳେ ପ୍ରଚଳିତ ଭାଷିକ ସ୍ତରକୁ ଅଧିକ ଦୃଷ୍ଟି ଦେଇଛନ୍ତି । ଫଳରେ ତାଙ୍କ 'ଛମାଣ ଆଠଗୁଣ୍ଠ'ର ଭାଷା ବହୁବିଧ ଭୌଗୋଳିକ ବଳୟ ଭିତରୁ ଆସିଥିବା ଚରିତ୍ରମାନଙ୍କର ଭାଷାଦ୍ୱାରା ସମୃଦ୍ଧ ହୋଇଛି । ତା' ସହିତ ଏଭଳି ଭାଷିକ ପ୍ରୟୋଗ ତଥା ପରୀକ୍ଷାଦ୍ୱାରା ଅପୂର୍ବ ଶୈଳୀୟ ସୌନ୍ଦର୍ଯ୍ୟ ମଧ୍ୟ ପ୍ରକଟିତ ହୋଇଛି । ତା' ସହିତ ଫକୀରମୋହନଙ୍କ ଗଦ୍ୟରଚନା ଏକ ଅନନ୍ୟ ଭାଷିକ ଶୈଳୀ ଭାବରେ ସମସ୍ତଙ୍କ ଦ୍ୱାରା ଗୃହୀତ ତଥା ଆଦୃତ ହୋଇଛି ।

ଏହି ପ୍ରବନ୍ଧରେ ଯେଉଁ ବିଶ୍ଳେଷଣାତ୍ମକ ପଦ୍ଧତିକୁ ଅବଲମ୍ବନ କରାଯାଇଛି ତାହା ହେଉଛି ଶୈଳୀବିଜ୍ଞାନ ଅନ୍ତର୍ଗତ ଭାଷା ଚର୍ଚ୍ଚାର Language Register ବା ଭାଷା ନିବନ୍ଧନ କ୍ଷେତ୍ରରେ ପରିଦୃଷ୍ଟ ହେଉଥିବା ପଦ୍ଧତି । କଥାସାହିତ୍ୟରେ ଯେତେବେଳେ ବିଭିନ୍ନ ଚରିତ୍ରମାନଙ୍କୁ ଚିତ୍ରଣ କରାଯାଏ, ସେତେବେଳେ ସେମାନଙ୍କ ସମ୍ମେଳନରେ ବିଭିନ୍ନ ଘଟଣା ଘଟେ । ତଦ୍ଦ୍ୱାରା କଥା ସାହିତ୍ୟର କଥାବସ୍ତୁ ଗତିଶୀଳ ହୁଏ । ସେତେବେଳେ ଯେଉଁ ଚରିତ୍ର ଯେଉଁ ଭାଷାବଳୟ ଭିତରୁ ଆସିଥାଏ ସିଏ ତା' ମୁଖରେ ସେହିଭଳି ଭାଷା ଉଚ୍ଚାରଣ କରେ । ସେହିଭଳି ଭାଷା ଉଚ୍ଚାରଣ କରିବା ଦ୍ୱାରା ପାଠକେ ସେହି ଚରିତ୍ରର ମୂଳ ଭାଷା ବଳୟ ବା ଭାଷା ବ୍ୟବସ୍ଥା ସମ୍ପର୍କରେ ଅବଗତ ହୁଅନ୍ତି । ଏଇ ଯେଉଁ ପ୍ରକ୍ରିୟା ଏହା ପ୍ରାୟତଃ ଅଧିକାଂଶ କଥାସାହିତ୍ୟରେ ରହିଥାଏ । ଅର୍ଥାତ କଥକ ବା କଥାକାର ଯେତେବେଳେ କଥା ରଚନା କରନ୍ତି, ସେତେବେଳେ ସେ ବିଭିନ୍ନ ପ୍ରକାରର ଚରିତ୍ରକୁ ତାଙ୍କ ଉପନ୍ୟାସରେ ସଂଯୁକ୍ତ କରନ୍ତି । ତା' ସହିତ ସେଇ ଚରିତ୍ରମାନଙ୍କ ମୁହଁରେ ବିଭିନ୍ନ ପ୍ରକାରର ପାତ୍ରମୁଖୀ ଭାଷାର ସଂଯୋଜନା କରିଥାନ୍ତି । ସେଥିପାଇଁ ବିଶେଷକରି ଉପନ୍ୟାସ ପ୍ରଭୃତି କଥା ରଚନାରେ ବହୁ ପ୍ରକାରର କ୍ଷେତ୍ରୀୟ ଭାଷାର ବ୍ୟବହାର କରାଯାଇଥାଏ ।

ଏ ଧରଣର ଭାଷିକ ବ୍ୟାବହାରିକତାକୁ Language Register ବା ଭାଷା ନିବନ୍ଧନ କୁହାଯାଏ । ଏହି ଭାଷା ନିବନ୍ଧନ ଦ୍ୱାରା ପାଠକମାନେ ବହୁଧରଣର ଭାଷା ସମ୍ପର୍କରେ ଅବଗତ ହେବା ସହିତ ସମ୍ପୃକ୍ତ ଭାଷାର ବିବିଧ କ୍ଷେତ୍ରୀୟ ବୈଶିଷ୍ଟ୍ୟ ସହିତ ମଧ୍ୟ ପରିଚିତ ହୋଇପାରନ୍ତି ।

ଧରାଯାଉ ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ର ଭାଷା । ଫକୀରମୋହନ 'ଛମାଣ ଆଠଗୁଣ୍ଠ'କୁ ମୁଖ୍ୟତଃ ଓଡ଼ିଆ ପାଠକମାନଙ୍କ ପାଇଁ ରଚନା କରିଛନ୍ତି । ଏଥିରେ ଓଡ଼ିଆ ଭାଷାର ବ୍ୟବହାର ହୋଇଛି; କିନ୍ତୁ ଏ ଓଡ଼ିଆ ଭାଷା, ସମଗ୍ର ଓଡ଼ିଶାରେ ଏକ ପ୍ରକାରର ହୋଇନଥାଏ । ଏମିତିକି ବିଭିନ୍ନ ଜାଗାରେ ଏଇ ଓଡ଼ିଆ ଭାଷା ଯେତେବେଳେ ଓଡ଼ିଆ କଥକଙ୍କ ଦ୍ୱାରା କୁହାଯାଏ; ସେତେବେଳେ ସେମାନେ ନିଜ ନିଜ କ୍ଷେତ୍ର ବା ଭୌଗୋଳିକ ପରିବେଶ ଅନୁସାରେ ବା ଭାଷାବଳୟର ବ୍ୟବସ୍ଥା ଅନୁସାରେ ଭାଷା ଉଚ୍ଚାରଣ କରିଥାନ୍ତି । ଫଳରେ ଗୋଟେ ରାଜ୍ୟରେ ଗୋଟେ ଅଞ୍ଚଳର ଭାଷା ଯାହା ହୋଇଥାଏ, ଆଉ ଗୋଟିଏ ଅଞ୍ଚଳର ଭାଷା ତା'ଠାରୁ ଭିନ୍ନ ହୋଇଥାଏ । ଫଳରେ ଜଣେ ପାଠକ ଜାଣିପାରେ ଯେ ଏଇ ଚରିତ୍ରଟି ଅମୁକ ଭାଷା ନିବନ୍ଧନ କ୍ଷେତ୍ରରୁ ଆସିଛି । ଏଇ ଚରିତ୍ରଟି ସମୁକ ଅଞ୍ଚଳର ଭାଷାନିବନ୍ଧନ କ୍ଷେତ୍ରରୁ ଆସିଛି । ତେଣୁ ଭିନ୍ନଭିନ୍ନ ପ୍ରେକ୍ଷାପଟରେ ଭିନ୍ନ ଭିନ୍ନ ଭାଷା ନିବନ୍ଧନ ପ୍ରଦର୍ଶିତ ହୋଇଥାଏ । ଏହାଦ୍ୱାରା କଥା ବିନ୍ୟାସରେ ଚମତ୍କାରିତା ତଥା ନବୀନତା ନିଷ୍ପନ୍ନ ହୁଏ ।

ପ୍ରବନ୍ଧର ଏହି ଭାଗରେ 'ଛମାଣ ଆଠଗୁଣ୍ଠ'ର ଭାଷିକ ବିଶ୍ଳେଷଣର ବିବିଧ ଦିଗକୁ ଆଲୋଚନା କରାଯାଉ । ପୂର୍ବରୁ କୁହାଯାଇଛି ଯେ, ସଂରଚନାବାଦରେ ଯେଉଁ ପେରୋଲ ପକ୍ଷଟି ରହିଛି, ସେହି ପକ୍ଷଟି ଯଦିଓ ମୂଳତଃ ଲାଙ୍ଗ୍‌ରୁ ଉଦ୍ଭବ ହୋଇଥାଏ,

ତଥାପି ତାହା ଏକ ପ୍ରାୟୋଗିକ ପ୍ରକ୍ରିୟାର ସ୍ତର ନିର୍ମାଣ କରିଥାଏ । ଯଦି ଲାଙ୍ଗ ଓ ପେରୋଲ୍ ଭିତରେ ଥିବା ବିଭିନ୍ନ ପାର୍ଥକ୍ୟ ତଥା ବିଶେଷତ୍ୱକୁ ଭଲଭାବରେ ବୁଝିବାପାଇଁ ଚେଷ୍ଟାକରାଯାଏ, ତେବେ ଲାଙ୍ଗ୍ କହିଲେ ଆମେ "the set of rules by which combine words into sentence, use certain words in certain ways, rules rarely altered in which all users of language follows." ଏହାକୁ ହିଁ ବୁଝିବା । ଅର୍ଥାତ୍ ଏଠାରେ ଲାଙ୍ଗ୍ କହିଲେ ଆମେ ଉଚ୍ଚାରିତ ଶବ୍ଦର ଧ୍ୱନି ଶୃଙ୍ଖଳାକୁ ବୁଝୁ । ଯେଉଁମାନେ ଭାଷା ବ୍ୟବହାର କରନ୍ତି, ସେମାନେ ଏଇ set of rules ବା ନିୟମ ଶୃଙ୍ଖଳାକୁ ମାନି ଚଳନ୍ତି ।

ତା'ପରେ ଆମେ ପେରୋଲ୍ କହିଲେ ତାକୁ ହିଁ ବୁଝିବା ଅର୍ଥାତ୍ "everyday speech where we use words in a particular context."

ଅର୍ଥାତ୍ ଦୈନନ୍ଦିନ ଜୀବନରେ ଆମେ ଯେଉଁ କଥନ ବା ଉଚ୍ଚାରଣ ବା ଭାଷା ବ୍ୟବହାର କରିଥାଉ ଏବଂ ସେଥିପାଇଁ ଯେଉଁ ଶବ୍ଦଗୁଡ଼ିକୁ ଆମେ ବ୍ୟବାହାର କରୁ, ସେଗୁଡ଼ିକ ଗୋଟେ ଗୋଟେ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ କେନ୍ଦ୍ରକରି ଉଚ୍ଚାରିତ ବା କଥିତ ହୋଇଥାନ୍ତି ଏବଂ ଏଇ ପ୍ରସଙ୍ଗ ହେଉଛି ମୂଳତଃ ଲାଙ୍ଗର ଏକ ପ୍ରାୟୋଗିକ ସ୍ତର । ସେଥିପାଇଁ ପେରୋଲକୁ ଭାଷାର ଜୀବନ୍ତ ସ୍ଥିତି ବୋଲି କୁହାଯାଏ । କାରଣ ପେରୋଲ୍‌ର ବ୍ୟାବହାରିକ ସ୍ତରବିନା ଭାଷାର କୌଣସି ଅର୍ଥ ନାହିଁ । ତା' ସହିତ ଲାଙ୍ଗ୍ ମଧ୍ୟ ନିଷ୍କ୍ରିୟ । ଅର୍ଥାତ୍ ଭାଷାର ପ୍ରାୟୋଗିକ ସ୍ତର ବା ପେରୋଲ୍ ସ୍ତର ବିନା ଲାଙ୍ଗ ଅସ୍ତିତ୍ୱହୀନ ।

ତେବେ 'ଛମାଣ ଆଠଗୁଣ୍ଠ'ରେ ଯେଉଁ ଯେଉଁ ଚରିତ୍ର ସବୁ ରହିଛନ୍ତି, ସେମାନେ ବିଭିନ୍ନ ପ୍ରକାରର ଭାଷା ଉତ୍ସରୁ ଆସିଛନ୍ତି ଏବଂ ସେମାନଙ୍କ ମୁହଁରେ ବିଭିନ୍ନ ପ୍ରକାରର ଭାଷା ଉଚ୍ଚାରିତ ହୋଇଛି । ଫଳରେ ସମଗ୍ର ଉପନ୍ୟାସରେ ନବୀନ ସ୍ୱାଦଯୁକ୍ତ ଭାଷିକ ନିର୍ମିତି ବା ସଂରଚନା ସମ୍ଭବ ହୋଇଛି । ଏଠାରେ ଯେଉଁ ଚରିତ୍ର ଯେଉଁ ଭଳି ଭାଷା ଉଚ୍ଚାରଣ କରିବା କଥା ତାକୁ ଫକୀରମୋହନ ସେଇଭଳି ଭାବରେ କରେଇଛନ୍ତି; କିନ୍ତୁ ଏଇ ଭାଷା ସବୁ ଭିନ୍ନଭିନ୍ନ ନ ହୋଇ 'ଛମାଣ ଆଠଗୁଣ୍ଠ' କଥା ରଚନାରେ ଗୋଟିଏ ସୂତ୍ରରେ ବନ୍ଧିତ ହୋଇଛନ୍ତି । ଫଳରେ ସେଠାରେ ଏକ ସାମଗ୍ରିକ ବିନ୍ୟାସ ବା କଥନିକା ନିର୍ମାଣ ହୋଇଛି ।

ବର୍ତ୍ତମାନ 'ଛମାଣ ଆଠଗୁଣ୍ଠ'ର ଭାଷିକ ବିବିଧତାକୁ ଆନୁକ୍ରମିକତା ରୀତିରେ ଏଠାରେ ଆଲୋଚନା କରାଯାଉ ।

**ଅଣଓଡ଼ିଆ ପେରୋଲ ଏବଂ 'ଛମାଣ ଆଠଗୁଣ୍ଠ'ର ଭାଷିକ ବୈଚିତ୍ର୍ୟ :**

'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ଅନେକ ଅଣଓଡ଼ିଆ ଚରିତ୍ର ଅଛନ୍ତି । ଯଥା - ଦାରୋଗା ଇନାଏତ ହୋସେନ, ଶେଖ ଦିଲ୍‌ଦାର ମିଆଁ, ମେଜେଷ୍ଟର ସାହେବ, ଏ.ବି.ସି.ଡ଼ି ଡଗଲାସ୍ ପ୍ରମୁଖ ।

ଏହି ଚରିତ୍ରମାନେ ଓଡ଼ିଆ ଭାଷା ନିବନ୍ଧନ କ୍ଷେତ୍ରରୁ ଆସି ନଥିବାରୁ ଏମାନଙ୍କ କଥାଭାଷାରେ ପାର୍ସୀ ଏବଂ ଇଂରାଜୀ ଭାଷାର ପେରୋଲ୍ ବ୍ୟବାହାର ହେଉଥିବାର ଲକ୍ଷ୍ୟ କରାଯାଏ ।

ଶେଖ୍ ଇନାଏତ୍ ହୋସେନ୍ ହେଉଛନ୍ତି କଟକ ଜିଲ୍ଲାର ଜଣେ ନାମଜାଦା ପୁଲିସ୍ ଦାରୋଗା । ସେ ପାର୍ସୀଭାଷା ତଥା ବୁଦ୍ଧିରେ ବଡ଼ ମଜବୁତ୍ । ସେ ଓଡ଼ିଆ ଭାଷାକୁ ଭଲପାଆନ୍ତି ନାହିଁ । ତାଙ୍କ ମତରେ ଓଡ଼ିଆ ନାଲାୟକ୍ ଇଲମ୍, ସେଥି ସକାଶେ ସେ ଓଡ଼ିଆ ଲେଖନ୍ତି ନାହିଁ । ସରକାରୀ କାଗଜରେ ସେ ପାର୍ସୀ ଦସ୍ତଖତ କରନ୍ତି । ବାରବର୍ଷ ହେଲା ସେ କେନ୍ଦ୍ରାପଡ଼ା ଥାନାରେ ଅଛନ୍ତି । 'ପୁଲିସ୍ ତଦାରଖୀ' ପରିଚ୍ଛେଦରେ ସାରିଆର ମୃତ୍ୟୁ ଉପରେ ଖାନତଲାସ କରିବା ପାଇଁ ଗୋବିନ୍ଦପୁରରେ ସେ ପହଞ୍ଚିଥାନ୍ତି । ବିଶେଷ କରି ରାମଚନ୍ଦ୍ର ମଙ୍ଗରାଜଙ୍କ ଘରେ । ସେ ନିଜ ଦାଢ଼ିରେ ହାତବୁଲେଇ କହୁଛନ୍ତି "ରାମଚନ୍ଦର ମଙ୍ଗରାଜ ! ଅବ କ୍ୟା ମତଲବ୍ ହୈ ରତନ୍‌ପୁର ଡୋମ ଲୋକୋଂକା ମାମଲା ୟାଦ୍ ହୈ କି ନେହିଁ ?" ଦାରୋଗା ସେଖ୍ ଇନାଏତ ହୋସେନ୍‌ଙ୍କର ଏଇ ଯୋଉ କଥାଭାଷା, ଏଇ କଥା ଭାଷାରେ ଓଡ଼ିଆ ପେରୋଲ୍‌ର କ୍ଷେତ୍ରୀୟତା ଅନୁପସ୍ଥିତ । ତା'ର ଏକମାତ୍ର କାରଣ ହେଉଛି; ଇନାଏତ ହୋସେନ୍ ଓଡ଼ିଆ ଭାଷା ନିବନ୍ଧନ କ୍ଷେତ୍ରରୁ ଆସି ନାହାନ୍ତି । ସେ ଯେହେତୁ ପାର୍ସୀ ଭାଷାରେ କଥାବାର୍ତ୍ତା କରନ୍ତି ସେଥିପାଇଁ ସେ ଉପନ୍ୟାସରେ ପାର୍ସୀ ବାକ୍ୟରେ ଭାବ ବିନିମୟ ବା ପଚରାଉଚରା କରିବା ପାଇଁ ପ୍ରୟାସ କରିଛନ୍ତି । ଏଠାରେ ଭାଷାର ଯେଉଁ ବ୍ୟାବହାରିକ କ୍ଷେତ୍ର ତାହା ପ୍ରକୃତରେ ଓଡ଼ିଆ ଭାଷା । ଅର୍ଥାତ୍ ଫକୀରମୋହନ 'ଛମାଣ ଆଠଗୁଣ୍ଠ' ଉପନ୍ୟାସକୁ ଓଡ଼ିଆ ଭାଷାରେ ଲେଖିଛନ୍ତି; କିନ୍ତୁ ଚରିତ୍ର ଜଣକ ଯେହେତୁ ଅଣଓଡ଼ିଆ ସେଥିପାଇଁ ତା ମୁଖରେ ସେ ଅଣଓଡ଼ିଆ ଭାଷାର ପେରୋଲକୁ ବା ପ୍ରାୟୋଗିକ ମାନକତାକୁ ସଂଯୁକ୍ତ କରୁଛନ୍ତି ।

ସେହିପରି ଅଷ୍ଟମ ପରିଚ୍ଛେଦରେ ଜମିଦାର୍ ସେଖ୍ ଦିଲ୍‌ଦାର ମିଆଁ ମୁହଁରେ ମଧ୍ୟ ଫକୀରମୋହନ ପାର୍ସୀଭାଷାର ବାକ୍ୟସଂଯୁକ୍ତ କରିଛନ୍ତି । ଏଇ ଚରିତ୍ର ଜଣଙ୍କ ସେହିଭଳି ସେଖ୍ କେ୍ରାମତ୍ ଅଲ୍ଲିଙ୍କର ପୁଅ ହେଇଥିବାରୁ ସିଏ କେବଳ ପାର୍ସୀ ଭାଷାରେ କଥାବାର୍ତ୍ତା

କରିପାରନ୍ତି । ଏଠାରେ ମଧ୍ୟ ସେଇ ଭାଷା ନିବନ୍ଧନ ପ୍ରସଙ୍ଗ ଆସିଛି । ଫକୀରମୋହନ ସେଥିପାଇଁ କହୁଛନ୍ତି "ପୂର୍ବେ ପାର୍ସୀବିଦ୍ୟାର ଭାରି ଆଦର ଥିଲା; ଅଦାଲତର ପ୍ରଚଳିତ ବିଦ୍ୟା ଥିଲା ପାର୍ସୀ । ଭାରତ ଭାଗ୍ୟରେ ବିଧାତା ଏପରି ଲେଖନ ମୂନ ମାରିଛନ୍ତି, କାଲି ଥିଲା ପାର୍ସୀ ଆଜି ହେଲା ଇଂରାଜୀ ଏ ଉତ୍ତାରେ କ'ଣ ହେବ ତାଙ୍କୁ ଜଣା" । ପରିଚ୍ଛେଦ-୮ । ଏଇ ଉକ୍ତିରୁ ଏକଥା ସ୍ପଷ୍ଟ ବୁଝାପଡୁଛି ଯେ ଓଡ଼ିଶାରେ ସେ ସମୟରେ ବିଶେଷକରି କୋର୍ଟ କଚେରୀରେ ପାର୍ସୀ ଆଉ ଇଂରାଜୀ ଭାଷାରେ ବିଭିନ୍ନ ସରକାରୀ କାର୍ଯ୍ୟ କରାଯାଉଥିଲା । ବିଶେଷ କରି ମୁସଲମାନମାନେ ଓ ଇଂରେଜମାନେ ଯେଉଁ ସମୟରେ ଶାସନ କରୁଥିଲେ, ସେ ସମୟରେ ଏଇ ବ୍ୟବସ୍ଥା ଥିଲା । ଏମିତିକି ତା'ର ପ୍ରଭାବ ଆଜି ପର୍ଯ୍ୟନ୍ତ ମଧ୍ୟରହିଛି । ସେଥିପାଇଁ ଫକୀରମୋହନ ସେଖ୍ ଦିଲ୍‌ଦାର ମିଆଁଙ୍କLanguage Register କୁ ପାର୍ସୀ ଭାଷାକୈନ୍ଦ୍ରିକ କରିବା ପାଇଁ ଚେଷ୍ଟା କରିଛନ୍ତି । ତେଣୁ ସେଖ୍ ଦିଲ୍‌ଦାର ମିଆଁ ଯେତେବେଳେ କଥାବାର୍ତ୍ତା କରିଛନ୍ତି; ଯଥା- "କ୍ୟା ?" "ରାଜଚନ୍ଦର ମାମଲାବାଜ୍" ?" ବା "ଆଚ୍ଛା ! ଓଇ ହୁଆ- ରାମଚନ୍ଦ୍ର ମଙ୍ଗୋରାଜ ।"- ଏଠାରେ ଦିଲ୍‌ଦାର ମିଆଁ ପାର୍ସୀ ଭାଷାର ବାକ୍ୟ ବ୍ୟବହାର କରିଛନ୍ତି । ତା'ର ଏକମାତ୍ର କାରଣ ହେଉଛି ସିଏ ଓଡ଼ିଆ ଭାଷା ଭଲ ଭାବେ ଜାଣି ନାହାଁନ୍ତି । ଯଦିଚ ଓଡ଼ିଶାରେ ଫତେପୁର ସରଷଣ୍ଡ ତାଲୁକର ଜମିଦାର ସେ ତଥାପି ସେ କେବଳ ପାର୍ସୀ ଭାଷାରେ କଥାବାର୍ତ୍ତା କରିପାରନ୍ତି ।

ଏଠାରେ ଫକୀରମୋହନ ପ୍ରମାଣ କରିବା ପାଇଁ ଚାହୁଛନ୍ତି ଯେ; ସେଖ୍‌ଦିଲ୍‌ଦାର୍ ମିଆଁର ଭାଷାକୁଟୁମ୍ବ ହେଉଛି "ପାର୍ସୀଭାଷା' । ଅର୍ଥାତ୍ ପାର୍ସୀ ଭାଷାର କିନ୍‌ସିପ୍ ବ୍ୟବସ୍ଥା ଭିତରେ ସିଏ ଜୀବନ ବଞ୍ଚେ ଓ ଭାବ ବିନିମୟ ମଧ୍ୟ କରେ । ସେଥିପାଇଁ ତା' ମୁହଁରେ ଫକୀରମୋହନ ପାର୍ସୀ ଭାଷାର ପେରୋଲକୁ ସଂଯୁକ୍ତ କରି 'ଛମାଣ ଆଠଗୁଣ୍ଠ'ରେ ପାର୍ସୀ ଭାଷାର ଭାଷିକ ନିବନ୍ଧନମୂଳକ କ୍ଷେତ୍ରୀୟତାକୁ ଅଭିବ୍ୟକ୍ତ କରିଛନ୍ତି ।

ଆଲୋଚ୍ୟ ଉପନ୍ୟାସର ପରିଚ୍ଛେଦ ଏକୋଇଶିରେ; ଯେଉଁ 'କଟକ ସେସନ୍ ଜଜ୍‌କୋର୍ଟ୍' ଶୀର୍ଷକଟି ରହିଛି, ସେଥିରେ ଯିଏ ବିଚାରକ ସେ ହେଉଛନ୍ତି ଇଂରେଜ ପେରୋଲ୍ କ୍ଷେତ୍ରର । ଯେତେବେଳେ ସେ ବିଭିନ୍ନ ପ୍ରସଙ୍ଗରେ ପଚରାଉଚରା ବା କଥାବାର୍ତ୍ତା କରୁଛନ୍ତି; ସେତେବେଳେ ତାଙ୍କ ଭାଷାରେ ଇଂରାଜୀ ଏବଂ ପାର୍ସୀର ପ୍ରଭାବ ରହୁଛି । ସେ ଗୋଟେ ଚିଠି ଲେଖୁଛନ୍ତି । ଫକୀରମୋହନ କହୁଛନ୍ତି, "ସାହେବ 'My Dear Laddy' ଆରମ୍ଭ କରି ଚଞ୍ଚଳ ଚିଠିଖଣ୍ଡ ଲେଖି ପକାଉଛନ୍ତି । ସେହି ଜଜ୍‌ସାହେବ ଯେତେବେଳେ ଆସାମୀ ଓକିଲକୁ ଅନେଇକି ପ୍ରଶ୍ନ କରୁଛନ୍ତି, ସେତେବେଳେ କହୁଛନ୍ତି "ତୁମାରା କୁଛୁ ସବାଲ ହୈ ?" ସେହିଭଳି "ନନସେନ୍ସ! ଅଉର କ୍ୟା ପୁଛନେକା ହୈ ପୁଛୋ ।" ବା "କୁଛୁବାତ୍ ନେହି ଗୋ ଅନ୍-ଚଲୋ ଚଲୋ ।" ସେହିଭଳି ଯେତେବେଳେ ଇଂରେଜ ଡାକ୍ତର ଏ.ବି.ସି.ଡ଼ି. ଡଗ୍ଲାସ୍ ଜମାନବନ୍ଦୀ ଦେଉଛନ୍ତି ଏବଂ ତାଙ୍କୁ ଯେତେବେଳେ ପଚରାଉଚରା କରାଯାଉଛି, ସିଏ ବି ସେହିଭଳି କିଛି କିଛି ଜାଗାରେ ଇଂରାଜୀ ମିଶା ଓଡ଼ିଆରେ କଥାବାର୍ତ୍ତା କରୁଛନ୍ତି । ଯେମିତି "ଆମ୍ଭେ ଆଜକୁ ସାଢ଼େ ଦଶବର୍ଷ ହେଲା ସିଭିଲ୍ ସର୍ଜନୀ କରି ଆସୁଅଛୁ । ପ୍ରଥମେ ମିଲେଟାରୀ ଡିପାଟମେଣ୍ଟରେ ଥିଲୁ । ଆମ୍ଭେ ଲଣ୍ଡନ କଲେଜରେ ଡାକ୍ତରୀ ପଢ଼ି ପାଶ୍ କରିଛୁଁ ।" ବା "ପ୍ରଥମେ ଆମ୍ଭେ ହସ୍‌ପିଟାଲ୍ ଆସିଷ୍ଟାଣ୍ଟ୍ ଥିଲୁ । ବର୍ମା ଯୁଦ୍ଧରେ ଆମର ପ୍ରମୋଶନ ହୋଇଛି ।"

ଏଠାରେ ଏ.ବି.ସି.ଡ଼ି. ଡଗ୍ଲାସ୍ ଯେଉଁ କଥୋପକଥନ କରିଛନ୍ତି ବା ଯେଉଁ ପେରୋଲ୍ ତାଙ୍କ ତୁଣ୍ଡରେ ସଂଯୁକ୍ତ କରିଛନ୍ତି ଫକୀରମୋହନ ସେନାପତି, ସେଥିରେ ଇଂରାଜୀ ଶବ୍ଦ କମ୍ ରହିଛି ଏବଂ ଓଡ଼ିଆ ଶବ୍ଦ ବେଶି ରହିଛି । ତେଣୁ ସେ ଏଇ ଇଂରେଜ ଡାକ୍ତର ଜଣଙ୍କୁ ଉଭୟ ଇଂରେଜୀ ଓ ଓଡ଼ିଆ Language Register ବା ଭାଷା ନିବନ୍ଧନ ଭିତ୍ତିରେ ଉପସ୍ଥାପିତ କରାଇଛନ୍ତି । ତେଣୁ ଏଠି ଭାଷା ନିବନ୍ଧନ ବା ପ୍ରାୟୋଗିକ ଭାଷିକ କ୍ଷେତ୍ରରେ ସାମାନ୍ୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଏ ।

ସେହିଭଳି ଓକିଲ ଯେତେବେଳେ କଥା ହେଉଛନ୍ତି, ଯଥା:- "ହଜୁର ଖୋଦାବନ୍ଦ-ମାଆ ବାପା- ଦୁନିଆ କା ବାଦଶା" ସେତେବେଳେ ତାଙ୍କ ଭାଷାରେ ବା ତାଙ୍କ କଥନରେ ପାର୍ସୀ ଭାଷାର ପ୍ରଭାବ ବା ପାର୍ସୀ ଭାଷାର ଶବ୍ଦାବଳୀ ସଂଯୁକ୍ତ ହୋଇଛି । ତେଣୁ ଫକୀରମୋହନଙ୍କ ଉପନ୍ୟାସରେ ଏ ଯେଉଁ ଅଣ-ଓଡ଼ିଆ ପେରୋଲ୍ ଆମେ ଲକ୍ଷ୍ୟକରୁ ତହିଁରେ କିଛିକିଛି ସ୍ଥାନରେ ସେଇ ଅଣଓଡ଼ିଆ ଚରିତ୍ରମାନେ ଓଡ଼ିଆ ଭାଷାକୁ ବିକୃତ ଭାବରେ ଉଚ୍ଚାରଣ କରୁଥିବାର ଲକ୍ଷ୍ୟ କରାଯାଏ; କିନ୍ତୁ ସେମାନେ ଯେଉଁ ଭାଷିକ କ୍ଷେତ୍ରରୁ ଆସିଥାନ୍ତି, ସେହି ଭାଷାର ଶବ୍ଦ ବ୍ୟବହାର କରିବାକୁ ଚେଷ୍ଟା କରନ୍ତି ।

ଏ ପ୍ରସଙ୍ଗ ଆମେ ଦିଲ୍‌ଦାର୍ ମିଆଁ ଏବଂ ଇନାଏତ ହୋସେନ୍ ତଥା ଜଜ୍‌ଙ୍କ ନିକଟରେ ଦେଖିବାକୁ ପାଉ । ଇଂରାଜୀ ଡାକ୍ତର ଏ.ବି.ସି.ଡ଼ି ଡଗ୍ଲାସ୍ ଯେତେବେଳେ କଥା କହନ୍ତି ସେତେବେଳେ ତାଙ୍କ କଥନରେ ଓଡ଼ିଆ ମିଶା ଇଂରାଜୀ ଆମେ ଦେଖିବାକୁ ପାଉ । ଅର୍ଥାତ୍ ସେ ବେଶି ଓଡ଼ିଆ ଶବ୍ଦଯୁକ୍ତ ଭାଷା କହନ୍ତି ଏବଂ ତହିଁରେ ଅଳ୍ପ କିଛି କିଛି ଇଂରାଜୀ ଶବ୍ଦ ମିଶାଇ

କହନ୍ତି । ଏ ଏକ ବ୍ୟତିକ୍ରମ ଫକୀରମୋହନଙ୍କର । ଏଠାରେ ସେ ପେରୋଲ କ୍ଷେତ୍ରକୁ ପରିବର୍ତ୍ତିତ କରି ଦେଇଛନ୍ତି ।

**ତତ୍ସମ/ସଂସ୍କୃତ ପେରୋଲ୍ ଏବଂ 'ଛମାଣ ଆଠଗୁଣ୍ଠ"ର ଭାଷିକ ବୈବିଧ୍ୟ :**

'ଛମାଣ ଆଠଗୁଣ୍ଠ' ଉପନ୍ୟାସରେ ଫକୀରମୋହନ ଜାଣିଶୁଣି କିଛିକିଛି ଓଡ଼ିଆ ପାତ୍ରଙ୍କ ମୁହଁରେ ତତ୍ସମ ଶବ୍ଦ ନହେଲେ ବାକ୍ୟାଂଶ କିମ୍ବା ବାକ୍ୟ ସଂଯୁକ୍ତ କରିଛନ୍ତି । ସେଇଭଳି ଜଣେ ଚରିତ୍ର ହେଉଛନ୍ତି ପରିଚ୍ଛେଦ ୨୮ (ଉପସଂହାର)ରେ ଥିବା କବିରାଜ ଚରିତ୍ର । ଏଇ କବିରାଜ ଜଣକଙ୍କ ଯେତେବେଳେ ଭୟଙ୍କର ରୋଗଗ୍ରସ୍ତ ହୋଇଥିବା ରାମଚନ୍ଦ୍ର ମଙ୍ଗରାଜଙ୍କୁ ଚିକିତ୍ସା କରିବାକୁ ଆସିଛନ୍ତି ସେତେବେଳେ ସେ କଥାକଥାକେ ସଂସ୍କୃତ ଆୟୁର୍ବେଦ ଶାସ୍ତ୍ରରୁ ବିଭିନ୍ନ ଶ୍ଳୋକ ଉଦ୍ଧାର କରି କହୁଛନ୍ତି । ଯେମିତିକି- "ଏଁ, ବୋଇଲା, 'ସ୍ୱର୍ଣ୍ଣାଦଷ୍ଟ ଗୁଣଂ ଶୋଥଂ' କିମ୍ବା 'କସ୍ତୁରୀ ତିଳକଂ ପେଟକୁ ଦିଆଯିବ । ଆଉ ତିଳକ କରିଦେବାକୁ ହେବ ।' କିମ୍ବା ପାଠ କହିଲା, 'ମୁସ୍ତକଂ କଟୁକୀ ରାତ୍ରୀ, ଶୁଣ୍ଠୀ ପିପ୍ପଲୀ ଏବଂ ଚ ।' କିମ୍ବା 'ଏଁ ବୋଇଲା ଅନୁପାନ ବିଶେଷଣ କରୋତି ବିବିଧାନ ଗୁଣାନ ।' ସେତେବେଳେ ଅର୍ଥାତ୍ ୧୮୦୧ ରୁ ୧୮୪୦ ମସିହା ମଧ୍ୟରେ କବିରାଜଙ୍କ ଭଳି ଶିକ୍ଷିତ ଲୋକମାନେ କଥା ହେଲାବେଳେଉତତ୍ସମ ଶବ୍ଦ ବେଶି ବ୍ୟବହାର କରୁଥିଲେ । ତେବେ କବିରାଜ ତ ଜଣେ ସଂସ୍କୃତ ଜାଣିଥିବା ବ୍ୟକ୍ତି । କାରଣ ସେ ଆୟୁର୍ବେଦ ଅଧ୍ୟୟନ କରିଛନ୍ତି ଏବଂ ଆୟୁର୍ବେଦ ଶାସ୍ତ୍ରରେ ଥିବା ବିଭିନ୍ନ ରୋଗ ପାଇଁ ଯେଉଁ ନିଘଣ୍ଟମାନ ରହିଛି ତାହା ସଂସ୍କୃତରେ ଲିଖିତ । ସେଥିପାଇଁ ସେ କଥାକଥାକେ ସଂସ୍କୃତ ବାକ୍ୟାଂଶ ବ୍ୟବହାର କରିଛନ୍ତି । ତାକୁ ଓଡ଼ିଆରେ ମଧ୍ୟ ବୁଝାଇଦେଇଛନ୍ତି ।

ତେଣୁ ଏଇ ଚରିତ୍ରଜଣକର ପେରୋଲ ବା ଭାଷିକ ବ୍ୟାବହାରିକ କ୍ଷେତ୍ରରେ ଉଭୟ ଓଡ଼ିଆ ଏବଂ ସଂସ୍କୃତ Language Register ସଂଯୁକ୍ତ ହୋଇଥିବାର ଲକ୍ଷ୍ୟ କରାଯାଏ ।

ଆଲୋଚ୍ୟ ଉପନ୍ୟାସର ବହୁ ସ୍ଥାନରେ ଫକୀରମୋହନ ନିଜେ ଜାଣିଶୁଣି ଅନେକ ତତ୍ସମ ଶବ୍ଦଯୁକ୍ତ ବାକ୍ୟ ତଥା ଉଦ୍ଧୃତାଂଶ ସଂଯୁକ୍ତ କରିଛନ୍ତି । ଯେମିତିକି ଶିବୁପଣ୍ଡିତଙ୍କ ପ୍ରସଙ୍ଗରେ ଫକୀରମୋହନ ବର୍ଣ୍ଣନା କଲାବେଳେ କହୁଛନ୍ତି ଯେ ସାଆନ୍ତଙ୍କୁ ହଠାତ୍ ପଛରୁ ଦେଖି ତରତର ହୋଇ ସାଢ଼େ ସାତ ହାତ ଆଡ଼ ହୋଇଗଲେ ଏବଂ ଡାଳଟା ତଳେ ଥୋଇଦେଇ 'ଧନୁକାକାର ଧାରଣ ପୂର୍ବକ' 'ଅଞ୍ଜଳିବଦ୍ଧୋ ଭୂତ୍ୱା' ସାଆନ୍ତଙ୍କର କୌଣସି କୀର୍ତ୍ତି ମାୟୁର୍ଯ୍ୟଶଃଶ୍ରିୟଂ' କାମନା କଲେ ! କିମ୍ବା ଶିବୁ ପଣ୍ଡିତ ଶ୍ଳୋକଟିଏ ପଢ଼ିକି କହୁଛନ୍ତି;

ଅଦ୍ୟ ପ୍ରାତରେ ବାନିଷ୍ଟ ଦର୍ଶନମ୍, ଜାତମ୍, ନ ଜାନେ, କିମନଭିମ୍ ଦର୍ଶୟିଷ୍ୟତି" । କିମ୍ବା ଫକୀର ମୋହନଙ୍କର ବିଭିନ୍ନ ତତ୍ସମ ଶବ୍ଦଯୁକ୍ତ ଉଦ୍ଧୃତି- ଏମିତିକି ଚମ୍ପା ରୂପବର୍ଣ୍ଣନା କଲାବେଳେ ବିଭିନ୍ନ ତତ୍ସମ୍ ଶବ୍ଦଯୁକ୍ତ ଭାଷିକ ବିନ୍ୟାସ ବା ବୁଢ଼ୀମଙ୍ଗଳା ପ୍ରସଙ୍ଗରେ ମଧ୍ୟ ବିଭିନ୍ନ ତତ୍ସମ ଶବ୍ଦଯୁକ୍ତ ଭାଷିକ ଅଭିବ୍ୟକ୍ତିରେ ଆମେ ଓଡ଼ିଆ ଭାଷିକ ବ୍ୟାବହାରିକ କ୍ଷେତ୍ର ମଧ୍ୟରେ ସଂସ୍କୃତ ବା ତତ୍ସମ ଶବ୍ଦର ଭାଷିକ ବ୍ୟାବହାରିକ କ୍ଷେତ୍ରୀୟତାକୁ ଦେଖିବାକୁ ପାଉ ।

ଏ ଧରଣର ବର୍ଣ୍ଣନା ବା ଏ ଧରଣର ବିନ୍ୟାସକରଣ ଫକୀରମୋହନ ଜ୍ଞାତ ସାରରେ କରିଛନ୍ତି । ତେଣୁ ବେଳେ ବେଳେ ମନେହୁଏ ଏ 'ଛମାଣ ଆଠଗୁଣ୍ଠ' ଗୋଟେ ଉପନ୍ୟାସ ନୁହେଁ, ଇଏ ହେଉଛି ଓଡ଼ିଆ ଭାଷା ବା ଓଡ଼ିଶାର ଭାଷା ଇତିହାସର ବା ଭାଷା ଚର୍ଚ୍ଚା ପରମ୍ପରାର ଗୋଟିଏ ଲାଙ୍ଗୁଏଜ୍ ଲାବୋରେଟୋରି ବା ଭାଷା ପ୍ରୟୋଗଶାଳା । ବିଭିନ୍ନ ପ୍ରକାରର ଭାଷାର ପ୍ରାୟୋଗିକ ବିବିଧତା ଆମେ ଏ ଉପନ୍ୟାସରେ ଲକ୍ଷ୍ୟକରୁ । ଏମିତିକି ଫକୀରମୋହନ ଏଇ ଉପନ୍ୟାସର ବହୁ ସ୍ଥାନରେ ମାନକ ଓଡ଼ିଆ ବା କଥିତ ଓଡ଼ିଆ ଭାଷା ସହିତ ଅନ୍ୟ ଭାଷାମାନଙ୍କୁ ମିଶାଇ ଗୋଟେ ଚମତ୍କାର ଏବଂ ଆକର୍ଷଣୀୟ ଭାଷିକ ଅନ୍ତଃମିଶ୍ରଣର ବଳୟ ନିର୍ମାଣ କରିଛନ୍ତି ।

ଯେତେବେଳେ ସେ ସୁନ୍ଦର ତ୍ରିପାଠୀ ବା ସୁନ୍ଦର ତିହାଡ଼ୀଙ୍କର ବ୍ୟକ୍ତିତ୍ୱକୁ ବର୍ଣ୍ଣନା କରିଛନ୍ତି ସେତେବେଳେ ତତ୍ସମ ଶବ୍ଦ ସହିତ କଥା କଥିତ ଓଡ଼ିଆ ଶବ୍ଦକୁ ଫେଣ୍ଟେଇ ଲାଳିକା ପ୍ରସ୍ତୁତ କରୁଛନ୍ତି । ଯେମିତିକି 'ଶୁଣ ପରୀକ୍ଷ ନରନାଥ' ଠୁଁ ଆରମ୍ଭ କରି 'ନାମଟି ସୁନ୍ଦର ତ୍ରିପାଠୀ' ପର୍ଯ୍ୟନ୍ତ । ଏଠାରେ ଯଦି ଆମେ ଲକ୍ଷ୍ୟ କରିବା, ତେବେ ଦେଖିବା ଦୁଇଟି ପେରୋଲର ଅପୂର୍ବ ସମ୍ମିଳନ ଘଟିଛି । ତାକୁ ଅନ୍ତଃମିଶ୍ରଣ ବୋଲି ମଧ୍ୟ କହିପାରିବା । ଏଇ ଅନ୍ତଃମିଶ୍ରଣ ବା ଇଣ୍ଟରନାଲାଏଜେସନ୍ (Internalization) ହେଉଛି ଭାଷା ନିବନ୍ଧର ଗୋଟିଏ ବିଶିଷ୍ଟ ପ୍ରାରୂପ । ଯେଉଁଠି ଗୋଟିଏ ଭାଷା ସହିତ ଆଉ ଗୋଟିଏ ଭାଷା ମିଶ୍ରିତ ହୁଏ । ତେଣୁ ଏଠି ଯଦି ଆମେ ଲକ୍ଷ୍ୟ କରିବା ଯେ 'ନରନାଥ', ବିବର୍ଜିତ', 'ଶୋଭିତ', 'ଗାୟତ୍ରୀ', 'ମୀନ' ଇତ୍ୟାଦି ତତ୍ସମ ଶବ୍ଦ ସହିତ ସେ 'ତାମ୍ପଡ଼ା ଶୁଖୁଆ', 'ପଖାଳ ଭାତ', 'ଶୁଣ', 'ଆଗ', 'ବାଛିବାକୁ', 'ଚିପନ୍ତି', 'ବିଲରୁ', 'ଫିଟେ', 'ପାଟି' ଇତ୍ୟାଦି କଞ୍ଚା କଞ୍ଚିତ ଓଡ଼ିଆ ଶବ୍ଦ ମିଶେଇ ଦୁଇଟି ପେରୋଲକୁ ଗୋଟିଏ କରି ଉପନ୍ୟାସରେ ଭାଷିକ ସୌନ୍ଦର୍ଯ୍ୟକୁ ଅଧିକ ଆକର୍ଷକ, ଅଧିକ

ସ୍ୱାଭାବିକ ଏବଂ ଅଧିକ ପ୍ରାଣସ୍ପର୍ଶୀ କରିବା ପାଇଁ ପ୍ରୟାସ କରିଛନ୍ତି । ସେଥିପାଇଁ ବେଳେବେଳେ ଫକୀର ମୋହନଙ୍କର ଭାଷିକ ନିବନ୍ଧନ କ୍ଷେତ୍ରକୁ ଚିହ୍ନଟ କରିବାପାଇଁ ଅନେକେ ସଫଳ ହୋଇପାରନ୍ତି ନାହିଁ । କାରଣ ବିଭିନ୍ନ ପ୍ରକାରର ଭାଷିକ ନିବନ୍ଧନର ସଂଯୋଗ ଯେହେତୁ ସେ କରିଛନ୍ତି; ସେଥିପାଇଁ ସେଇ ଭାଷିକ ନିବନ୍ଧନ କ୍ଷେତ୍ର ସହିତ ଯେଉଁମାନେ ଅପରିଚିତ, ଯେଉଁମାନେ ଅନଭିଜ୍ଞ ସେମାନେ ଏଇ ଉପନ୍ୟାସର ଭାଷିକ ବିବିଧତାକୁ ବୋଧକରିବାରେ ପ୍ରବଳ ଅସୁବିଧାର ସମ୍ମୁଖୀନ ହୁଅନ୍ତି ।

ତେବେ ଶେଷରେ କେବଳ ଏତିକି କୁହାଯାଇପାରେ ଯେ, ଫକୀରମୋହନଙ୍କ 'ଛମାଣ ଆଠଗୁଣ୍ଠ'ରେ ଯେଉଁ ଭାଷିକ ବିଭବ ରହିଛି; ତାହା ବହୁମୁଖୀ କ୍ଷେତ୍ରୀୟତାକୁ ଭିତ୍ତି କରି ସମ୍ପାଦିତ । ଏ ସମ୍ପାଦନ କାର୍ଯ୍ୟ ଫକୀର ମୋହନ ନିଜେ ହିଁ କରିଛନ୍ତି । ଫକୀର ମୋହନଙ୍କ ଆଲୋଚ୍ୟ ଉପନ୍ୟାସରେ ଆମେ ଦେଶଜ, ତଦ୍‌ଭବ, ତତ୍‌ସମ, ପାର୍ସୀ, ଆରବୀ, ଇଂରାଜୀ ପ୍ରଭୃତି ଭାଷିକ ପେରୋଲ୍ କୈନ୍ଦ୍ରିକ ଅଭିବ୍ୟକ୍ତି ଘଟିଥିବାର ଲକ୍ଷ୍ୟକରୁ । ତା'ର ଏକମାତ୍ର କାରଣ ହେଉଛି- ଏ କଥା ରଚନାର ଯେଉଁ କଥାକାଳ, ସେଇ କଥାକାଳୀନ ଅବଧିରେ ଓଡ଼ିଶାର ଯେଉଁଭଳି ଶାସନ ଚାଲିଥିଲା; ଯେଉଁ ଭଳି ସାଧାରଣ ଲୋକେ ଜୀବନ ଯାପନ କରୁଥିଲେ; ଯେଉଁ ଭଳି ଶୋଷଣ ହେଉଥିଲା; ଯେଉଁଭଳି ଜମିଦାରୀ ବ୍ୟବସ୍ଥା ଥିଲା; ଶିକ୍ଷା ବ୍ୟବସ୍ଥା ଥିଲା; ଚିକିତ୍ସା ବ୍ୟବସ୍ଥା ଥିଲା; ଆଇନ ବ୍ୟବସ୍ଥା ଥିଲା; ପ୍ରତାରଣା ଥିଲା; ଲାଞ୍ଛନା ଥିଲା; ଉପେକ୍ଷା ଥିଲା; ଅବହେଳା ଥିଲା; ସେ ସବୁର ଭାବଗତ ନିର୍ଯ୍ୟାସକୁ ଫକୀରମୋହନ ବିଭିନ୍ନ ଧ୍ୱନି, ଶବ୍ଦ, ବାକ୍ୟ, କଥନିକା ମାଧ୍ୟମରେ ନିଜ ଉପନ୍ୟାସରେ ପରିବେଷଣ କରିଛନ୍ତି । ସେଥିପାଇଁ ସିଏ ବିଭିନ୍ନ ପ୍ରକାରର ଉଚ୍ଚାରଣ ଶବ୍ଦ ବା କଥିତ ଶବ୍ଦକୁ ପ୍ରୟୋଗ କରିଛନ୍ତି । ଫଳରେ ତନ୍ମଧ୍ୟସ୍ଥ ସେଇ ଉଚ୍ଚାରିତ ଶବ୍ଦ ପ୍ରକାଶିତ ଅର୍ଥ ବା ଅବଧାରଣାଗତ ସମ୍ପୃକ୍ତିକୁ ସମ୍ମୁଖୀକୃତ କରାଇଛି । ସେଥିପାଇଁ ଫକୀରମୋହନ ଯେତେବେଳେ ଯେଉଁ ଚରିତ୍ରକୁ ଏଇ ଉପନ୍ୟାସରେ ଚିତ୍ରଣ କରିଛନ୍ତି, ସେତେବେଳେ ସେହି ଚରିତ୍ର ମୁହଁରେ ତଦନୁରୂପ ଭାଷାର ପ୍ରୟୋଗ କରିବା କଥାକୁ ଗୁରୁତ୍ୱ ଦେଇଛନ୍ତି । ସେଇ ଭାଷାର ଧ୍ୱନି ଶୃଙ୍ଖଳାଯୁକ୍ତ ଶାବ୍ଦିକ ବିନ୍ୟାସକୁ ମଧ୍ୟ ସେ ସଂଯୁକ୍ତ କରିଛନ୍ତି । ତେଣୁ ଶେଷରେ କେବଳ ଏତିକି କୁହାଯାଇପାରେ ଯେ, ଫକୀର ମୋହନଙ୍କ 'ଛମାଣ ଆଠଗୁଣ୍ଠ' ରେ ଉପନ୍ୟାସଗତ ବିଶେଷତ୍ୱ ବା ଗୁଣଧର୍ମ ଯେତିକି ରହିଛି, ତା'ଠାରୁ ବେଶି ରହିଛି ଭାଷିକ ବିବିଧତା । ଏଇ ଭାଷିକ ବିବିଧତା କିନ୍ତୁ ଆଧୁନିକ ଭାଷା ବିଜ୍ଞାନର କଥିତ ପରମ୍ପରା ଉପରେ ଆଧାରିତ । ଏଠାରେ କଥିତ ବିନ୍ୟାସ ହିଁ ହେଉଛି କେନ୍ଦ୍ରୀୟ ବିଭବ । ସେତେବେଳେ ଓଡ଼ିଶାରେ ବିଭିନ୍ନ ପାତ୍ରପାତ୍ରୀ ଯେମିତି କଥାଭାଷା ହେଉଥିଲେ, ସେହିଭଳି କଥାଭାଷାକୁ ଫକୀରମୋହନ ସିଧାସଳଖ ଏଇ ଉପନ୍ୟାସରେ ଅଭିବ୍ୟକ୍ତ କରିଛନ୍ତି । ଫଳରେ ଉପନ୍ୟାସଟି ବହୁବିଧ ଭାଷିକ ନିବନ୍ଧନ ତଥା ପେରୋଲ ବା ବ୍ୟାବହାରିକ ଭାଷିକ ବିଶିଷ୍ଟତା ଦ୍ୱାରା ଯଥାର୍ଥତା ଅର୍ଜନ କରି ପାରିଛି ।

**ସହାୟକ ଗ୍ରନ୍ଥ ତାଲିକା :**


୧) Nayar, Pramod K, Contemporary Literary and Cultural Theory First Impression , Noida(U.P) Pearson , 2010.

୨) ଦାସ, ରବୀନ୍ଦ୍ର କୁମାର, ଶୈଳୀ ବିଜ୍ଞାନର ଆଲୋକରେ ଫକୀରମୋହନଙ୍କ ଉପନ୍ୟାସ । ପ୍ରଥମ ସଂସ୍କରଣ, ବାଲେଶ୍ୱର : ମୀରାମ୍ବିକା ପ୍ରକାଶନୀ, ୨୦୦୮ ।

୩) ନାରଂଗ, ଗୋପୀଚନ୍ଦ, ସଂରଚନାବାଦ ଉତ୍ତର-ସଂରଚନାବାଦ ଏବଂ ପ୍ରାଚ୍ୟ କାବ୍ୟତତ୍ତ୍ୱ, ନୂଆଦିଲ୍ଲୀ : ସାହିତ୍ୟ ଏକାଡେମୀ, ୨୦୧୩ ।

୪) ପଟ୍ଟନାୟକ, କଇଳାସ, ସଂପାଦନା, ଫକୀରମୋହନ ଗ୍ରନ୍ଥାବଳୀ ଉପନ୍ୟାସ ମାଳା । ପ୍ରଥମ ସଂସ୍କରଣ, କଟକ: ଫ୍ରେଣ୍ଡସ୍ ପବ୍ଲିଶର୍ସ, ୨୦୦୬ ।

୫) ସାମନ୍ତରାୟ, ନଟବର, ବ୍ୟାସକବି ଫକୀରମୋହନ ସେନାପତି, ଦ୍ୱିତୀୟ ସଂସ୍କରଣ, ଭୁବନେଶ୍ୱର ।



ଅଧ୍ୟାପକ, ଓଡ଼ିଆ ଭାଷା ସାହିତ୍ୟ ବିଭାଗ,
ବିଶ୍ୱ ଭାରତୀ, ଶାନ୍ତିନିକେତନ
ଦୂରଭାଷ : ୯୪୭୫୧୨୪୦୪୧
Email- rabindra21das@gmail.com

ISSN -2583-147X(P), Vol.- 9, Issue No.I, April 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଗୋପବନ୍ଧୁଙ୍କ ସାହିତ୍ୟରେ ମାନବୀୟ ଦୃଷ୍ଟିକୋଣ-

ଡ. ଜୟନ୍ତ କୁମାର ଦାସ

"If you are not happy about anything in your world or society, be willing to change it within yourself first. Don't complain. Complaining won't take you anything. Nothing will change unless you change." ମହାତ୍ମା ଗାନ୍ଧିଙ୍କ ଏହି ବାଣୀ ମଣିଷର ଅନ୍ତର୍ନିହିତ ମାନବିକ ଗୁଣାବଳୀର ବିକାଶ ପାଇଁ ଥିଲା ପ୍ରେରଣାର ଉତ୍ସ । ଏଥିରେ ଉତ୍ସାହିତ ହୋଇ ଭାରତୀୟମାନେ ଆତ୍ମ ବିଶ୍ଳେଷଣ କରିବା ସହିତ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବାକୁ ଆଗଭର ହୋଇଥିଲେ । ପଣ୍ଡିତ ଗୋପବନ୍ଧୁ ଦାସ ମଧ୍ୟ ଏହି ମହାପୁରୁଷଙ୍କ ମହାନ ଭାବଧାରା ଦ୍ୱାରା ଉଦ୍‌ବୁଦ୍ଧ ହୋଇ ନିଜକୁ ଗାନ୍ଧିବାଦରେ ଦୀକ୍ଷିତ କରାଇଥିଲେ । ସେ ନିଜକୁ ଶୁଦ୍ଧ, ସଂଯତ ଓ ମାର୍ଜିତ କରିବାକୁ ସର୍ବଦା ଚେଷ୍ଟା କରୁଥିଲେ । ଅଧିକାଂଶ ସ୍ଥଳରେ ସବୁ କିଛିକୁ ଏକ ଅନାବିଳ ଆତ୍ମୀୟତାରେ ଏକୀଭୂତ କରାଇବା ସହିତ ସବୁଥିରୁ ଅମୃତ ଆନନ୍ଦ ଓ ଶାଶ୍ୱତ ପବିତ୍ର ଆହ୍ୱାନ ଶୁଣିବାକୁ ଚେଷ୍ଟା କରୁଥିଲେ । ସାମାଜିକ ସଂସ୍କାର, ବିଶ୍ୱାସ, ଚଳଣି, ଆଚାର-ବ୍ୟବହାର ସହିତ ନିଜ ଚେତନାର ସମନ୍ୱୟ ହିଁ ତାଙ୍କ ବ୍ୟକ୍ତିଗତ ଜୀବନର ଶୁଦ୍ଧତା ଓ ଆଡମ୍ବରହୀନତାର ସମନ୍ୱୟ ବୋଲି କୁହାଯାଇପାରେ । ଗୋପବନ୍ଧୁ କେବଳ ଜଣେ ସ୍ୱାଧୀନତା ସଂଗ୍ରାମୀ ନୁହନ୍ତି; ସେ ଓଡିଆ ଅସ୍ମିତାର ପରିଚୟ । ଦେବପ୍ରତିମ ଓ ଋଷିସୁଲଭ ଗୁଣାବଳୀରେ ଭୂଷିତ ଏହି ଦିବ୍ୟପୁରୁଷ ସ୍ୱାର୍ଥତ୍ୟାଗ କରି ଉତ୍କଳୀୟ ମହାନ୍ ସଂସ୍କୃତି ଓ ଗାନ୍ଧୀ ଦର୍ଶନରେ ଦୀକ୍ଷିତ ହୋଇ ମାନବ ସେବା ଓ ମାନବ ପ୍ରେମକୁ ଗୁରୁତ୍ୱ ଦେବା ସହିତ ମଣିଷର ସାର୍ବିକ ବିକାଶ ଦିଗରେ ମନୋନିବେଶ କରିଥିଲେ ।

ଗୋପବନ୍ଧୁ ଥିଲେ ଉତ୍କଳୀୟ ଜାତୀୟତାର କର୍ଣ୍ଣଧାର ଯିଏକି ଜଣେ ସ୍ୱଦେଶୀ ଯୋଦ୍ଧା ହିସାବରେ ମାତୃଭୂମିର ମୁକ୍ତି ପାଇଁ ସର୍ବଦା ଆତ୍ମାହୂତି ଦେବାକୁ ପ୍ରସ୍ତୁତ ରହିଥିବା ଜଣେ ସୁଯୋଗ୍ୟ ସନ୍ତାନ । କେବଳ ମାତ୍ର ମୁକ୍ତି ଯୁଦ୍ଧର ସୈନିକ ହେବା ପାଇଁ ସେ ଆଦରି ନେଇଥିଲେ ପାରିବାରିକ ଓ ରାଜନୈତିକ ବୈରାଗ୍ୟ । ତାର ପ୍ରମାଣ ସ୍ୱରୂପ ସେ ଜନ୍ମଭୂମିର କୋଟିଏ ସନ୍ତାନ ପାଇଁ ନିଜ ଏକମାତ୍ର ପୁତ୍ରକୁ ରୋଗ ଓ ମୃତ୍ୟୁଶଯ୍ୟାରେ ଛାଡି ଚାଲି ଯାଇଥିଲେ । ସେ ଥିଲେ ବାସ୍ତବ କର୍ମଯୋଗୀ । ସେ ଯାହା ଉପଦେଶ ଦେବାକୁ ଭାବୁଥିଲେ ପ୍ରଥମେ ସେ ନିଜେ ତାକୁ ବାସ୍ତବ ଜୀବନରେ ପ୍ରୟୋଗ କରିବାକୁ ଚେଷ୍ଟା କରୁଥିଲେ । ଅନ୍ତତଃ କର୍ମଯୋଗର ଆଦର୍ଶ ଥିଲା ତାଙ୍କ ଅନ୍ତଃସତ୍ତାର ପ୍ରେରଣା । ତେଣୁ ବ୍ୟକ୍ତିଗତ ସୁଖଦୁଃଖର ପ୍ରତିକ୍ରିୟାରୁ ନିଜକୁ ସଂପୂର୍ଣ୍ଣ ମୁକ୍ତ ରଖିବାକୁ ସେ ସର୍ବଦା ତତ୍ପର ରହୁଥିଲେ । ବ୍ୟକ୍ତଗତ ସ୍ୱାର୍ଥରୁ ମୁକ୍ତ ରହିଲେ ହିଁ ସମଗ୍ର ମାନବ ଜାତିର ଉନ୍ନତିକଳ୍ପେ ସମସ୍ତେ ନିଜକୁ ନିୟୋଜିତ କରିପାରିବେ, ଫଳରେ ଜଗତ କଲ୍ୟାଣ ସାଧିତ ହୋଇପାରିବ । ନିଜ କବିତା ମାଧ୍ୟମରେ ସେ ଏସଂପର୍କରେ ସ୍ୱଷ୍ଟଭାବେ ଉଲ୍ଲେଖ କରିଛନ୍ତି-

"ଆବର୍ଜନାମୟ ଏହି ସଂସାର-ଜଞ୍ଜାଳେ
କେବେ ପ୍ରପୀଡିତ ମୋର ନହେଉ ମାନସ,
କଳ୍ପନାର ସୁଖରାଜ୍ୟେ ଦେଖେ କାଳେ କାଳେ
ସ୍ୱର୍ଗୀୟ ସୁଷମା ଆଉ ସ୍ୱର୍ଗୀୟ ରହସ୍ୟ ।"

ପଦ୍ମଭୂଷଣ ମନୋଜ ଦାସ ତାଙ୍କର 'ଜାତିପ୍ରାଣ ଗୋପବନ୍ଧୁ' ପ୍ରବନ୍ଧରେ ଗୋପବନ୍ଧୁଙ୍କୁ ଆଧୁନିକ ଯୁଗର ସୂତ୍ରଧର ରୂପେ ବର୍ଣ୍ଣନା କରି ଲେଖିଛନ୍ତି- "ଆଧୁନିକ ଭାରତର କୋଟି କୋଟି ନରନାରୀଙ୍କ ଭିତରେ ଏଇ ଘୋଷଣାର ଆଲୋକରେ ଯେଉଁ କେତେଜଣଙ୍କର ରୂପ ଉଦ୍‌ଭାସିତ ହୋଇଉଠେ, ସେମାନଙ୍କ ଭିତରୁ ଗୋପବନ୍ଧୁ ଦାଶ ନିଃସନ୍ଦେହରେ ଅନ୍ୟତମ । ସେ ଆଜି ଓଡିଶାରେ ନବଯୁଗର

ପ୍ରବର୍ତ୍ତକ ଭାବରେ ପୂଜିତ; କିନ୍ତୁ ତାଙ୍କ ବ୍ୟକ୍ତିତ୍ୱ ଓ ସାହିତ୍ୟ ଦର୍ଶନର କ୍ରମାଗତ ସୁଗଭୀର ଅନୁଶୀଳନ ଦିନେ ତାଙ୍କୁ କେବଳ ଆଧୁନିକ ଯୁଗର ନୁହେଁ, ଏକ ଅନାଗତ 'ହିରଣ୍ମୟ' କାଳର ପୁରୋଦ୍ରଷ୍ଟା ସୂତ୍ରଧର ରୂପେ ସୁପ୍ରତିଷ୍ଠିତ କରିବ ।" ସେ କେବଳ ଆଧୁନିକ ଯୁଗର ସୂତ୍ରଧର ବା ନବଯୁଗର ପ୍ରବର୍ତ୍ତକ ନୁହନ୍ତି, ଗାନ୍ଧୀଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ସ୍ୱାଧୀନତା ଆନ୍ଦୋଳନରେ ସେ ଉତ୍କଳୀୟମାନଙ୍କର କର୍ଣ୍ଣଧାର ସାଜିଥିଲେ । ଭାରତୀୟ ମୁକ୍ତି ସଂଗ୍ରାମରେ ଝାସ ଦେଇ ସେ କେବଳ ସଭା ସମିତି ମାଧ୍ୟମରେ ଲୋକମାନଙ୍କୁ ପ୍ରଭାବିତ କରୁଥିଲେ ତାହା ନୁହେଁ; ସାହିତ୍ୟ ମାଧ୍ୟମରେ ମଧ୍ୟ ଲୋକମାନଙ୍କର ମାତୃଭୂମି ପ୍ରତି ଥିବା କର୍ତ୍ତବ୍ୟ ସଂପର୍କରେ ସଚେତନ କରାଉଥିଲେ ।

ସାଧନା ଓ ଉତ୍ସର୍ଗୀକୃତ ଜୀବନ ପାଇଁ ସେ ବାସ୍ତବରେ ଓଡିଆ ଜାତିର ପିତା । ଜୀବନ୍ତ ମଣିଷ ପରି ତାଙ୍କର କାବ୍ୟକବିତା, ଅଭିଭାଷଣ ଓ ଗଦ୍ୟର ବାଣୀ ଆମକୁ ବାସ୍ତବତାର ଧାରଣା ଦେବା ସହିତ କର୍ମଯୋଗୀ ହେବାକୁ ଆହ୍ୱାନ ଦେଇଥାଏ । ସତ୍ ମାର୍ଗରେ ପରିଚାଳିତ ହେବାକୁ ତାଙ୍କର ସହିତ୍ୟ ହିଁ ଯଥେଷ୍ଟ ବୋଲି ମନେହୁଏ । ସେ ଥିଲେ ଅବହେଳିତ, ଲାଂଛିତ ଓଡିଆମାନଙ୍କର ପ୍ରାଣ ପ୍ରତିଷ୍ଠାତା । ଇଂରେଜମାନଙ୍କ ବିରୋଧରେ ଜନଆନ୍ଦୋଳନ ସୃଷ୍ଟି କରୁଥିବାରୁ ସେ କାରବରଣ କରିଥିଲେ । ୧୯୨୩ ମସିହା ଜାନୁଆରୀ ୨୪ ତାରିଖରେ ତାଙ୍କୁ କଟକ ଜେଲରୁ ହଜାରିବାଗ ଜେଲ୍‌କୁ ଆହୁରି ଦେଢ ବର୍ଷ ବନ୍ଦୀ ଜୀବନ କାଟିବାକୁ ନିଆଯାଇଥିଲା । କର୍ମଯୋଗୀ ଏହି ମହାନ୍ ମଣିଷ ଜେଲ୍‌ରେ ମଧ୍ୟ ଚୁପ୍ ହୋଇ ବସିପାରି ନଥିଲେ । ପରୋକ୍ଷରେ ଲୋକମାନଙ୍କୁ କର୍ମତତ୍ପର କରାଇବା ଲକ୍ଷ୍ୟନେଇ ସେ ସେଇ ବନ୍ଦୀ ଅବସ୍ଥାରେ ରଚନା କଲେ 'ବନ୍ଦୀର ଆତ୍ମକଥା', 'ଧର୍ମପଦ', 'କାରାକବିତା', 'ଗୋ-ମାହାତ୍ମ୍ୟ' ଓ 'ନଚିକେତା ଉପାଖ୍ୟାନ' ପରି ଉଚ୍ଚକୋଟୀର ଉଦ୍‌ବୋଧନମୂଳକ କାବ୍ୟ କବିତା । ଏହା ପୂର୍ବରୁ ତାଙ୍କ 'ଅବକାଶ ଚିନ୍ତା' କବିତା ଗ୍ରନ୍ଥ ପ୍ରକାଶିତ ହୋଇସାରିଥିଲା । ଏହି କବିତାଗୁଡିକ ଇଂରେଜମାନଙ୍କ ବିରୋଧରେ ଛିଡା ହେବାର ସାହସ ଯୋଗାଇଥିଲା । ଜେଲ୍ ଭିତରେ ଥାଇ ମଧ୍ୟ ସ୍ୱାଧୀନତା ସଂଗ୍ରାମର ମୁକ୍ତିର ମଶାଲ ଧରି ସମସ୍ତଙ୍କ ଆଗରେ ଚାଲିବାର ଦାୟିତ୍ୱକୁ ସେ ତୁଲାଉଥିଲେ । କେବଳ ମୁକ୍ତି ସଂଗ୍ରାମ ନୁହେଁ ଓଡିଶାର ରାଜନୈତିକ ଅସ୍ଥିରତା, ପ୍ରାକୃତିକ ଦୁର୍ବିପାକ, କୁସଂସ୍କାର, ଅନ୍ଧବିଶ୍ୱାସ ପରି ନାନାବିଧ ଘଟଣା ଉତ୍କଳୀୟ ସ୍ୱାଭିମାନ ଓ ଏକତା ସହିତ ତାର ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲା । ଏହିପରି ଏକ ଘଡିସନ୍ଧି ମୁହୂର୍ତ୍ତରେ ଭିତତ୍ରସ୍ତ ଏହି ଉତ୍କଳୀୟ ଜନତାର ତ୍ରାଣକର୍ତ୍ତା ସାଜିଥିଲେ ଏହି ଦରଦୀ ମଣିଷଜଣକ । ମାନସିକ ଭାବରେ ସେ ଥିଲେ ଖୁବ୍ ଶକ୍ତ, ଯାହା ତାଙ୍କ ମାଧ୍ୟମରେ ପ୍ରମାଣିତ ହୋଇଛି । ଉତ୍କଳୀୟ ବୀରମାନଙ୍କ ଉଦ୍ଦେଶ୍ୟରେ ତାଙ୍କର ଏହି କବିତା ଲୋକମାନଙ୍କ ଭିତରେ ଉତ୍ସାହ ସୃଷ୍ଟି କରୁଥିଲା ।

"କାତରତା ସିନା କାପୁରୁଷପଣ,
ବୀର ମାରେ ଅବା ମରେ କରି ରଣ ।
ପଛଘୁଂଚା ନାହିଁ ବୀରର ଜାତକେ,
ନ ମରେ ସେ କେବେ ପରାଣ-ଆତଙ୍କେ ।"

ଓଡିଆମାନେ ଥିଲେ ବୀର ଓ ପରାକ୍ରମୀ । ସାରା ଭାରତରେ ଓଡିଆମାନଙ୍କର ପରାକ୍ରମ ଓ ବୀରତ୍ୱର ପ୍ରମାଣ ଲିପିବଦ୍ଧ ହୋଇରହିଅଛି । ସେହି ପୂର୍ବ ପୁରୁଷମାନଙ୍କ ସାହସ, ଧୈର୍ଯ୍ୟ ଓ ନିଷ୍ଠାକୁ ଗୋପବନ୍ଧୁ ଯୁବପୀଢି ମଧ୍ୟରେ ପୁନର୍ଜୀବିତ କରିବାକୁ ଚେଷ୍ଟାକରିଛନ୍ତି । ଲେଖନୀ ଯେ ତରବାରୀଠାରୁ ବେଶୀ ଶକ୍ତିଶାଳୀ ତାହା ତାଙ୍କ ଲେଖା ମାଧ୍ୟମରେ ସେ ପ୍ରମାଣିତ କରିପାରିଛନ୍ତି । ଜୀବନରେ ବହୁ ଘାତ ପ୍ରତିଘାତର ସେ ସାମ୍ନା କରିଛନ୍ତି । ତେଣୁ ତାଙ୍କ ଭିତରେ ଜୀବନ ପ୍ରତି ଏକ ଋଷିସୁଲଭ ଦୃଷ୍ଟିଭଙ୍ଗୀ ସୃଷ୍ଟି ହୋଇଥିଲା । ତାଙ୍କର ପାରିବାରିକ ଜୀବନର ବହୁ ଅଘଟଣ ତାଙ୍କୁ ଅନ୍ୟ ପାଇଁ ଜୀବନ ବଂଚିବାର କୌଶଳ ଶିଖାଇଛି । ନିଜ ବ୍ୟକ୍ତିଗତ ଜୀବନ ସଂପର୍କରେ 'ସମାଜ' ତା ୨୬.୧୧.୧୯୨୭ରିଖ ସଂଖ୍ୟାରେ ସେ ଲେଖିଛନ୍ତି- "ଅତି ଶୈଶବାବସ୍ଥାରେ ମୋର ମାତୃ ବିୟୋଗ ହୋଇଥିଲା । ଦେଖି ନାହିଁ ମୁହିଁ ମାତୃ ବଦନ, ପାନ କରିବାହିଁ ମାତୃସ୍ତନ । ସ୍କୁଲ୍‌ରେ ପଢୁଥିଲା ବେଳେ ପିତା ଚାଲିଗଲେ । କଲେଜରେ ପଢୁଥିଲା ବେଳେ ଏକମାତ୍ର ପୁଅ ମଲା... ପଢ଼ା ଶେଷ ହେବା ସଙ୍ଗେ ସଙ୍ଗେ ମୋର ଗୃହାସ୍ଥାଶ୍ରମ ଶେଷହେଲା । ବି.ଏଲ୍. ପରୀକ୍ଷା ପାସ୍ ଖବର ଏବଂ ପତ୍ନୀ ବିୟୋଗବାର୍ତ୍ତା ମୁଁ ଏକା ଦିନକେ ପାଇଥିଲି । ... ମାତା, ପିତା, ପତ୍ନୀ, ପୁତ୍ର, ବନ୍ଧୁ ଓ ସଖାମାନଙ୍କର ବିଚ୍ଛେଦ-ବେତ ବାରମ୍ବାର ଖାଇ ଖାଇ ଏହି ମୋର ଦେହ ଶିଝି ଗଲାଣି ।" ପାରିବାରିକ ଓ ବ୍ୟକ୍ତିଗତ ଜୀବନରେ ଭଗବାନଙ୍କର ଏହି ନିଷ୍ଠୁର ସତ୍ୟ ସହ ସାମ୍ନାସାମ୍ନି ହୋଇ ମାନସିକ ସ୍ତରରେ ସେ ହୋଇଛନ୍ତି ଶକ୍ତିଶାଳୀ; ଫଳରେ ଜୀବନକୁ ନିଜ ପାଇଁ ନ ବଂଚି ଅନ୍ୟ ପାଇଁ ଜୀବନ ବଂଚିବାର

କଳାକୁ ସେ ଆପଣେଇ ନେଇଛନ୍ତି । ପରାର୍ଥେ ଜୀବନ ବଂଚିବାର ପ୍ରେରଣା ହୋଇଛନ୍ତି ସେ ଅନ୍ୟମାନଙ୍କ ପାଇଁ । ବିଶ୍ୱ ଜୀବନର ପରିକଳ୍ପନା ହିଁ କେବଳ ଗୋପବନ୍ଧୁଙ୍କ କବିତାରେ ଉପଲବ୍ଧ । ସେ ସ୍ୱୀକାର କରିଛନ୍ତି ଯେ-

"ନିଜ ସ୍ୱାର୍ଥଲାଗି ଜାତ ନୁହେଁ ହିନ୍ଦୁ,
ବିଶ୍ୱହିତେ ହିନ୍ଦୁ ପ୍ରତି ରକ୍ତବିନ୍ଦୁ ।
ଦେଖାଅ ଏ ସତ୍ୟ ଆପଣା ପରାଣେ
ଦିଅ ଏହି ମନ୍ତ୍ର ସର୍ବ ବର୍ଣ୍ଣ କାନେ ।"

ବ୍ୟାସକବି ଫକୀରମୋହନ ସେନାପତି ଯେପରି ନିଜର ନିଃସଂଗତା ଓ ଏକାକୀତ୍ୱ ଦୂର କରିବା ପାଇଁ କବିତା ଲେଖିବାକୁ ଅଗ୍ରସର ହୋଇଥିଲେ ଗୋପବନ୍ଧୁ ମଧ୍ୟ ଠିକ୍ ସେହିପରି ନିଜ ବାଲ୍ୟ ଓ ଯୌବନର ନିଃସଂଗତାକୁ ଅନୁଭବ କରିବା ପାଇଁ କବିତାକୁ ଆଶ୍ରୟ କରିଥିଲେ । କବି ନିଜର ବ୍ୟଥିତ ହୃଦୟ ପ୍ରତି ନିଜେ କିପରି ସହାନୁଭୂତି ପ୍ରକାଶ କରିଥିଲେ ତାହା ତାଙ୍କ କବିତାରୁ ସ୍ପଷ୍ଟ ଜଣାପଡେ-

"ପଚିଶ ଛବିଶ ବର୍ଷ ହେଲା ଏବେ ଗତ
ପଛକୁ ଚାହିଁଲେ ହୃଦ ଆହା କି ବିକଳ,
ଅତୀତ କେବଳ ମୋର ରୁକ୍ଷ ସଇକତ,
ଦିଶେ ନାହିଁ କାହିଁ ଏକ ଶ୍ୟାମ ଦୁର୍ବାଦଳ !"

ଏହା ଗୋପବନ୍ଧୁଙ୍କ ବ୍ୟକ୍ତିଗତ ଜୀବନର ଅନୁଭୂତି । ଗୋପବନ୍ଧୁଙ୍କ ଆଦ୍ୟ ଜୀବନର ଅଭିଜ୍ଞତା, ଅନୁଭୂତି, ବିଭିନ୍ନ ସ୍ଥାନ, କାଳ, ପାତ୍ରର ପ୍ରଭାବ ତାଙ୍କ ହୃଦୟରେ ଯେଉଁ ଆଲୋଡନ ସୃଷ୍ଟି କରିଥିଲା ତା'ର ଆବେଗିକ ଝଙ୍କାର 'ଅବକାଶ ଚିନ୍ତା'ରେ ପ୍ରତିଫଳିତ ହୁଏ । ନିଜର ନିଃସଂଗତା ଦୂର କରିବା ପାଇଁ କବିତା ରଚନା କରିଥିଲେ ହେଁ ପ୍ରତ୍ୟେକ କବିତାରେ ରହିଛି ସମାଜ ପାଇଁ ଶିକ୍ଷଣୀୟ, ଲକ୍ଷଣୀୟ ଓ ଦର୍ଶନୀୟ ଉପାଦାନ । ପ୍ରତ୍ୟେକ କବିତାରେ ଏକ ଅନାବିଳ ଆତ୍ମୀୟତା ଉପଲବ୍ଧ ଏବଂ ସେଥିରୁ ଅମୃତ ଆନନ୍ଦ ଓ ଶାଶ୍ୱତ ଆହ୍ୱାନ ଶୁଣିବାକୁ ମିଳେ । ଅନକାଶ ଚିନ୍ତାର ପ୍ରତ୍ୟେକ କବିତାରେ ରହିଛି ସାର୍ଥକ ମାନବବାଦୀ ଦୃଷ୍ଟିକୋଣ । ବ୍ୟକ୍ତିଗତ ସ୍ୱାର୍ଥ ବଦଳରେ ସମଗ୍ର ବିଶ୍ୱର ମଙ୍ଗଳ କାମନା କରିବା ପାଇଁ ସେ କବିତାରେ ମାନବବାଦକୁ ଗୁରୁତ୍ୱ ଦେଇଥିଲେ । ଏ ଭାଷା, ଏ ଜାତି ସର୍ବୋପରି ମଣିଷ ଜାତି ପ୍ରତି କବିଙ୍କର ଶ୍ରଦ୍ଧା ଓ ଭଲପାଇବା ଅସୀମ । ମଣିଷଙ୍କ ପ୍ରତି ତାଙ୍କର ଆନ୍ତରିକତା ଓ ମମତ୍ୱବୋଧ ପାଇଁ ସମଗ୍ର ବ୍ରହ୍ମାଣ୍ଡ ପ୍ରତି ତାଙ୍କର ରହିଛି ଏକ ଶ୍ରଦ୍ଧାପୂର୍ଣ୍ଣ ଦୃଷ୍ଟିଭଂଗୀ । ଫଳସ୍ୱରୂପ ସଂସାରର ସାମାନ୍ୟ ତ୍ରୁଟି ବିଚ୍ୟୁତିରେ ମଧ୍ୟ ସେ ମ୍ରିୟମାଣ ହୋଇପଡିଛନ୍ତି । ଅତୀତର ସେହି ଗୌରବମୟ ଐତିହ୍ୟ, ପରଂପରାକୁ ସ୍ମରଣକରି ବର୍ତ୍ତମାନର ଅଧୋଗତିରେ ସେ ଅନୁଶୋଚନା କରିଛନ୍ତି । ପ୍ରକୃତିର ସାମାନ୍ୟ ଲାଗୁଥିବା ଘଟଣା ବା ପରିବେଶକୁ ସେ ଅସାମାନ୍ୟ କରି ଗଢି ତୋଳିଛନ୍ତି, ଏବଂ ଏହା ମାଧ୍ୟମରେ ମଧ୍ୟ ପରାଧୀନ ଗୋଟିଏ ଜାତିର ହୃଦୟରେ ଆଶାର ସଂଚାର କରିବାକୁ ଚେଷ୍ଟା କରିଛନ୍ତି । ଯେପରି କୋଇଲିର କୁହୁତାନ ଶୁଣି, ଗ୍ରୀଷ୍ମକାଳରେ ଥୁଂଟା ଗଛର ଦୂରବସ୍ଥା ଦେଖି ଏବଂ ସାମାନ୍ୟ କାଙ୍କଣ ଗଛର ମରିବାର ଦୃଶ୍ୟ ମଧ୍ୟରେ ସେ ପ୍ରେରଣା ଲାଭ କରିଛନ୍ତି । 'ଗୋଟିଏ କାଙ୍କଣ ଗଛ' କବିତାରେ କବି ଲେଖିଛନ୍ତି-

"ଅନ୍ୟର ଆଶ୍ରୟ ପାଇ ଉଚ୍ଚେ ଶିର ଟେକି,
ବଡ଼ପଣ ଅଭିଳାଷେ ନର ଅବିବେକୀ ।
ସ୍ୱାଧୀନତା-ପ୍ରିୟେ ! ଧରି ।ପର ଚରଣ,
ଭାଗ୍ୟ ଅରଜନୁଁ ଶ୍ରେୟ ମଣିଲୁ ମରଣ ।"

ଗୋପବନ୍ଧୁଙ୍କ ଅଧିକାଂଶ କବିତାରେ ପ୍ରକୃତି ପ୍ରତି ଭଲପାଇବା ସହିତ ଓଡିଆ ଜାତି ପ୍ରତି ମଧ୍ୟ ରହିଛି ଅହେତୁକ ଭଲପାଇବା; ତା ସହିତ ପରାଧୀନତାରୁ ମୁକୁଳିବା ପାଇଁ ଦୁର୍ବାର ଲାଳସା । ତାଙ୍କ ବିଭିନ୍ନ ରଚନା ଯଥା- 'ବିଂଶ ଶତାବ୍ଦୀର ପ୍ରଥମ ଦିନ ବାରବାଟୀ ଦର୍ଶନ', 'ବାଲିଯାତ୍ରା ସନ୍ଧ୍ୟାରେ- ମହାନଦୀ ତୀରରେ', 'କଟକର ଶିଳା ସେତୁ', 'ଖଣ୍ଡଗିରି ଶିଖରେ', 'ଭାର୍ଗବୀ ପ୍ରତି', 'ଗୋଟିଏ କାଙ୍କଣ ଗଛ', 'ରେଳ ଉପରେ ଚିଲିକା ଦର୍ଶନ' ଇତ୍ୟାଦି କବିତାରେ ପ୍ରକୃତି ଅପରୂପ ଶୋଭାକୁ ସୁନ୍ଦର ଭାବରେ ବର୍ଣ୍ଣନା କରିଛନ୍ତି । କବିତାରେ ପ୍ରକୃତି ବର୍ଣ୍ଣନା ବା ପଲ୍ଲୀ ଚିତ୍ରକୁ ଉପସ୍ଥାପନ କରିବା ଅଧିକାଂଶ କବିଙ୍କ କବିତାରେ ଦେଖିବାକୁ ମିଳେ । ପ୍ରକୃତି ସହିତ ଓଡିଆ କବିତାର ଏକ ଆତ୍ମୀୟତା ରହିଛି ବୋଲି ମନେହୁଏ । ରାଧାନାଥ ରାୟ 'ଚିଲିକା' କାବ୍ୟରେ ପ୍ରକୃତିର ଅପରୂପ ସୌନ୍ଦର୍ଯ୍ୟକୁ ମାନବାୟିତ କରି ଆକର୍ଷଣୀୟ ଢଙ୍ଗରେ ବର୍ଣ୍ଣନା କରିଛନ୍ତି । କବି ଗୋପବନ୍ଧୁ ମଧ୍ୟ ପ୍ରକୃତିର ବର୍ଣ୍ଣନାରେ ରାଧାନାଥଙ୍କ ଠାରୁ କୌଣସି ଗୁଣରେ କମ୍ ନୁହନ୍ତି । 'ରେଳ ଉପରେ ଚିଲିକା ଦର୍ଶନ'ରେ ସେ ଚିଲିକାର ପ୍ରକୃତି ବର୍ଣ୍ଣନା କରିବା ସହିତ ଉତ୍କଳର ଇତିହାସକୁ ମଧ୍ୟ ସ୍ମରଣ କରିବାକୁ ଭୁଲି ନାହାନ୍ତି ।

ପ୍ରତ୍ୟେକ ଯୁଗରେ ସମାଜରେ ବିଭିନ୍ନ ସମୟରେ ବହୁତ ବଡ ବଡ ପରିବର୍ତ୍ତନ ଘଟିଥାଏ । ଏହା ସେହି ସମୟର ରାଜନୈତିକ ପରିବର୍ତ୍ତନ ବା ସାମାଜିକ ବିପ୍ଳବର ଆଖ୍ୟା ପାଇଥାଏ । ସମାଜର ଏହି ସନ୍ଧିକ୍ଷଣରେ ପୁରାତନ ନୀତି-ଆଦର୍ଶ, ଚିନ୍ତା-ଚେତନା, ପରଂପରା, ରୀତି-ନୀତି ସବୁ ଓଲଟ ପାଲଟ ହୋଇଯାଏ । ଏହିପରି ସମୟରେ ଯୁଗ ପ୍ରବର୍ତ୍ତକମାନଙ୍କର ସମାଜ ସଂସ୍କାରକ ଦୃଷ୍ଟିଭଙ୍ଗୀ, ଯୋଗୀମାନଙ୍କର ତପସ୍ୟା, ଭକ୍ତି, ଧର୍ମ, ଦାର୍ଶନିକମାନଙ୍କର ଦାର୍ଶନିକ ଚିନ୍ତାଧାରା ସର୍ବୋପରି କବିମାନଙ୍କର କବିତ୍ୱର ଜୀବନ୍ୟାସୀ ଶକ୍ତି ଗୋଟିଏ ଜାତିକୁ ରକ୍ଷା କରିବାରେ ସମର୍ଥ ହୋଇଥାଏ । ଏହିପରି ଆଦର୍ଶମୟ ଓ ପ୍ରେରଣାଦାୟୀ ଯୁଗପୁରୁଷମାନେ ସର୍ବଦା ଧରାବତରଣ କରନ୍ତି ମାନବ ସମାଜର କଲ୍ୟାଣ ପାଇଁ । ଗୋପବନ୍ଧୁ ଏହିପରି କିଛି ମହାନ୍ ବ୍ୟକ୍ତିମାନଙ୍କ ପାଖରୁ ଯୋଉଁ ପ୍ରେରଣା, ଉତ୍ସାହ ଓ ଉଦ୍‌ବୋଧନ ପାଇଛନ୍ତି ତାକୁ ଜୀବନର ପ୍ରତ୍ୟେକ ପଦକ୍ଷେପରେ ପାଳନ କରିବାକୁ ଚେଷ୍ଟା କରିଛନ୍ତି ଏବଂ ତାଙ୍କର କବିତାରେ ସେମାନଙ୍କ ସଂପର୍କରେ ପ୍ରକାଶ ମଧ୍ୟ କରିଛନ୍ତି । 'ଶମ୍ଭୂକର ବାଜପେୟୀ', 'ଭକ୍ତ କବିବର ଜଗନ୍ନାଥ ଦାସ', 'ବଳରାମ ଦାସ', 'ଅନଙ୍ଗ ଭୀମଦେବ', 'ଶ୍ରୀ ପୁରୁଷୋତ୍ତମ ଦେବ', 'ଉପେନ୍ଦ୍ର ଭଞ୍ଜ', 'ସାମନ୍ତ ଚନ୍ଦ୍ରଶେଖର' ପ୍ରଭୃତି ମହାନ୍ ଉତ୍କଳୀୟଙ୍କ ସଂପର୍କରେ ସେ ନିଜସ୍ୱ ଅଭିମତ ପୋଷଣ କରିଛନ୍ତି । ଓଡିଶାର କିମ୍ବଦନ୍ତୀ ଓ କବିଙ୍କ ବ୍ୟକ୍ତଗତ ଚିନ୍ତା ଚେତନାର ସମନ୍ୱୟ ତାଙ୍କ କବିତାରେ ପରିଲକ୍ଷିତ ହୁଏ । ଜଗନ୍ନାଥ ଦାସ ଓ ବଳରାମ ଦାସଙ୍କ ସଂପର୍କରେ ଗୋପବନ୍ଧୁ 'ବଳରାମ ଦାସ' କବିତାରେ ଲେଖିଛନ୍ତି-

"ହୁଏ ମୋ ପ୍ରତୀତି        ନୀଳାଚଳପତି
ଭକତ-ବନ୍ଧୁ ଠାକୁର
ଉତ୍କଳ-କଲ୍ୟାଣେ        ଯୁଦ୍ଧ ଅଭିଯାନେ
ଜିଣିଲେ ଯେ କାଂଚିପୁର ।
କବି ରୂପେ ପୁଣି        ଅବତରି ବେନି
ଜଗନ୍ନାଥ ବଳରାମ
ଧର୍ମ-କର୍ମ-ଦୀକ୍ଷା        ସାହିତ୍ୟ ସୁଶିକ୍ଷା
ପ୍ରଚାରି ରଖିଲ ନାମ ।"

ଗୋପବନ୍ଧୁଙ୍କ ଶିରା-ଧମନୀରେ କେବଳ ଉତ୍କଳୀୟତାର ମନ୍ତ୍ର ପ୍ରବାହିତ ହେଉଥିଲା । ସେ ଜୀବନର ପ୍ରତ୍ୟେକ ମୁହୂର୍ତ୍ତରେ କେବଳ ଦେଶ ଓ ଜାତିର ଉନ୍ନତିକଳ୍ପେ ଚିନ୍ତା କରୁଥିଲେ ଏବଂ ତା ସହିତ ପରାଧୀନତାରୁ ମୁକ୍ତି ପାଇବାର ଉପାୟ ଓ ସାଧାରଣ ଲୋକମାନଙ୍କ ମଧ୍ୟରେ ଜାତୀୟତାର ଧ୍ୱନି କିପରି ଗୁଂଜରିତ ହେବ ସେ କଥା ଭାବି ବ୍ୟଥିତ ହେଉଥିଲେ । 'ସାରଳ ଦାସ' କବିତାରେ ଉତ୍କଳ ଓ ଭାରତୀୟତାର ଜୟଧ୍ୱନି କରି ଲେଖିଛନ୍ତି-

"ଉଠ ଶୂଦ୍ରମୁନି !        କେତେକାଳ ତୁନି
ହୋଇ ରହିଥିବ ଆଉ,
ଭାରତେ ତଇଳେ        ନବ ଜ୍ଞାନ-ଦୀପ
ଜଳୁ ଥରେ ଦାଉ ଦାଉ ।
ଉଠୁ ଘରେ ଘରେ        ଅକୁଂଠିତ ସ୍ୱରେ
ସ୍ୱାଧୀନ ସଙ୍ଗୀତ-ଧ୍ୱନି,
ଗାଆନ୍ତୁ ଉତ୍କଳେ        ବୃଦ୍ଧ ଯୁବା ବଙ୍କଳ
ଜୟ ଭାରତ ଜନନୀ ।"

ସେହିପରି ଅନଙ୍ଗଭୀମ ଦେବ କବିତାରେ ଉତ୍କଳୀୟମାନଙ୍କୁ ଜଡତା ପରିହାର କରିବାକୁ ଆମନ୍ତ୍ରଣ କରିଛନ୍ତି । ସେ ସଂପର୍କରେ କବି ଲେଖିଛନ୍ତି-

"ଉଠ ହେ ଉତ୍କଳୀ !        ଜଡତା-ଶିକୁଳି
ଫିଙ୍ଗିଣ ଦୂରେ ବହନ,
ଅମର ଭୁବନୁଁ        ଶ୍ରୀ ଅନଙ୍ଗଦେବ
କରୁଛନ୍ତି ଆମନ୍ତ୍ରଣ ।"

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ଏହିପରି ଭାବରେ ଓଡିଶାର ମହାନ ସାଧକ, ଦିଗ୍‌ଦର୍ଶକ ଓ ଦୂରଦୃଷ୍ଟି ସଂପନ୍ନ ଉତ୍କଳର କୃତି ସନ୍ତାନମାନଙ୍କ ସଂପର୍କରେ ଉଲ୍ଲେଖ କରିଛନ୍ତି । ଏହାର କାରଣ ସେ ଯେ କେବଳ ସେମାନଙ୍କର ଗୁଣଗାନ କରିଛନ୍ତି ତାହା ନୁହେଁ; ସେହି ଦିବ୍ୟ ପୁରୁଷମାନଙ୍କ ମହାନ ଆଦର୍ଶ, ଭାବଧାରା, ଉନ୍ନତ ଜୀବନ ଶୈଳୀ, ଜାତିପ୍ରୀତି ଓ ଭାଷାପ୍ରୀତି ଦ୍ୱାରା ସମସ୍ତଙ୍କୁ ଉଦ୍‌ବୁଦ୍ଧ ହେବାକୁ ଆହ୍ୱାନ କରିଛନ୍ତି । ଉନବଂଶ ଶତକର ଶେଷାର୍ଦ୍ଧ ଓ ବିଂଶ ଶତକର ଆରମ୍ଭରେ ଆମ ସମାଜରେ ଦେଖା ଦେଥିବା ବିପର୍ଯ୍ୟସ୍ତ ମାନସିକତାକୁ ପୁନର୍ଜୀବିତ କରିବା ଲକ୍ଷ୍ୟ ଓ ଉଦ୍ଦେଶ୍ୟକୁ ଦୃଷ୍ଟିରେ ରଖି ସେ ଏହି ଯୁଗପୁରୁଷମାନଙ୍କର ସମାଜ ପ୍ରତି ଉତ୍ସର୍ଗୀକୃତ ଜୀବନୀକୁ ଲୋକମାନଙ୍କ ସମ୍ମୁଖରେ କବିତା ମାଧ୍ୟମରେ ତୋଳିଧରିଛନ୍ତି ।

ଗୋପବନ୍ଧୁ ଦାସ ତାଙ୍କର ସମସ୍ତ କାବ୍ୟ-କବିତା, ପ୍ରବନ୍ଧ ଓ ସ୍ତମ୍ଭ ରଚନାରେ କେବଳ ଭାଷା, ଭୂମି ଓ ମାନବୀୟ ଗୁଣାବଳୀର ଜୟଗାନ କରିଥିବା ବେଳେ ଏହାର ପରିପନ୍ଥୀ ବିଚାର ବ୍ୟବସ୍ଥା, ଶାସନ ପ୍ରଣାଳୀ ଓ ତାକୁ ସହଯୋଗ କରୁଥିବା ଦେଶୀ ବିଦେଶୀ ସମସ୍ତଙ୍କୁ ଘୋର ବିରୋଧ କରିଛନ୍ତି । ସିଧା ସଳଖ ଭାବେ ସରକାରଙ୍କୁ ସମାଲୋଚନା କରିବାକୁ ସେ ପଛାଇନାହାନ୍ତି । ସେ ଯାହା କହିଛନ୍ତି ତାହା କେବଳ ଦେଶର ଅଗଣିତ ଲୋକମାନଙ୍କର ଉନ୍ନତି ପାଇଁ । ସେଥିପାଇଁ ତାଙ୍କର ପ୍ରତ୍ୟେକ ଲେଖାରେ ଗୋଟିଏ ଅଖଣ୍ଡ ଜାତୀୟ ବ୍ୟକ୍ତିସତା ବିଚ୍ଛୁରିତ ହୋଇପଡିଛି । ଗୋପବନ୍ଧୁଙ୍କ ଗଦ୍ୟରୁ ଗୋଟିଏ ଉଦାହରଣ ନିଆଯାଇପାରେ । 'ସମାଜ' ତା ୧୧.୧୦.୧୯୧୯ରିଖରେ ସେ ଲେଖିଥିଲେ, "ଅନ୍ନ କଷ୍ଟରେ ଲୋକେ ଅଖାଦ୍ୟ ଖାଇଲେ, ନ ଖାଇ ଶୁଖି ଶୁଖି ମଲେ, ରାଜ୍ୟ ଛଡି ପଳେଇଲେ, ତେବେ ସୁଦ୍ଧା ଦୁର୍ଭିକ୍ଷ ହୋଇଛି ବୋଲି ଯେ ହାକିମମାନେ ନ କହନ୍ତି ସେମାନେ ଲୋକଙ୍କ ମା' ବାପ? ଧୋଇରେ ଫସଲ ମୂଳପୋଛ ନଷ୍ଟ ହେଲା, ଲୋକଙ୍କ ଘରଦ୍ୱାର ଭାଙ୍ଗିଗଲା, ମାସେ ମାସେ କାଳ ଖାଇବାକୁ ନପାଇ ଲୋକେ ମଲେ, ଗୋରୁଗାଇ ମଲେ, ତେବେ ସୁଦ୍ଧା ଧୋଇ ସେପରି ବେଶୀ କିଛି କ୍ଷତି କରିଛି ବୋଲି ଯେ ହାକିମମାନେ ନ ମାନନ୍ତି ସେହିମାନେ ଲୋକମାନଙ୍କ ପ୍ରକୃତ ପ୍ରତିନିଧି ତ ? ଅବଶ୍ୟ ବେଳେବେଳେ ଜଣେ ଅଧେ ହାକିମ ମିଳନ୍ତି, ଯେ କି ମା' ବାପ ଭଳି ଲୋକଙ୍କୁ ଭଲ ପାଆନ୍ତି, ଲୋକଙ୍କ ସଙ୍ଗେ ମିଶନ୍ତି; ଛିଡିଗଲା ବେଳେ ଆଖିରୁ ଲୁହ ଗଡାନ୍ତି । ମାତ୍ର ସେମାନଙ୍କ ସଂଖ୍ୟା କେତେ x x x ଆମେମାନେ କେବଳ ଗୋରା ହାକିମଙ୍କ କଥା କହୁନାହୁଁ । ଏ ଦେଶର ଯୋଉଁମାନେ ସେପରି ବଡ ହାକିମ ହୋଇଛନ୍ତି ସେମାନେ ପ୍ରାୟ ତଥୈବ ଚ । ଲୋକେ ବୁଝିଲେଣି ଗୋରା ହୁଅନ୍ତୁ ବା କଳା ହୁଅନ୍ତୁ, ହାକିମଙ୍କ କିଛି ଦୋଷ ନାହିଁ, ସେମାନେ ଯେ ଛାଂଚରେ ପଡ଼ନ୍ତି, ସେ କଳରେ କାମ କରନ୍ତି, ସେଥିରେ ସେମାନଙ୍କ ରଙ୍ଗ ଢଙ୍ଗ ଏକା ହୋଇଯାଏ; ଚାଲ ବୋଲ ସମାନ ହୁଏ ।"

ଉପରୋକ୍ତ ଲେଖାରେ ଗୋପବନ୍ଧୁ ଦାସ ବ୍ୟଙ୍ଗାତ୍ମକ ଭାବରେ ସେହି ସମୟର ଶାସନ କଳକୁ ଘୋର ବିରୋଧ କରିଛନ୍ତି । ବିଦେଶୀ ହୁଅନ୍ତୁ ବା ସେମାନଙ୍କୁ ସହଯୋଗ କରୁଥିବା ଆମ ଭାରତୀୟମାନେ; ଶାସନଗାଦିରେ ବସିବା ମାତ୍ରେ ସେମାନଙ୍କ ଭିତରେ ମଣିଷପଣିଆ ଲୋପ ପାଇଯାଇଛି, ସେମାନେ ଆତ୍ମସ୍ୱାର୍ଥରେ ମାତି ସାଧରଣ ଜନାତାଙ୍କ ସୁଖ-ଦୁଃଖ ଭୁଲିଯାଆନ୍ତି । ମାତ୍ର ଦରଦୀ, ମାନବବାଦୀ ଗୋପବନ୍ଧୁ ଏହି ଶାସନ ବ୍ୟବସ୍ଥାରେ ଥିବା ମାନବପ୍ରେମୀ ହାକିମମାନଙ୍କୁ ସ୍ମରଣ କରିବାକୁ ଭୁଲି ନାହାନ୍ତି । ସେମାନଙ୍କ ସଂଖ୍ୟା ନଗଣ୍ୟ ହେଲେ ବି ସେମାନଙ୍କ ତ୍ୟାଗ, ନିଷ୍ଠା ନିଶ୍ଚିତ ଭାବରେ ପ୍ରଶଂସାଯୋଗ୍ୟ । ବାସ୍ତବରେ ଏହା ହିଁ ଗୋପବନ୍ଧୁଙ୍କ ଉଦାର ମାନବିକତା । ସମାଜ ବିରୋଧୀ ମାନସିକତାକୁ ସିଧା ସଳଖ ବିରୋଧ କରୁଥିଲେ ହେଁ ତାଙ୍କର ଲେଖାରେ ସାଧୁ ସ୍ତୁତି କରିବାକୁ ସେ ଭୁଲି ନାହାନ୍ତି ।

H. G. wells ମତ ଅନୁସାରେ- "Our true nationality is mankind." ପଣ୍ଡିତ ଗୋପବନ୍ଧୁ ଦାସ ମଧ୍ୟ ଏହି ଦର୍ଶନରେ ଥିଲେ ବିଶ୍ୱାସୀ । ନିଜର ମଣିଷପଣିଆକୁ ମଣିଷ ପାଇଁ ବିନିଯୋଗ କରିବାକୁ ସେ ଶ୍ରେୟ ମଣୁଥିଲେ । ବିଶ୍ୱ ହିତରେ ଆତ୍ମ ତ୍ୟାଗକୁ ମଧ୍ୟ ସେ ଗୁରୁତ୍ୱ ଦେଉଥିଲେ । ତାହାର ଏକ ଜ୍ୱଳନ୍ତ ଉଦାହରଣ ତାଙ୍କର 'ଧର୍ମପଦ' କବିତା । ବାର ବର୍ଷର ଏକ ବାଳକ ବାରଶହ ବଢେଇ କୁଳର ଜୀବନ, ମାନ, ସମ୍ମାନ ରକ୍ଷା କରିବାକୁ ଯାଇ ନିଜ ଜୀବନକୁ ବାଜି ଲଗେଇବା ନିଶ୍ଚୟ ମଣିଷପଣିଆର ବିଜୟ । ଦେଶ-କାଳ-ସୀମା ଓ ଅତୀତ ମହିମା ବର୍ଣ୍ଣନା କରି ଓଡ଼ିଶାର ପ୍ରସିଦ୍ଧ କିମ୍ବଦନ୍ତୀକୁ ଆଧାର କରି ବିଶ୍ୱବିଖ୍ୟାତ କୋଣାର୍କ ମନ୍ଦିର ଚୂଡ଼ାରୁ ବିଶ୍ୱ ହିତ ପାଇଁ ବାରବର୍ଷର ବାଳକର ଆତ୍ମୋତ୍ସର୍ଗ ମାଧ୍ୟମରେ କବି ବିଶ୍ୱଜୀବନର ବାର୍ତା ଦେଇଛନ୍ତି । କବିଙ୍କ ଭାଷାରେ-

"ଏ ଜଗତ ବାପ, ମହା ମଖଶାଳା
ନରନାରୀ ଯଜମାନ,
ସେହି କୃତୀ ଯେହୁ ପରହିତ କରେ
ଜୀବନ ଆହୁତି ଦାନ ।
ଭୁବନ ବିଦିତ ଦଧିଚି ଚରିତ
ପୁରାଣେ ତ ଅଛ ଶୁଣି,
କହି ସ୍ୱସ୍ତି ସ୍ୱସ୍ତି ଦେଲେ ନିଜ ଅସ୍ଥି
ବିଶ୍ୱହିତେ ମହାମୁନି ।"

ଏଥିରେ ମହାମୁନି ଦଧିଚିଙ୍କ ଠାରୁ ଆରମ୍ଭ କରି ବାରବର୍ଷର ବାଳକ ଧର୍ମପଦର ନିଜ ଜାତି ପାଇଁ ସର୍ବୋପରି ବିଶ୍ୱର କଲ୍ୟାଣ ପାଇଁ ଜୀବନ ଉତ୍ସର୍ଗ କରିବାର ମାନସିକତାକୁ କବି ସ୍ମରଣ କରିଛନ୍ତି । ଏହା ମାଧ୍ୟମରେ ସେ ଆମ ସମସ୍ତଙ୍କ ଭିତରେ ସୁପ୍ତ ଭାବରେ ଥିବା ମାନବିକତାକୁ ଜାଗ୍ରତ କରିବାକୁ ଚେଷ୍ଟା କରିଛନ୍ତି ।

ଫଳରେ ପରାଧୀନତାର ଶୃଙ୍ଖଳରୁ ଆମେ ମୁକ୍ତି ପାଇବା ସହିତ ଆମ ଭିତରେ ଏକ ସୌହାର୍ଦ୍ଦ୍ୟପୂର୍ଣ୍ଣ ଓ ସୁସ୍ଥ ବାତାବରଣ ସୃଷ୍ଟି ହୋଇପାରିବ ବୋଲି କବି ଆଶାବାଦୀ । ସମସ୍ତେ ନିଜର ଆତ୍ମଶୁଦ୍ଧି କରି ସତ୍ୟ ଓ ଶାନ୍ତି ପଥରେ ଚାଲିଲେ ସୁଶାସନ ପ୍ରତିଷ୍ଠା ହୋଇପାରିବ । ତା ସହିତ ସର୍ବଧର୍ମ ସମନ୍ୱୟ ହେଲେ ଭାରତୀୟ ଆଦର୍ଶର ପ୍ରଚାର ହେବ ବୋଲି କବି ମତପୋଷଣ କରିଛନ୍ତି । ସବୁ ଧର୍ମର ସାରମର୍ମ ସମାନ; ଏ ସତ୍ୟକୁ ସମସ୍ତେ ହୃଦୟଙ୍ଗମ କରିପାରିଲେ ବିଶ୍ୱଭ୍ରାତୃତ୍ୱ ସଂଭବ ହୋଇପାରିବ । ଭାରତର ସ୍ୱାଧୀନତାରେ, ଭାରତର ସୁଶାସନରେ, ଭାରତର ସର୍ବଧର୍ମ ପ୍ରତିଷ୍ଠାରେ ଭାରତୀୟତାକୁ ଗୁରୁତ୍ୱ ଦେଇ କବି ଲେଖିଛନ୍ତି-

"ଛାଡି ତେବେ ମନୁଁ ଭେଦ ଅଭିମାନ
ବେଦ କୋରାନରେ କର ସମଜ୍ଞାନ ।
ହିନ୍ଦୁ ମୁସଲମାନ ବୌଦ୍ଧ ଖ୍ରୀଷ୍ଟିଆନ
ଶିଖ୍ ଜୈନ ଯେତେ ଭାରତ ସନ୍ତାନ ।"

ପଣ୍ଡିତ ଗୋପବନ୍ଧୁ ଦାସ ଥିଲେ ଜଣେ ସାଧକ, ତ୍ୟାଗୀ, ଯୋଗୀ ଓ କର୍ମୀ । କେବଳ ବିଶ୍ୱର ଉନ୍ନତି ଓ ଏକ ସୁସ୍ଥ ମାନବସମାଜର ପରିକଳ୍ପନାରେ ସେ ଥିଲେ ବ୍ରତୀ । ତେଣୁ ସେ ନିଜର ଲେଖା ମାଧ୍ୟମରେ ସମସ୍ତଙ୍କୁ ଅନୁପ୍ରେରିତ କରିବାକୁ ଚେଷ୍ଟା କରୁଥିଲେ । ନିଜର ସ୍ୱଦେଶ ପ୍ରୀତି ଓ ଇଂରେଜ ବିରୋଧୀ ଆଚରଣ ଓ ଉଚ୍ଚାରଣ ପାଇଁ ସେ ସର୍ବଦା ସେମାନଙ୍କ କୋପଦୃଷ୍ଟିର ସମ୍ମୁଖୀନ ହେଉଥିଲେ ଓ କାରବରଣ ମଧ୍ୟ କରିଥିଲେ । ନିଜର ଅଧୁରା କାର୍ଯ୍ୟକୁ ପୂରଣ କରିବା ପାଇଁ ସେ ଉତ୍କଳୀୟମାନଙ୍କୁ ଆହ୍ୱାନ କରିଛନ୍ତି । 'ମୁକ ମିନତି' ଏହାର ଏକ ଜ୍ୱଳନ୍ତ ଉଦାହରଣ । କବିଙ୍କ ଭାଷାରେ-

"ମୋ ପ୍ରିୟ ଉତ୍କଳବାସୀ ଚାହଁ ମୋର ମୁଖ,
ମୂକ ମୋତେ ଦେଖି ମନେ ପାଅ କି ହେ, ଦୁଃଖ ?
ମୋ ମୁଖେ ଲଗା. ପାଟି ନ ପାରିବି ଖୋଲି,
ହାତ ଗୋଡେ ପରେ ଲାଗିପାରେ ବା ଶାଙ୍କୋଳି ।
ନ କର ହେ ଏଥିଲାଗି ଭୟ ବା ଭାବନା,
ସ୍ୱରାଜ୍ୟ ସାଧନା ପଥେ ଏ ଶୁଭ ସୂଚନା ।
ତୁମ୍ଭର ମୋ ପ୍ରତି ଥିଲେ ସେନେହ ମମତା
ଲାଗେ କାର୍ଯ୍ୟେ, ଶୁଣ ନାହିଁ ଅନ୍ୟ କାହା କଥା ।"

ଗୋପବନ୍ଧୁଙ୍କ ଭିତରେ ଜାତୀୟତାର ଏକ ଅଫୁରନ୍ତ ଉଚ୍ଛ୍ୱାସ ପରିଲକ୍ଷିତ ହେଉଥିଲା । ସମାଜର ପ୍ରତିସ୍ତରର ମଣିଷମାନଙ୍କର ଦୁଃଖ ଦୁର୍ଦ୍ଦଶା ଓ ଅସହାୟତାକୁ ସମବେଦନା ଦୃଷ୍ଟିରେ ଦେଖୁଥିଲେ; ଯାହା ତାଙ୍କ କବିତାରେ ଅତି ମାର୍ମିକ ଭାବରେ ପ୍ରକାଶ ପାଇଥିଲା । ଜୀବେ ଦୟା ଓ ଦରିଦ୍ର ନାରାୟଣ ସେବା ନୀତିରେ ତାଙ୍କର କବିତାଗୁଡ଼ିକ ରସାଣିତ ଥିଲା । ଜୀବନର ଚିରନ୍ତନ ପ୍ରଭାବ ମଧ୍ୟରୁ କେତେ ଗୋଟି ମୁହୂର୍ତ୍ତକୁ ରୂପାୟିତ କରିବାରେ ଗୋପବନ୍ଧୁ ସଫଳତା ଲାଭ କରିଥିଲେ । ଆଦର୍ଶବୋଧ ସହିତ ବ୍ୟକ୍ତିଗତ ଆବେଗିକ ସ୍ପନ୍ଦନ ଗୋପବନ୍ଧୁଙ୍କ କବିତାରେ ବାରି ହୋଇପଡେ । ସମଗ୍ର ମାନବ ସମାଜ ଓ ଜୀବଜଗତ ପ୍ରତି ସହାନୁଭୂତିଶୀଳ ଦରଦୀ ଗୋପବନ୍ଧୁ ବିଂଶ ଶତାବ୍ଦୀର ଜଣେ ପ୍ରମୁଖ ଜାତୀୟତାବାଦୀ କବି ଭାବରେ ପରିଚିତ । 'ପ୍ରାର୍ଥନା' କବିତାରେ ସମଗ୍ର ମାନବ ସମାଜକୁ ଜାତୀୟତାରେ ଉଦ୍‌ବୁଦ୍ଧ ହେବାକୁ କହିଛନ୍ତି-

"ଜାତୀୟତା-ସ୍ରୋତେ ହେଉ ପ୍ଲାବିତ,
ଉଠୁ କୋଟି କଣ୍ଠୁ ଜାତୀୟ ଗୀତ,
ତେଜି ସ୍ୱାର୍ଥ ଅଭିମାନ ଯେ,
ଜନନୀ-କଲ୍ୟାଣେ ସାଧୁ ଅନୁଷ୍ଠାନେ
ରହୁ ସଦା ମନ ଧ୍ୟାନ ଯେ ।"

ଗୋପବନ୍ଧୁ ଦାସ ମଣିଷ ଜୀବନକୁ ସର୍ବଶ୍ରେଷ୍ଠ ଦର୍ଶାଇବା ସହିତ ନିଜର ମଣିଷ ଜନ୍ମର ସାର୍ଥକତା ପ୍ରତିପାଦନକୁ ଗୁରୁତ୍ୱ ଦେଇଛନ୍ତି । ସମସ୍ତେ ନିଜର ପୁରୁଷପଣିଆକୁ ଚରିତାର୍ଥ କରିବା ସହିତ ଏହି ଜୀବଜଗତ ପାଇଁ ନିଜର କର୍ମ ସଂପାଦନ କରିବାକୁ କବି ଜୀବନର ମାନଦଣ୍ଡ ଭାବରେ ଦର୍ଶାଇଛନ୍ତି । 'ଧର୍ମପଦ' କବିତାରେ ବିଶ୍ୱମାନବର ଜୀବନଦର୍ଶନ ସଂପର୍କରେ କବି କହିଛନ୍ତି-

"କାପୁରୁଷ ପରି ମରିବା ଜଗତେ
ନୁହେଁ ନର ପଉରୁଷ
ପରହିତ ସାଧି ମରେ ଯେ ମହୀରେ
ସେହି ଏକା ସୁପୁରୁଷ ।
ମାନବ ଜୀବନ ନୁହଇ କେବଳ
ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର, କର୍ମ ଏକା ତାର
ଜୀବନର ମାନଦଣ୍ଡ ।"

ଆଚାର୍ଯ୍ୟ ପ୍ରଫୁଲ୍ଲ ଚନ୍ଦ୍ର ରାୟ ଶ୍ରଦ୍ଧାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ଉତ୍କଳମଣି ଉପାଧି ପ୍ରଦାନ କରିଥିଲେ । ନିଜର ଉତ୍ସର୍ଗୀକୃତ କର୍ମମୟ ଜୀବନ ପାଇଁ ତାଙ୍କର ସୀମିତ ଜୀବଦ୍ଦଶାରେ ଓଡ଼ିଶାର ଘରେ ଘରେ ପରିଚିତ ହୋଇପାରିଛନ୍ତି । ସେ କେବଳ ଜଣେ ସାଧାରଣ ବ୍ୟକ୍ତି ନୁହନ୍ତି; ସେ ଓଡିଆ ଅସ୍ମିତାର ପରିଚାୟକ ଓ ଏକ ପବିତ୍ରତମ ଜାତୀୟ ଅନୁଷ୍ଠାନ । ଓଡିଶାର ଜାତୀୟ ଜୀବନରେ ତାଙ୍କର ଲୋକପ୍ରିୟତାକୁ କେହି ଅତିକ୍ରମ କରିଥିବା ଭଳି ମନେହୁଏ ନାହିଁ । 'ଉପଇନ୍ଦ୍ର ଭଞ୍ଜ' କବିତାରେ ଯେଉଁ ପଂକ୍ତି ସେ ଉପେନ୍ଦ୍ର ଭଞ୍ଜଙ୍କ ବିଷୟରେ ଲେଖିଛନ୍ତି, ତାହା ସ୍ୱୟଂ ପଣ୍ଡିତ ଗୋପବନ୍ଧୁଙ୍କ ପାଇଁ ବେଶୀ ପରିମାଣରେ ପ୍ରଯୁଜ୍ୟ ବୋଲି ମୁଁ ବ୍ୟକ୍ତିଗତ ଭାବରେ ଅନୁଭବ କରୁଛି । ତାହା ହେଲା–

"ଗାଏ ତୁମ୍ଭ ଗୀତ ସଭାରେ ପଣ୍ଡିତ
ପଥେ ପାନ୍ଥ ହୃଷ୍ଟମନା,
ବିଲେ ବୋଲେ ଚଷା ଅନ୍ତଃପୁରେ ଯୋଷା
ନୃତ୍ୟରଙ୍ଗେ ବାରାଙ୍ଗନା ।"

ପଣ୍ଡତ ଗୋପବନ୍ଧୁଙ୍କ କବିତା ପଙ୍‌କ୍ତିର ସାର୍ବକାଳିକତା ଓ ଲୋକପ୍ରିୟତା ପାଇଁ ତାହା ସବୁ ବର୍ଗର ଲୋକମାନଙ୍କ ଦ୍ୱାରା ଓଡିଶାର ସର୍ବତ୍ର ଲୋକମୁଖରେ ବିଭିନ୍ନ ସମୟରେ ଓ ବିଭିନ୍ନ ଅବକାଶରେ ଶୁଣା ଯାଇଥାଏ । ସେ ଥିଲେ ଜଣେ ଆଶୁକବି । ସମାଜ ସଂସ୍କାରକ ହିସାବରେ ବିଭିନ୍ନ ପରିପ୍ରେକ୍ଷୀରେ ସେ କବିତା ରଚନା କରୁଥିଲେ । ତାଙ୍କ କବିତାର ଅନ୍ତର୍ନିହିତ ସୌନ୍ଦର୍ଯ୍ୟ ଓ ସାବଲୀଳ ପ୍ରକାଶଭଙ୍ଗୀ ପାଠକମାନଙ୍କୁ ସର୍ବଦା ଆଚ୍ଛନ୍ନ କରି ରଖୁଥିବ ଏହା ନିଃସନ୍ଦେହରେ କୁହାଯାଇପାରେ ।

**ସହାୟକ ଗ୍ରନ୍ଥସୂଚୀ :**


୧) ଦାସ, ଦେବେନ୍ଦ୍ର କୁମାର ଉତ୍କଳମଣି ଗୋପବନ୍ଧୁ ଗ୍ରନ୍ଥାବଳୀ– ୧ମ ଖଣ୍ଡ, ଗ୍ରନ୍ଥମନ୍ଦିର, କଟକ ।

୨) ବେହେରା, ଚିନ୍ତାମଣି କାବ୍ୟ ଓ କଳାକାର, ଜଗନ୍ନାଥ ରଥ ପ୍ରକାଶନ, କଟକ ।

୩) ମହାପାତ୍ର, ନିତ୍ୟାନନ୍ଦ ଗୋପବନ୍ଧୁ ସାହିତ୍ୟ-ସମୀକ୍ଷା, ପ୍ରକାଶିକା– ଶ୍ରୀମତୀ ସତ୍ୟଭାମା ମିଶ୍ର, ଗଞ୍ଜାମ ।

୪) ଶତପଥୀ, ନିତ୍ୟାନନ୍ଦ ସତ୍ୟବାଦୀ ଯୁଗ ସ୍ରଷ୍ଟା ଓ ସୃଷ୍ଟି, ଗ୍ରନ୍ଥମନ୍ଦିର, କଟକ ।

୫) ଶତପଥୀ, ନିତ୍ୟାନନ୍ଦ (ସଂ) ଗୋପବନ୍ଧୁ ପରିକ୍ରମା, ପୂଜ୍ୟପୂଜା ସଂସଦ, ଓଡିଶା ।



ଭାଷା ଓ ସାହିତ୍ୟ ବିଭାଗ
ଫକୀରମୋହନ ବିଶ୍ୱବିଦ୍ୟାଳୟ, ବ୍ୟାସବିହାର
ବାଲେଶ୍ୱର -୭୫୬ ୦୮୯, ଓଡିଶା ।

ISSN -2583-147X(P), Vol.- 9, Issue No.I, April 2023
Bastabatara Pariprakash Prachee
*Peer Reviewed and Referred Research Journal*

# କୁନ୍ତଳାକୁମାରୀଙ୍କ କବିତାରେ ଉତ୍କଳୀୟତା

## ଗାୟତ୍ରୀ ମହାପାତ୍ର

ଓଡ଼ିଆ ସାହିତ୍ୟର ଜଣେ ସୁପ୍ରସିଦ୍ଧ ଲେଖିକା ହେଉଛନ୍ତି କୁନ୍ତଳାକୁମାରୀ ସାବତ । ସେ ୧୯୦୦ ମସିହା ଫେବୃୟାରୀ ୮ ତାରିଖରେ ବସ୍ତର ଜିଲ୍ଲାର ଜଗଦଲପୁରଠାରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦାନିଏଲ ସାବତ ଓ ମାତାଙ୍କ ନାମ ମନିକା ଦେବୀ । ଜୀବନରେ ଅନେକ ସଂଘର୍ଷକୁ ସାମ୍ନା କରି ସେ ନିଜପାଇଁ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟିକରି ପାରିଛନ୍ତି । ଜଣେ ଡାକ୍ତରାଣୀ ଭାବରେ ଏବଂ ଜଣେ ଲେଖିକା ଭାବରେ ସେ ଲୋକମାନଙ୍କ ପାଖରୁ ଅଜସ୍ର ଭଲପାଇବା ପାଇଛନ୍ତି । ଅଞ୍ଜଳି (୧୯୨୩), ଉଚ୍ଛ୍ୱାସ (୧୯୨୪), ଅର୍ଚ୍ଚନା (୧୯୨୭), ସ୍ଫୁଲିଙ୍ଗ (୧୯୨୯), ଆହ୍ୱାନ (୧୯୩୦), ପ୍ରେମ ଚିନ୍ତାମଣି (୧୯୩୦), ଓଡ଼ିଆଙ୍କ କାନ୍ଦଣା (୧୯୩୬), ଗଡ଼ଜାତ କୃଷକ (୧୯୩୯), ମଣିକାଞ୍ଚନ (୧୯୨୫, ଅସମ୍ପୂର୍ଣ୍ଣ କାବ୍ୟ), ଆଦି କବିତା ପୁସ୍ତକ ଏବଂ ଭ୍ରାନ୍ତି (୧୯୨୩), ପରଶମଣି (୧୯୨୪), ନତୁଣ୍ଡୀ (୧୯୨୫), କାଳୀବୋହୂ (୧୯୨୭), ରଘୁ ଅରକ୍ଷିତ (୧୯୨୮), ଚିତ୍ରପଟ୍ଟ (ଅସମ୍ପୂର୍ଣ୍ଣ), ମା' ଓ ପୁଅ (ଅସମ୍ପୂର୍ଣ୍ଣ) ଆଦି ଉପନ୍ୟାସ ରଚନା କରି ସେ ଓଡ଼ିଆ ସାହିତ୍ୟର ବାଣୀଭଣ୍ଡାରକୁ ସମୃଦ୍ଧ କରିଛନ୍ତି ।

୧୯୩୮ ମସିହାରେ ମାତ୍ର ୩୮ ବର୍ଷ ବୟସରେ ସେ ମୃତ୍ୟୁବରଣ କରିଥିଲେ । ତାଙ୍କ ଜୀବନର ଏହି ୩୮ ବର୍ଷ ଥିଲା ଭାରତୀୟ ମୁକ୍ତିସଂଗ୍ରାମର ସମୟ । ଏହି ସମୟଖଣ୍ଡ ବିଭିନ୍ନ ଦୃଷ୍ଟିକୋଣରୁ ସମଗ୍ର ଭାରତବର୍ଷ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଥିଲା । ତାଙ୍କ ଜନ୍ମର ଯଥେଷ୍ଟ ପୂର୍ବରୁ ଓଡ଼ିଶାରେ ନବଜାଗରଣ ଆରମ୍ଭ ହୋଇସାରିଥିଲା, ଯେଉଁଥିରେ ଆମ ଓଡ଼ିଆ ସାହିତ୍ୟର ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା । ୧୮୦୩ ମସିହାରେ ଇଂରେଜମାନଙ୍କ ଓଡ଼ିଶା ଅଧିକାର ପରେ ୧୮୧୭ ବେଳକୁ ସେମାନଙ୍କ ବିରୋଧରେ ଓଡ଼ିଶା ମାଟିରେ ଆରମ୍ଭ ହୋଇଥିଲା ଭାରତର ପ୍ରଥମ ମୁକ୍ତିସଂଗ୍ରାମ ପାଇକ ବିଦ୍ରୋହ । ୧୮୨୫ ମସିହା ପର୍ଯ୍ୟନ୍ତ ଏ ବିଦ୍ରୋହ ଚାଲିଥିଲା । ୧୮୩୪ ମସିହାରେ ଇଂରେଜମାନେ ପାରଳାଖେମୁଣ୍ଡି ଏବଂ ୧୮୩୫ରେ ଘୁମୁସର ଅଧିକାର କରିଥିଲେ । ୧୮୩୫ ମସିହାର ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ଇଂରେଜ ସରକାରଙ୍କ ନୂତନ ଶିକ୍ଷାନୀତି ପ୍ରଣୟନ । ଏହି ଶିକ୍ଷାନୀତି ପ୍ରଣୟନ ହେବାପରେ ୧୮୫୭ ମସିହା ବେଳକୁ କଲିକତା, ବମ୍ବେ ଓ ମାଡ୍ରାସରେ ତିନୋଟି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା । ଏହା ପୂର୍ବରୁ ୧୮୨୨ ମସିହାରେ ପ୍ରଥମେ ଉଇଲିୟମ ବ୍ୟାମ୍ପଟନ ଓ ଜେମ୍ସ ପେଗସ୍ ଖ୍ରୀଷ୍ଟଧର୍ମ ପ୍ରଚାର କରିବା ପାଇଁ ଓଡ଼ିଶା ଆସିଥିଲେ । ପରେ ପରେ ୧୮୨୩ ମସିହାରେ ଚାର୍ଲସ ଲେସି ଓ ୧୮୨୫ ମସିହାରେ ଆମସସଟନ ଖ୍ରୀଷ୍ଟଧର୍ମ ପ୍ରଚାର ପାଇଁ ଓଡ଼ିଶା ଆସିଲେ । ୧୮୨୮ ମସିହାରେ ଲେସି ସାହେବ ଗଙ୍ଗାଧର ଷଡ଼ଙ୍ଗୀ ନାମକ ଜଣେ ବ୍ୟକ୍ତିଙ୍କୁ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ କରିଥିଲେ । ସେହି ବର୍ଷ ରାଜାରାମମୋହନ ରାୟଙ୍କ ଦ୍ୱାରା ବ୍ରାହ୍ମସମାଜ ଗଠନ ହୋଇଥିଲା । ୧୮୪୯ ମସିହାରେ କଟକଠାରେ ମହେଶଚନ୍ଦ୍ର ରାୟଙ୍କ ଦ୍ୱାରା ବ୍ରାହ୍ମସମାଜ ଗଠନ ହେଲା । ଭକ୍ତକବି ମଧୁସୂଦନ ରାଓ, ପ୍ୟାରୀମୋହନ ଆଚାର୍ଯ୍ୟ, ବିଶ୍ୱନାଥ କର, ସାଧୁଚରଣ ରାୟ ପ୍ରମୁଖ ବ୍ୟକ୍ତିମାନେ ବ୍ରାହ୍ମ ଧର୍ମ ଗ୍ରହଣ କରିଥିଲେ ।

୧୮୨୩ ମସିହାରେ ଖ୍ରୀଷ୍ଟିଆନ ପାଦ୍ରୀମାନଙ୍କ ପ୍ରଚେଷ୍ଟାରେ କଟକଠାରେ ଏକ ଇଂଲିଶ ଚ୍ୟାରିଟି ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା । ୧୮୩୫ ମସିହାରେ ପୁରୀଠାରେ ଏକ ଇଂରାଜୀ ସ୍କୁଲ୍ ପ୍ରତିଷ୍ଠା

ହେଲା । ଏହି କ୍ରମରେ ୧୮୯୦-୯୧ ମସିହା ବେଳକୁ ଓଡ଼ିଶାରେ ଆଠଶହରୁ ଅଧିକ ସ୍କୁଲ୍ ପ୍ରତିଷ୍ଠା ହୋଇଥିଲା । ସ୍କୁଲ ଗୁଡ଼ିକରେ ପାଠ୍ୟ ପୁସ୍ତକର ଆବଶ୍ୟକତା ପଡ଼ିବାରୁ ଏହି ସମୟରେ ପ୍ରଥମେ କେତେକ ଇଂରାଜୀ ଓ ବଙ୍ଗଳା ଭାଷାର ବହିକୁ ଓଡ଼ିଆରେ ଅନୁବାଦ କରାଗଲା । ପରେ ପରେ ମଧୁସୂଦନ ରାଓ, ରାଧାନାଥ ରାୟ, ଫକୀରମୋହନ ସେନାପତି, ଗୌରୀଶଙ୍କର ରାୟ, ଚନ୍ଦ୍ରମୋହନ ମହାରଣା ପ୍ରମୁଖ ବ୍ୟକ୍ତିମାନେ ଓଡ଼ିଆରେ ପିଲାମାନଙ୍କ ପାଇଁ ପାଠ୍ୟ ପୁସ୍ତକ ରଚନା କଲେ । ୧୮୬୬ ମସିହାର ନ'ଅଙ୍କ ଦୁର୍ଭିକ୍ଷ ଓଡ଼ିଶା ପାଇଁ ଏକ ଅଭିଶପ୍ତ ସମୟ ଆଣି ଦେଇଥିଲା । ଦୁର୍ଭିକ୍ଷରେ ଅନେକ ଲୋକ ଖାଦ୍ୟ ଅଭାବରେ ମୃତ୍ୟୁବରଣ କରିଥିଲେ । ନ'ଅଙ୍କ ଦୁର୍ଭିକ୍ଷ ପରେ ୧୮୬୮ ମସିହା ବେଳକୁ ଓଡ଼ିଆମାନେ ନିଜର ଭାଷାକୁ ବଞ୍ଚାଇବା ପାଇଁ ସଂଗ୍ରାମ କରିଥିଲେ । ରାଜେନ୍ଦ୍ର ଲାଲ ମିତ୍ର, କାନ୍ତିଚନ୍ଦ୍ର ଭଟ୍ଟାଚାର୍ଯ୍ୟ ପ୍ରମୁଖ ବଙ୍ଗାଳୀମାନେ ଓଡ଼ିଶାରୁ ଓଡ଼ିଆ ଭାଷାକୁ ହଟାଇ ବଙ୍ଗଳା ଭାଷାର ପ୍ରଚାର କରିବା ପାଇଁ ଯେଉଁ ଚକ୍ରାନ୍ତ କରିଥିଲେ, ତା ବିରୋଧରେ ଫକୀରମୋହନ ସେନାପତିଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ଓଡ଼ିଆ ଭାଷା ସୁରକ୍ଷା ଆନ୍ଦୋଳନ । ଜନ୍‌ବିମସ୍ , ରେଭେନ୍‌ସା ସାହେବଙ୍କ ସାହାଯ୍ୟ ସହଯୋଗରେ ଓଡ଼ିଆମାନେ ସେ ସମୟରେ ଏହି ଆନ୍ଦୋଳନରେ ବିଜୟ ହୋଇଥିଲେ ଏବଂ ନିଜ ମାତୃଭାଷାକୁ ବଙ୍ଗାଳୀମାନଙ୍କ କବଳରୁ ରକ୍ଷାକରି ପାରିଥିଲେ । ଏହିପରି ଭାବରେ ଓଡ଼ିଶାରେ ନବଜାଗରଣ ଆସିଥିଲା । କେବଳ ସମଗ୍ର ଭାରତ ପାଇଁ ବାକିଥିଲା ବିଦେଶୀ ଶାସନରୁ ନିଜକୁ ମୁକ୍ତକରି ସ୍ୱାଧୀନ ହେବା । ଏହି ସ୍ୱାଧୀନତା ପାଇଁ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଯେଉଁ ମହାସଂଗ୍ରାମ ଆରମ୍ଭ ହୋଇଥିଲା, ସେଥିରେ ଆମ ଓଡ଼ିଶାର ଲୋକମାନେ ମଧ୍ୟ ବହୁ ମାତ୍ରାରେ ଯୋଗ ଦେଇଥିଲେ ।

୧୯୨୧ ମସିହାରେ ମହାତ୍ମାଗାନ୍ଧୀ ଓଡ଼ିଶା ଆସିଥିଲେ । ତାଙ୍କୁ ଦେଖିବା ପାଇଁ ହଜାର ହଜାର ସଂଖ୍ୟାରେ ଲୋକମାନେ କଟକର କାଠଯୋଡ଼ି ନଦୀକୂଳରେ ଏକାଠି ହୋଇଥିଲେ । ମହାତ୍ମାଗାନ୍ଧୀ ସେଠାରେ ଲୋକମାନଙ୍କୁ ଜାତୀୟ ମୁକ୍ତି ସଂଗ୍ରାମରେ ଯୋଗ ଦେବାପାଇଁ ଆହ୍ୱାନ ଦେଇଥିଲେ । ଓଡ଼ିଶାରେ ଗୋପବନ୍ଧୁ ଦାସ, ଗୋପବନ୍ଧୁ ଚୌଧୁରୀ, ହରେକୃଷ୍ଣ ମହତାବ, ରମା ଦେବୀ, ସରଳା ଦେବୀ, ମାଳତୀ ଦେବୀ ଓ କୁନ୍ତଳାକୁମାରୀ ପ୍ରମୁଖ ବ୍ୟକ୍ତିମାନେ ଜାତୀୟ ଆନ୍ଦୋଳନର ନେତୃତ୍ୱ ନେଇଥିଲେ । କାଠଯୋଡ଼ି ନଦୀ ବାଲିରେ ଅନୁଷ୍ଠିତ ସଭାରେ ଗୋପବନ୍ଧୁ ଦାସ ପାଞ୍ଚଟି ବୟକଟ କଥା କହିଥିଲେ, ଯଥା ୧- ସରକାରୀ ଉପାଧି, ୨- ସ୍କୁଲ୍ କଲେଜ, ୩- ପ୍ରାଦେଶିକ କାଉନସିଲ୍ ଓ କେନ୍ଦ୍ର ଆସେମ୍ଲି, ୪- ଓକିଲାତି ଓ ସରକାରୀ ଚାକିରି, ୫- ବିଲାତି ଲୁଗା ।(୧) ଏସବୁକୁ ତ୍ୟାଗ କରି ସ୍ୱଦେଶୀ ହେବାପାଇଁ ସେଦିନ ଗୋପବନ୍ଧୁ ଯେଉଁ ଭାଷଣ ଦେଇଥିଲେ ତାହା ହଜାର ହଜାର ଓଡ଼ିଆଙ୍କ ମନରେ ଜାତିପ୍ରେମ ଭରି ଦେଇଥିଲା । ଏହାପରେ ପୁରୀର ଜଗବନ୍ଧୁ ସିଂହ, କଟକର ଭାଗିରଥୀ ମହାପାତ୍ର ଆଦି ଓକିଲାତି ବର୍ଜନ କଲେ । ଗୋପବନ୍ଧୁ ଚୌଧୁରୀ ଚାକିରି ଛାଡ଼ିଲେ । ଅନେକ ସଂଖ୍ୟାରେ ଛାତ୍ରଛାତ୍ରୀ ସ୍କୁଲ୍, କଲେଜ ଛାଡ଼ି ଜାତୀୟ ଆନ୍ଦୋଳନରେ ଯୋଗଦେଲେ । ୧୯୨୦ ରେ ଅସହଯୋଗ ଆନ୍ଦୋଳନ ଓ ୧୯୩୦ ରେ ଆଇନ ଅମାନ୍ୟ ଆନ୍ଦୋଳନର ପ୍ରଭାବ ଓଡ଼ିଶା ଉପରେ ପଡ଼ିଥିଲା । ବାଲେଶ୍ୱରର ଇଞ୍ଚୁଡ଼ିଠାରେ ଲୁଣମାରି ଗୋପବନ୍ଧୁ ଚୌଧୁରୀ, ଗୌରାଙ୍ଗ ଚରଣ ଦାସ, ରଘୁନାଥ ଦାସ, ସୁଦର୍ଶନ ପ୍ରହରାଜ, ବିଶ୍ୱନାଥ ହୋତା, ଦୟାନନ୍ଦ ଶତପଥୀ ପ୍ରଭୃତି ଗିରଫ ହେଲେ । ସେହିପରି ରମାଦେବୀ, ମାଳତୀ ଦେବୀ, କିରଣବାଳା ସେନ ପ୍ରମୁଖ ନାରୀମାନେ ଶହଶହ ସଂଖ୍ୟାରେ ନାରୀମାନଙ୍କୁ ନିଜ ସାଥିରେ ଧରି ଶ୍ରୀଜଙ୍ଗଠାରେ ଲବଣ ସତ୍ୟାଗ୍ରହ କରିଥିଲେ ।(୨) ଏହିପରି ଭାବରେ ତତ୍କାଳୀନ ଓଡ଼ିଶା ଭାରତୀୟ ଜାତୀୟ ଆନ୍ଦୋଳନ ସହ ଜଡ଼ିତ ଥିଲା ।

୧୯୩୦ ରୁ ୧୯୪୭ ମସିହା ମଧ୍ୟରେ ଆଉ କେତୋଟି ଗୁରୁତ୍ୱପୂର୍ଣ୍ଣ ଘଟଣା ହେଉଛି ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଓ ଗଡ଼ଜାତ ମିଶ୍ରଣ । ବିଚ୍ଛିନ୍ନାଞ୍ଚଳରେ ଥିବା ଓଡ଼ିଆ ଲୋକମାନଙ୍କୁ ଏକତ୍ର କରି ଭାଷାଭିତ୍ତିରେ ଏକ ସ୍ୱତନ୍ତ୍ର ଓଡ଼ିଶା ଗଠନ କରିବା ନିମନ୍ତେ ମଧୁସୂଦନ ଦାସଙ୍କ ନେତୃତ୍ୱରେ ଯେଉଁ ପ୍ରୟାସ ଆରମ୍ଭ ହୋଇଥିଲା ତାହା ସଫଳ ହେଲା ୧୯୩୬ ମସିହାରେ । ସେହି ବର୍ଷ ଏପ୍ରିଲ ୧ ତାରିଖକୁ ସ୍ୱତନ୍ତ୍ର ଉତ୍କଳ ଦିବସ ଭାବରେ ପାଳନ କରାଗଲା । ସେହିପରି ହରେକୃଷ୍ଣ ମହତାବଙ୍କ ନେତୃତ୍ୱରେ ୧୯୪୮ ମସିହା ବେଳକୁ ଗଡ଼ଜାତ ରାଜ୍ୟଗୁଡ଼ିକର ମିଶ୍ରଣ ହୋଇଥିଲା । କୁନ୍ତଳାକୁମାରୀଙ୍କ ମୃତ୍ୟୁ ୧୯୩୮ ମସିହା । ତେଣୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଏବଂ ତତ୍‌ସହିତ ଗଡ଼ଜାତ ରାଜ୍ୟମାନଙ୍କରେ ପ୍ରଜାମାନଙ୍କ ପ୍ରତି ହେଉଥିବା ଅତ୍ୟାଚାରର ସ୍ୱର କୁନ୍ତଳାକୁମାରୀଙ୍କ ସାହିତ୍ୟକୁ ନିଶ୍ଚିତ ଭାବରେ ପ୍ରଭାବିତ କରିଛି ବୋଲି କୁହାଯାଇପାରେ ।

ଉପରୋକ୍ତ ଘଟଣାଗୁଡ଼ିକୁ ଆଧାର କରି କୁନ୍ତଳାକୁମାରୀଙ୍କ କବିତାରେ ଥିବା ଉତ୍କଳୀୟ ଚେତନାକୁ ନିମ୍ନମତେ ଆଲୋଚନା କରାଯାଇପାରେ ।

**(କ) ଓଡ଼ିଆଙ୍କ ଜୀବନ**

ଓଡ଼ିଆମାନେ ଦିନେ ନିଜର ସମୃଦ୍ଧି ପାଇଁ ସମଗ୍ର ବିଶ୍ୱରେ ପରିଚିତ ଥିଲେ । ମାତ୍ର କୁନ୍ତଳାକୁମାରୀଙ୍କ ସମୟରେ ଓଡ଼ିଆମାନଙ୍କ ଜୀବନଚିତ୍ର ସମ୍ପୂର୍ଣ୍ଣ ଭାବରେ ବଦଳି ଯାଇଥିଲା । ଅନ୍ୟକୁ ଖାଦ୍ୟ ଯୋଗାଉଥିବା ଓଡ଼ିଆମାନେ ଏହି ସମୟରେ ପେଟକୁ ମୁଠାଏ ଦାନା ଆଉ ଦେହ ପାଇଁ ଖଣ୍ଡିଏ କନା ମଧ୍ୟ ଯୋଗାଡ଼ କରି ପାରୁନଥିଲେ । କୁନ୍ତଳାକୁମାରୀଙ୍କ ଭାଷାରେ- "ଖାଇବାକୁ ନାହିଁ ଘରେ ମୋଟା ଦାନା,/ ପିନ୍ଧିବାକୁ ଖଣ୍ଡେ ନାହିଁ ଛିଣ୍ଡା କନା,/ ସରୁଛି ଆମର ଦିବସ ରଜନୀ / ପର ଦୁଆରକୁ ଚାହିଁ ହେ ।"(୩) ଓଡ଼ିଆ ଘରର କୃଷକଟିଏ ମୁଣ୍ଡଝାଳ ତୁଣ୍ଡରେ ମାରି କଠିନ ପରିଶ୍ରମ କରି ସାରା ଦୁନିଆକୁ ଶସ୍ୟ ଯୋଗାଏ । ମାତ୍ର ନିଜେ ଗଣ୍ଡେ ଖାଇବା ପାଇଁ ପାଏ ନାହିଁ । କବି କୁନ୍ତଳାକୁମାରୀ ଏହି କୃଷକ ଭାଇଟିକୁ କହିଛନ୍ତି- "ଭଗ୍ନ କୁଟୀରେ ହେ କୃଷକ ଭାଇ / ଅର୍ଦ୍ଧମୃତ ତୋର ପରିବାର,/ ନିତି କ୍ଳାନ୍ତି ନିତି ଖଟଣି ସାରି ତୋ / ନମିଳଇ ପୂର୍ଣ୍ଣ ଆହାର ।"(୪)

କୁନ୍ତଳା କୁମାରୀଙ୍କ ସମୟଖଣ୍ଡରେ ଓଡ଼ିଶାରେ ଯୌଥ ପରିବାର ଦେଖିବାକୁ ମିଳୁଥିଲା । ଏହି ପରିବାରରେ ବାପା, ମା, ଭାଇ, ଭଉଣୀ, ବଡ଼ବାପା, ଯା, ଦାଦା, ଖୁଡ଼ି ସମସ୍ତେ ଏକାଠି ଚଳୁଥିଲେ । ତେଣୁ ସେ ସମୟରେ ଏତେବଡ଼ କୁଟୁମ୍ବକୁ ଚଳାଇବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଅତ୍ୟନ୍ତ କଷ୍ଟକର କାମ ଥିଲା । ପରିବାର ପୋଷିବା ପାଇଁ ଓଡ଼ିଆ ଲୋକମାନେ ନିଜ ମାଟି ଛାଡ଼ି ବାହାର ରାଜ୍ୟକୁ କାମ କରିବା ପାଇଁ ଚାଲି ଯାଉଥିଲେ । ଏଣେ ଘରେ ଖାଇବା ପାଇଁ ସାଧାରଣ ଜିନିଷ ମଧ୍ୟ ମିଳୁ ନଥିଲା । "ପଖାଳ ଭାତକୁ ନମିଳେ ଲୁଣ /ତବତ ସାଥିକୁ ନାହିଁ ତିଅଣ/ଗୋରୁ ହେଲେ ହଡ଼ା, ଲୋକେ ହେଲେ ମଡ଼ା/ସାର କୁଲିଗିରି ଚାହାବଗିଚା କାମ ।"(୫) ପୁଣି ଏହି ପରିବାରକୁ ସ୍ୱାର୍ଥ ଆଉ ଅର୍ଥ ଅଲଗା କରି ଦେଇଛି । ମୁରବିଙ୍କ ଅନୁପସ୍ଥିତିରେ ଘର ଭାଙ୍ଗି ଯାଇଛି, ଭାଇ ଭାଇର ଭଗାରି ସାଜିଛି । କବିଙ୍କ ଭାଷାରେ- "ସେ ଗଲେ ଘରୁ ଏଣେ ମଲେ ଶଶୁର /କ୍ଷେତ ଛଡ଼ାଇ ନେଲେ ଖୁଡ଼ିତାଶୁର/ଘରେ କେହି ମୁରବି ରହିଲେ ନାହିଁ/ଭଗାରି ହେଲେ ନିଜ କୁଟୁମ୍ବ ଭାଇ ।"(୬)

ସାଧାରଣ ଓଡ଼ିଆ ଶ୍ରମିକର ଜୀବନ ମଧ୍ୟ ସେହି ସମୟରେ ଅତି ଶୋଚନୀୟ ଥିଲା । ବିଚରା ଶ୍ରମିକଟି ଯାହା ଖଟି କରି ଆଣୁଥିଲା ସେଥିରେ ଭଲ କରି ମୁଠାଏ ଖାଇବା ମଧ୍ୟ ହୋଇପାରୁ ନଥିଲା । କୁନ୍ତଳା କୁମାରୀଙ୍କ ଗୋକୁଳି ନାଏକ ପରି ପ୍ରାୟ ଅଧିକାଂଶ ଓଡ଼ିଆ ଶ୍ରମିକଙ୍କ ଜୀବନ ଏମିତି ଦୁର୍ଦ୍ଦିନରେ କଟୁଥିଲା । - "ପର ମୂଲ ଖଟି ଖଟି ଗୋକୁଳିଟି / ରାତିକୁ ଫେରେ,/ ଅରଜନ ଯାକ ଭାତକୁ ନଅଣ୍ଟ/ଚାଉଳ ସେରେ ।/ ବୁଲି ବାରିବାଡ଼ି ବୁଢ଼ୀ କାଳେ ଖୁଡ଼ୀ/ ଖୋଜନ୍ତି ଶାଗ / କାନସିରି, କଣ୍ଟା ମରିଷ, ଚକୁଣ୍ଡା,/ ଲହଙ୍ଗା ଅଗ ।"(୭)

**(ଖ) ଓଡ଼ିଆଙ୍କ ଜୀବିକା :**

ନାନାଦି ସଂଘର୍ଷ ଭିତରେ ଗତିକରି ଆସୁଥିବା ଓଡ଼ିଆ ଲୋକମାନେ ଦିନେ ନିଜର ନୌବାଣିଜ୍ୟ ପାଇଁ ସମଗ୍ର ବିଶ୍ୱରେ ପରିଚିତ ଥିଲେ । ଉତ୍କଳର ସେହି ପ୍ରାଚୀନ ଗୌରବକୁ କବି ଉତ୍କଳୀୟମାନଙ୍କୁ ମନେପକାଇ ଦେଇଛନ୍ତି ତାଙ୍କ 'ଆହ୍ୱାନ' କବିତାରେ- "ଯା' ନାଉରୀ ପୁଅ ଲଂଘି ପାରାବାର / ଜାଭା, ବ୍ରହ୍ମ, ଶ୍ୟାମ, ବୋର୍ଣିଓ, ଜାପାନ,/ ମାଳୟ, ସୁମାତ୍ରା, ଚୀନେ ଦେଲା ଜ୍ଞାନ,/ ଅରଘ ଚନ୍ଦନ, ଧାନ, ଦୁବ, ଘିଅ / ସୁନାଥଳୀ ସାଜି ଯା' ସାଧବ ଝିଅ / ବାପା ଭାଇଙ୍କର ବନ୍ଦାଏ ବୋଇତ,/ଭଙ୍ଗା ଖଞ୍ଜଣୀର ଗୀତ ଏ ଅତୀତ ।"(୮) ଅତୀତର ଏହି ନୌବାଣିଜ୍ୟ ଆଉ ଦେଖିବାକୁ ମିଳୁ ନାହିଁ । କର୍ମବୀର ଓଡ଼ିଆ ଜାତି ଆଜି କର୍ମହୀନ ହୋଇପଡ଼ିଛି । ଅତୀତର ସେଇ ଗୌରବ ଗାଥାକୁ ସେ ସମ୍ପୂର୍ଣ୍ଣ ଭାବରେ ଭୁଲି ଗଲାଣି । ଏହାକୁ ଦେଖି କବି କହନ୍ତି- "ଜାଭା, ବାଲି, ଲଙ୍କା, ବୋର୍ଣିଓ ବିଜୟ / ଭୁଲିତ ଗଲାଣି ଓଡ଼ିଆ ତନୟ,/ ହର୍ଷ ହୁଳହୁଳି ବନ୍ଦାପନା ଥାଳି / ନ ଦିଏ ସାଧବ ବୋହୂ ପରଷି ।"(୯)

ଓଡ଼ିଆମାନଙ୍କର ଅନ୍ୟତମ ମୁଖ୍ୟ ଜୀବିକା ଥିଲା କୁଟୀର ଶିଳ୍ପ । ସେମାନେ ଘରେ ତନ୍ତରେ ଲୁଗାବୁଣି ବିକ୍ରି କରୁଥିଲେ । ଏହା ସହିତ ଧାନ, ମୁଗ, ବିରି, କପା ଆଦି ଚାଷକରୁଥିଲେ ଏବଂ ଲୁଣ ମାରି ଜୀବିକା ନିର୍ବାହ କରୁଥିଲେ । ମାତ୍ର ଇଂରେଜମାନେ ଓଡ଼ିଶା ଅଧିକାର କରିବା ପରେ ଧୀରେ ଧୀରେ ଓଡ଼ିଆମାନେ ସେମାନଙ୍କର କୌଳିକ ବୃତ୍ତି ହରାଇ ବସିଲେ । ଏ ସମ୍ପର୍କରେ କୁନ୍ତଳା କୁମାରୀ ତାଙ୍କ ' ଆହ୍ୱାନ' କବିତାରେ କହିଛନ୍ତି- "ବେପାର ବଣିଜେ ନାହିଁ ସ୍ୱାଧୀନତା / ବିଦେଶୀ ବଣିଆ ଗୃହ ଶିଳ୍ପହନ୍ତା ।/ ତନ୍ତିଙ୍କ ଆଙ୍ଗୁଠି କାଟି ମାଞ୍ଚେଷ୍ଟରୀ-/ ଲୁଗାରେ ଆମର ଘର ଦେଲେ

ଭରି/ ଘେରା ଆମ ଘର ଲୁଣି ପାରାବାରେ/ଗନ୍ତାଘର ଭରା କୋମଳ କପାରେ / ଯେତେ ଧାନ, ମୁଗ, ଗହମ ଅପାର / ତହିଁରେ ଚାକିରୀ ଜପାମାଳ ସାର ।"(୧୦) କବିତା ଭିତରେ କବି ଓଡ଼ିଆମାନଙ୍କୁ ବିଦେଶୀ ଚାକିରୀ ଛାଡ଼ି ନିଜର କୌଳିକ ବୃତ୍ତିକୁ ଆପଣାଇବା ପାଇଁ ଆହ୍ୱାନ ଦେଇଛନ୍ତି ।

## (ଗ) ସର୍ବହରା ଓଡ଼ିଆ ଜାତି :

ଜାତୀୟ ଆନ୍ଦୋଳନ ସମୟରେ ଗୋଟେ ପାଖରେ ଇଂରେଜମାନଙ୍କ ଦମନ ଚାଲୁଥିବା ବେଳେ ଆଉ ଗୋଟେ ପାଖରେ ଗଡ଼ଜାତ ରାଜ୍ୟଗୁଡ଼ିକର ରାଜା ଓ ଜମିଦାରମାନଙ୍କ ଶୋଷଣ ଓ ଅତ୍ୟାଚାରରେ ସମୃଦ୍ଧ ଓଡ଼ିଆ ଜାତି ସର୍ବହରା ହୋଇ ଯାଇଥିଲା । କେଉଁଠି ଋଣ, ଖଜଣା ପାଇଁ ମହାଜନ ସାଧାରଣ ଗରିବ ଲୋକଟିର ଜମି ଛଡ଼ାଇ ନେଉଥିଲା ତ ଆଉ କେଉଁଠି ମିଛ ମକଦ୍ଦମା ଲଗାଇ ଲୋକମାନଙ୍କୁ ଶୋଷଣ କରାଯାଉଥିଲା । କୁନ୍ତଳା କୁମାରୀଙ୍କ 'ଓଡ଼ିଆ ବୋହୂର କାନ୍ଦ' କବିତାଟିରେ ତତ୍କାଳୀନ ସମାଜର ଏହି କଥାଟି ଦେଖିବାକୁ ପାଇବା । – "ଯା ଥିଲା ଜମିବାଡ଼ି ବନ୍ଧାଛନ୍ଦା ହେଲାଣ / ଋଣ ଖଜଣା ଲାଗି ମହାଜନ ନେଲାଣି । / ହୋଇଥିଲା କରଜ ବିଭା ବେଳେ ପୁଅର / ଟଙ୍କା ପଚିଶ ଏବେ ହେବ ଶହେ ଉପର । / ମକଦ୍ଦମା କରିବ ଗରଜେ ଭୀମସାହୁ, / ସହ୍ୟରୁ ବଳିଲାଣି ଉଗ୍ରୁ ପିଆଦା ଦାଉ ।"(୧୧) ତତ୍କାଳୀନ ଓଡ଼ିଶାରେ ଆଉ ଏକ ଭୟଙ୍କର ବ୍ୟବସ୍ଥା ଥିଲା ବେଠି ପ୍ରଥା । ଲୋକମାନଙ୍କୁ ବିନା ପାଉଣାରେ ରାଜାଙ୍କର ଓ ଜମିଦାରମାନଙ୍କର ବେଠି ଖଟିବାକୁ ପଡୁଥିଲା । କବିଙ୍କ ଭାଷାରେ– "ରାଜା କର ଦାଉ ବେଠି କାଠ– ଫାଉ/ ଫଟାଏ ବୁକୁ, / ପଚାରେ କେ ସାଙ୍ଗସରିଶା ପରାଣ /ଯା ଦୁକୁ ଦୁକୁ ।"(୧୨)

ଜମିଦାରମାନେ କେବଳ ଅଧିକ କର କି ଖଜଣା ଆଦାୟ କରୁନଥିଲେ । ସେମାନଙ୍କ ଋଣ ଶୁଝିବା ପାଇଁ ବିଦେଶକୁ ଅର୍ଥ ଉପାର୍ଜନ ନିମନ୍ତେ ଚାଲିଯାଉଥିବା ସର୍ବହରା ଲୋକଟିର ଘର ଓ ସ୍ତ୍ରୀ ଉପରେ ମଧ୍ୟ ଜମିଦାରମାନଙ୍କ ଲୋଲୁପ ଦୃଷ୍ଟି ପଡୁଥିଲା । କୁନ୍ତଳା କୁମାରୀଙ୍କ 'ଗଡ଼ଜାତ କୃଷକ' କବିତାରେ ଗୋକୁଳି ଘରେ ନଥିବା ବେଳେ ଜମିଦାର ଗୋକୁଳିର ସ୍ତ୍ରୀକୁ କହିଛି– "କିଇ ଗୋ ବର ତ ଗଲେ / ଛମାସ ପରେ ଲେଉଟି ଆସିବେ / ପରାଣ ଥିଲେ । / ବୃଥା କଷ୍ଟ କିମ୍ବା ପାଇବ ଏଇଠି, / ଆସ ସୁନ୍ଦରୀ /ବଡ଼ ମଉଜରେ ରଖିବି ସାଇତି / ନେବି ମୁଁ ବରି ।"(୧୩) ଜମିଦାର ଓ ଗଡ଼ଜାତ ରାଜାମାନଙ୍କ ଶୋଷଣ ଓ ଅତ୍ୟାଚାରର ଚିତ୍ର କୁନ୍ତଳା କୁମାରୀଙ୍କ କବିତାରେ ସ୍ପଷ୍ଟ ଦେଖାଯାଏ । ସେ କେବଳ ଅତ୍ୟାଚାରର କଥା କହି ନାହାନ୍ତି ବରଂ ରାଜା ଓ ଜମିଦାରମାନଙ୍କ ଅତ୍ୟାଚାର ବିରୋଧରେ ପ୍ରତିବାଦ କରିବା ପାଇଁ ଲୋକମାନଙ୍କୁ ଆହ୍ୱାନ ମଧ୍ୟ କରିଛନ୍ତି ।

## (ଘ) ଓଡ଼ିଆଙ୍କ ଦାଦନ ଦୁଃଖ :

ନିଜ ରାଜ୍ୟରେ କାମ ନପାଇ ଓଡ଼ିଆ ଲୋକମାନେ ସେ ସମୟରୁ ଆଜି ପର୍ଯ୍ୟନ୍ତ ବାହାରକୁ ଅର୍ଥ ଉପାର୍ଜନ ନିମନ୍ତେ ଖଟିବାକୁ ଯାଉଛନ୍ତି । ଏମାନେ ଦାଦନ ଶ୍ରମିକ । ଅନେକ ସମୟରେ ଏମାନେ ବିଭିନ୍ନ ପ୍ରକାର ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ବିଶେଷ କରି କୁନ୍ତଳା କୁମାରୀଙ୍କ ସମୟରେ ଆସାମ, ରେଙ୍ଗୁନ, ବର୍ମା ଆଦି ସ୍ଥାନକୁ ଦାଦନ ଖଟିବା ପାଇଁ ଯାଉଥିବା ଓଡ଼ିଆ ଲୋକମାନଙ୍କ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଥିଲା । ଏମାନେ କେଉଁଠି ଚା'ବଗିଚାରେ କାମ କରୁଥିଲେ ତ ଆଉ କେଉଁଠି କୁଲି କାମକରି ବଞ୍ଚୁଥିଲେ । ମାଲିକମାନଙ୍କ ଦ୍ୱାରା ଏମାନେ ବହୁ ସମୟରେ ଅତ୍ୟାଚାରିତ ଓ ନିର୍ଯାତିତ ହେଉଥିଲେ । କୁନ୍ତଳା କୁମାରୀ 'ଆହ୍ୱାନ' କବିତାରେ କୁହନ୍ତି– "ଲୁଣ କେ ମାରିଲେ ଜେଲ୍ ଜୋରିମାନା / ଆମେ ମୂଳ ଲାଗୁଁ ତାଙ୍କ କାରଖାନା / ପାଟ ନୀଳକ୍ଷେତେ, ଚାହା ବଗିଚାରେ / କୁଲିଙ୍କ ଜୀବନ ବିତେ ଅତ୍ୟାଚାରେ ।"(୧୪) ସେ ସମୟରେ ଆଉ ଗୋଟିଏ ସମସ୍ୟା ଥିଲା ଶ୍ରମିକ ବିକ୍ରି ପ୍ରଥା । କିଛି ଲୋକ ପୁଅ, ଝିଅମାନଙ୍କୁ କାମ ଯୋଗାଇଦେବା ପାଇଁ କହି ବିଦେଶକୁ ନେଇ ଯାଉଥିଲେ ଏବଂ ସେଠାରେ ସେମାନଙ୍କୁ ଅନ୍ୟ ପାଖରେ ବିକ୍ରି କରି ଦେଉଥିଲେ । ଯେପରି କୁନ୍ତଳା କୁମାରୀଙ୍କ 'ପତିତାର କାନ୍ଦ' କବିତାରେ ବେଙ୍ଗ ବୁଢ଼ୀ କୌଶଳରେ ସରଳ ଓଡ଼ିଆ ବୋହୂଟିକୁ ନେଇ ପଠାଣର ରଙ୍ଗଶାଳରେ ବିକ୍ରି କରି ଦେଇଛି । ଏହି କବିତାରେ ଓଡ଼ିଆ ବୋହୂଟିର ମୁଖରେ କହିଛନ୍ତି– "ବିଭା କରି ପୁରୁଷ ସ୍ତିରୀ ଦୁହିଙ୍କି / ଦିଏ ବିକି କୁଲିର ଆଡକାଟିକି / ସେମାନେ ଟଙ୍କା ଦେଇ ତାଙ୍କୁ କିଣନ୍ତି / ବର୍ମା ଆସାମ ଚାହାକ୍ଷେତେ ବିକନ୍ତି । / ସେଠି ତାଙ୍କ ଦୁର୍ଦ୍ଦଶା ଦୁଃଖ କଷଣ / ପଶୁଠୁ ବଳି ଅତି ହୀନ ଜୀବନ ।"(୧୫) ବିଦେଶକୁ କୁଲି କାମ କରିବା ପାଇଁ ଯାଉଥିବା କିଛି ଓଡ଼ିଆ ଯୁବକ ନିଶାଦ୍ରବ୍ୟ ସେବନ କରି ଅତି ଦୁଃଖରେ ଦିନ କାଟିଥାନ୍ତି । ସେମାନେ ପଶୁଠାରୁହୀନ ଜୀବନ ଅତିବାହିତ କରନ୍ତି ବୋଲି କବି ସ୍ୱୀକାର କରିଛନ୍ତି ତାଙ୍କ 'ପତିତାର କାନ୍ଦ'କବିତାରେ । – "ଥାଆନ୍ତି ଏମାନେ, ପଶୁଠୁ ବଳି / ଯାଙ୍କ

ଜୀବନ ନିତି ଗଞ୍ଜେଇ ମଳି /ନାଟ ତାସ ପଶାର ଆଡ଼ା ଜମାଇ / ଫୁଙ୍କି ଦିଅନ୍ତି ହାଡ଼ଭଙ୍ଗା କମାଇ ।"(୧୬)

ଓଡ଼ିଆ ଘରର ବ୍ରାହ୍ମଣ ପିଲାଟି ନିଜର କୌଳିକ ବୃତ୍ତି ଛାଡ଼ି ଅର୍ଥ ଉପାର୍ଜନ ନିମନ୍ତେ ବିଦେଶ ଯାଇ ସେଠାରେ କୁଲିକାମ କରିଛ ଏବଂ ନିଜ ଭାଗ୍ୟକୁ ନିନ୍ଦା କରି କହିଛି- "ଓଡ଼ିଆ ବ୍ରାହ୍ମଣ ପୁଅ ମୁଁ, ଆଜି ଏ ବିଦେଶରେ /ପରର ଗୋଲାମି ଖଟିଣ କାଳ କାଟେ ଦୁଃଖରେ ।"(୧୭) କେବଳ ବ୍ରାହ୍ମଣ ଘରର ପୁଅ ନୁହେଁ କରଣ, ଖଣ୍ଡାଏତ, ଚଷା, ଗୋପାଳ ଘରର ପୁଅ ମଧ୍ୟ ବିଦେଶରେ କୁଲିକାମ କରିଛନ୍ତି । କରଣ ପୁଅଟି ନିଜ କପାଳରେ ହାତ ଦେଇ ଭାବିଛି- "ଓଡ଼ିଆ କରଣ ପୁଅ ମୁଁ, ପଟ୍ଟନାୟକ ଛୁଆ,/ହାୟ ମୋ କପାଳେ ବିଦେଶେ ମୁଣ୍ଡରେ ବୋଝ ବୁହା ।/ ସାଆନ୍ତ ଘରର ପିଲା ମୁଁ, କୁଳ ମାନ ହରାଇ କୁଲି କାମକରି ଜୀବନ ଦେଉଅଛି ବିତାଇ ।"(୧୮) ସେହିପରି କୁଲି କାମ କରିବାକୁ ଯାଇଥିବା ଅନ୍ୟମାନେ ମଧ୍ୟ ନିଜ ଭାଗ୍ୟକୁ ନିନ୍ଦିଛନ୍ତି ।

କୁନ୍ତଳା କୁମାରୀ ଓଡ଼ିଶା ବାହାରେ ରହୁଥିଲେ । ତେଣୁ ଓଡ଼ିଶାରୁ ବାହାରକୁ କାମ କରିବା ପାଇଁ ଯାଉଥିବା ଓଡ଼ିଆ ଲୋକମାନଙ୍କ ସହ ତାଙ୍କର ଭଲ ସମ୍ପର୍କ ରହିଥିଲା । ସେ ଓଡ଼ିଶା ବାହାରେ ଓଡ଼ିଆମାନଙ୍କ ଦୁଃଖ ବୁଝୁଥିଲେ । ଓଡ଼ିଆ ପୁଅମାନଙ୍କ ସମ୍ପର୍କରେ ଆପଣା ବକ୍ତବ୍ୟରେ କହିଥିଲେ- "ଓଡ଼ିଆ ପୁଅମାନେ ଯାହା କହୁଛନ୍ତି ମୁଁ ସେଥିରେ ସହମତ । ବିଦେଶରେ କୁଲିଗିରି କରିବାଠାରୁ ଦେଶରେ ମରିବା ଭଲ । କିନ୍ତୁ ଏମାନେ ମରିବେ କାହିଁକି ? ଯାଙ୍କ ଦେଶ ଧନ ଅନ୍ୟମାନେ (ଯଥା ମାରୱାଡ଼ି ଓ ବଙ୍ଗାଳୀ) ଲୁଟୁଛନ୍ତି । ଏମାନେ ପର ଦେଶରେ ପଡ଼ି ଏଡ଼େ ହୀନସ୍ତା କାହିଁକି ହେବେ ? ଏମାନେ ଦେଶକୁ ଯାଇ ନାନା ଦିଗରେ ନିଜ ଦେଶର ଉନ୍ନତି କରନ୍ତୁ; ଆଉ ଜାତିର ଟେକ ବଢ଼ାନ୍ତୁ ।"(୧୯)

**(ଡ) ଓଡ଼ିଆ ନାରୀ :**

ନାରୀ ସମାଜର ଏକ ଅବିଚ୍ଛେଦ୍ୟ ଅଙ୍ଗ । ପୁରୁଷ ଓ ନାରୀ ଉଭୟଙ୍କ ପାଇଁ ସମାଜ ସ୍ୱୟଂସମ୍ପୂର୍ଣ୍ଣ ହୋଇଥାଏ । ନାରୀଟିଏ ଅନେକ ସମୟରେ ନିର୍ଯାତନା ଓ ଅତ୍ୟାଚାରର ଶିକାର ହୋଇଥାଏ । ତଥାପି ସବୁ ସଂଘର୍ଷକୁ ସହ୍ୟକରି ସେ ଜୀବନ ଅତିବାହିତ କରେ । କୁନ୍ତଳାକୁମାରୀଙ୍କ ସାହିତ୍ୟରେ ଉତ୍କଳୀୟ ନାରୀର ଦୁଃଖ, ସ୍ୱାଭିମାନ ଓ ବୀରତା ଦେଖିବାକୁ ମିଳେ । କୁନ୍ତଳାକୁମାରୀଙ୍କ 'ଓଡ଼ିଆ ବୋହୂର କାନ୍ଦ' କବିତାରେ ସ୍ୱାମୀ ବିଦେଶକୁ କାମ କରିବା ପାଇଁ ଚାଲିଯିବା ପରେ ଓଡ଼ିଆ ଘରର ବୋହୂଟି ସ୍ୱାମୀ କଥା ଭାବି ଝୁରି ହେଉଛି । ସ୍ୱାମୀ ତା'ର ଶୀଘ୍ର ଫେରି ଆସିବାକୁ କଥା ଦେଇ ନ ଫେରିବାରୁ ତା ମନରେ ଅନେକ ସନ୍ଦେହ ଜାତ ହୋଇଛି । ଓଡ଼ିଆ ବୋହୂଟି ଭାବିଛି- "ବରମା ଦେଶ କଥା କରଇ କଳପନା,/ ସପନେ ଦେଖେ ସେତ ମାୟାପୁରୀ ରଚନା । / ତହିଁ ବିଦ୍ୟାସୁନ୍ଦରୀ ନାରୀମାନେ ମୋହିନୀ / ମୋ କାନ୍ତ ତାଙ୍କ ବଶେ, ମରେ ମୁଁ ଅଭାଗିନୀ ।"(୨୦) ଓଡ଼ିଆ ବୋହୂର ଏହି ସନ୍ଦେହ ଅବିଶ୍ୱାସର ସନ୍ଦେହ ନୁହେଁ । ଏ ହେଉଛି ଗୋଟେ ଓଡ଼ିଆ ନାରୀର ତା ସ୍ୱାମୀ ପ୍ରତି ଥିବା ଭଲପାଇବା । ଓଡ଼ିଆ ନାରୀଟି କେବଳ ସନ୍ଦେହ କରେ ନାହିଁ ବରଂ ବିଦେଶରେ ଥିବା ତା ସ୍ୱାମୀଟି କିପରି ରହୁଛି, କ'ଣ ଖାଉଛି, କେମିତି ବଞ୍ଚୁଛି ସେକଥା ମଧ୍ୟ ଭାବି ଭାବି ଆଖିରୁ ଲୁହ ଗଡ଼ାଏ ଓ କହେ- "ଆଖି ପୋଛି ରୋଷେଇ ଶାଳେ କଂସାକୁ ଧରି / ଭାବେ ବିଦେଶେ ଏକା ଥିବେ ଅବା କିପରି ?/ କିଏବା ରାନ୍ଧିବାଢ଼ି ଥାଳି ପରଷୁଥିବ,/ ଶେଯ ମସିଣା ପାରି ପାଦ ସେବା କରିବ ?/ ଦେହପାକୁ ଜଗି ଦେଖାଶୁଣା କରିବ /ମନ ବୁଝି କିଏ ସେ ପଦେ କଥା କହିବ ।"(୨୧) ବଳରାମ ଦାସଙ୍କ ମାଲକ୍ଷ୍ମୀ ମଧ୍ୟ ଥିଲେ ଜଣେ ଓଡ଼ିଆଣୀ ଯିଏ ସେଦିନ ଅଭିମାନରେ ସ୍ୱାମୀକୁ ଛାଡ଼ି ଚାଲି ଆସିଥିଲେ ମଧ୍ୟ ସ୍ୱାମୀଙ୍କ କଥା ଭାବି ଝୁରି ହେଉଥିଲେ ଏବଂ ସର୍ବଦା ସ୍ୱାମୀଙ୍କ ଭଲ ମନ୍ଦ କଥା ଚିନ୍ତା କରୁଥିଲେ । କୁନ୍ତଳା କୁମାରୀଙ୍କ ଓଡ଼ିଆ ବୋହୂଟି ମଧ୍ୟ ମାଲକ୍ଷ୍ମୀଙ୍କ ପରି ନିଜ ସ୍ୱାମୀଙ୍କ କଥା ସର୍ବଦା ଚିନ୍ତା କରିଛି ।

କୁନ୍ତଳାକୁମାରୀଙ୍କ 'ପତିତାର କାନ୍ଦ' କବିତାରେ ସ୍ୱାମୀ ବିଦେଶକୁ ଗଲା ପରେ ଓଡ଼ିଆ ବୋହୂଟି ନାନାଦି ସମସ୍ୟାର ସମ୍ମୁଖୀନ ହୋଇଛି । ଖାଇବାକୁ ନ ପାଇ ତା'ର ପିଲା ଦୁଇଟି ରୋଗରେ ପଡ଼ି ମୃତ୍ୟୁବରଣ କରିଛନ୍ତି । ଘର ତା'ର ଭାଗ ହୋଇଯାଇଛି । ପଡୋଶୀ ଲୋକ ତା' ସ୍ୱାମୀର ଚିଠି ତାକୁ ଦେଇନାହାନ୍ତି । ବିଚାରି ଶେଷରେ ବାପା ଘରକୁ ଯାଇ ସେଠାରେ ଭାଉଜମାନଙ୍କ ଦ୍ୱାରା ନିର୍ଯାତିତ ହୋଇଛି । ତା'ର ଦୁଃଖକୁ ବର୍ଣ୍ଣନା କରି କବି ଲେଖିଛନ୍ତି- "ଦିନ ଦିପହରକୁ ଖାଇ ସାରିଲେ / ସମସ୍ତେ, ମୋତେ ଭାତଗଣ୍ଡାକ ମିଳେ / ହାତ ପିଠିରେ ଲୁହ ପୋଛିଣ ଖାଏ / କେବେ ବାସି ତିଅଣ, କେବେ ନଥାଏ । / କେବେ ମରିଚକସି, ପିଆଜ, ଲୁଣ/ ସଙ୍ଗେ ପଖାଳ ଖାଇ ବାହୁନେ ଗୁଣ ।"(୨୨) ବାପାଘରୁ ବିତାଡ଼ିତ ହୋଇ ସେ କୁଟୀଳା ବେଙ୍ଗବୁଢ଼ୀ ଉପରେ ବିଶ୍ୱାସ କରି ତା ସ୍ୱାମୀକୁ ଖୋଜିବାକୁ ବିଦେଶ ଯାଇଛି । ମାତ୍ର ବେଙ୍ଗବୁଢ଼ୀ ତାକୁ ନେଇ

ଗୋଟିଏ ବେଶ୍ୟାଳୟରେ ବିକ୍ରି କରି ଦେଇଛି । ସେଠୁ ସେ ଖସି ଆସିବା ପାଇଁ ଚେଷ୍ଟା କରି ବିଫଳ ହେବାପରେ ନିଜ ଭାଗ୍ୟକୁ ଆଦରି ସେଠି ନିର୍ଯାତନା ସହି ପଡ଼ି ରହିଛି । ହଠାତ୍ ଦିନେ ମକଦ୍ଦମାରେ ପଡ଼ି ସେ ଜେଲ୍ ଯାଇଛି ଏବଂ ସେଠି ମଧ୍ୟ ଅନେକ ଦୁଃଖ କଷ୍ଟ ସହିଛି । ଶେଷରେ ଜେଲରୁ ଫେରିବା ପରେ ବି ତା'ର ବାକି ଜୀବନ କଷ୍ଟରେ ବିତିଛି । ତେବେ ଏଥିପାଇଁ ସେ ଏକା ଦୋଷୀ ନୁହେଁ, ଦୋଷୀ ତା'ର ସମାଜ ଓ ତା'ର ନିଜର ଲୋକମାନେ । ତେଣୁ ହତଭାଗିନି ଓଡ଼ିଆ ନାରୀଟି ଶେଷରେ କହିଛି- "ଭାଳେ ଏକା ଦୋଷୀ ମୁଁ ନୁହେଁ କେବଳ/ଦୋଷୀ ମୋ ଭାଇବନ୍ଧୁ ମୋ ପାପ ଫଳ / ଏକା କିମ୍ପା ଭୋଗିବି ଦୁର୍ନାମ ମୋର / ଓଡିଆଙ୍କ କଳଙ୍କ କାଳିମା ଘୋର ।"(୨୩)

ନାରୀସବୁ ଦୁଃଖକୁ ସହିପାରେ । ମାତ୍ର ତା'ର ସତୀତ୍ୱ ଉପରେ ବିପଦ ଆସିଲେ ସେ ଉଗ୍ରରୂପ ଧାରଣ କରେ । ଯେମିତି ଉଗ୍ରରୂପ ଧାରଣ କରିଛି କୁନ୍ତଳାକୁମାରୀଙ୍କ ଗୋକୁଳିର ସ୍ତ୍ରୀ । 'ଗଡ଼ଜାତ କୃଷକ' କବିତାରେ ଗୋକୁଳି ଋଣ, ଖଜଣା ଶୁଝି ନପାରି ରାଜାଙ୍କ ପାଖରେ ବନ୍ଦୀ ହେବା ପରେ ଜମିଦାର ଗୋକୁଳିର ସ୍ତ୍ରୀ ଉପରେ ଖରାପ ନଜର ପକାଇଛି ଏବଂ ତାକୁ ନିଜ ସ୍ୱାମୀକୁ ଛାଡ଼ି ତା ପାଖକୁ ଚାଲିଆସିବାକୁ କହିଛି । ଓଡ଼ିଆ ବୋହୂଟି ଏକଥା ଶୁଣି ଜମିଦାରକୁ ସାହସର ସହିତ ଜବାବ ଦେଇ କହିଛି- "କିଏ ସେ ରେ ତୁଇ / ହେବ ଅଜୀର୍ଣ୍ଣ / ଚଷା ବୋଲି ଆମେ ଏତେ ତୋ ସାହସ / କହୁ ଅଧର୍ମ ? / ମା ଭଉଣୀ କି ନାହାନ୍ତି ତୋହର / କହୁ ଏ କଥା /ଭଲେ ଭଲେ ଯାଅ, ନୋହିଲେ ଅର୍କ୍ଷିତ / ଭାଙ୍ଗିବି ମଥା ।"(୨୪) ଓଡ଼ିଆ ନାରୀ ସାହସୀ ଓ ସ୍ୱାଭିମାନୀ ମଧ୍ୟ । ସେ ପଛେ ମୃତ୍ୟୁକୁ ବରଣ କରିବ କିନ୍ତୁ ନିଜର ସତୀତ୍ୱକୁ ଅନ୍ୟ ଆଗରେ ସମର୍ପଣ କରିପାରିବ ନାହିଁ । ଜମିଦାର ଗୋକୁଳିର ଘରେ ପଶି ତା ସ୍ତ୍ରୀ ସହ ଅପକର୍ମ କରିବାକୁ ଚେଷ୍ଟା କରିଛି । ମାତ୍ର ଗୋକୁଳିର ସ୍ତ୍ରୀ ଜମିଦାରଠାରୁ ନିଜର ସତୀତ୍ୱକୁ ରକ୍ଷା କରି ପାରିଛି । ଜମିଦାର ବିଫଳ ହୋଇ ଫେରି ଯାଇଛି । ଗୋକୁଳିର ସ୍ତ୍ରୀ ଅଭାବ ଭିତରେ ଛ ଦିନ ଯାଏ ଖାଇବାକୁ ନପାଇ ଉପାସ ରହିଛି । ମାତ୍ର କାହା ଆଗରେ ହାତ ପତାଇ ନାହିଁକି ନିଜକୁ ବିକ୍ରିକରି ନାହିଁ । ଶେଷରେ ସ୍ୱାଭିମାନୀ ଓଡ଼ିଆ ନାରୀଟି ନିଜ ସ୍ୱାମୀକୁ ଝୁରି ଝୁରି ପ୍ରାଣ ହାରି ଦେଇଛି । ଯାହାକୁ ଦେଖି କୁନ୍ତଳାକୁମାରୀ ଲେଖିଛନ୍ତି- "ସତୀ ସୁକୁମାରୀ ଚଷାର କୁମାରୀ / ସ୍ୱାମୀ ସୁମରି / ମନେ ମନେ ଶାଶୁ ଚରଣେ ପ୍ରଣମି / ଦେଲା ଦଉଡ଼ି । / ରାତି ନ ହେଉଣୁ ହାରିଲା ଜୀବନ / ହୋଇ ଗୋପନ / ଗଛ ଫାଙ୍କେ ଖାଲି ସାକ୍ଷୀ ରହିଥିଲା / ରବି କିରଣ ।"(୨୫)

ଜାତୀୟ ଆନ୍ଦୋଳନ ସମୟରେ ମଧ୍ୟ ଓଡ଼ିଶାର ନାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ । ରମାଦେବୀ, ମାଳତୀ ଦେବୀଙ୍କ ନେତୃତ୍ୱରେ ଶହ ଶହ ସଂଖ୍ୟାରେ ନାରୀ ଏକାଠି ହୋଇ ଅସହଯୋଗ ଆନ୍ଦୋଳନରେ ସାମିଲ ହୋଇଥିଲେ ଏବଂ ଲବଣ ସତ୍ୟାଗ୍ରହରେ ଯୋଗଦେଇ କାରାବରଣ କରିଥିଲେ । ନାରୀମାନେ ବିଦେଶୀ ଦ୍ରବ୍ୟ ବର୍ଜନ କରି ଅରଟରେ ସୂତାକାଟି ଲୁଗା ତିଆରି କରୁଥିଲେ ଏବଂ ଦେଶପାଇଁ ପଛ ଘୁଞ୍ଚା ଦେଉଥିବା ପୁରୁଷମାନଙ୍କୁ ଦେଶ ସେବା ପାଇଁ ଆହ୍ୱାନ ଦେଇ କହୁଥିଲେ- "ହେ ପୁରୁଷ ଯଦି ନଉଠ ଏଥର / ଆମେ ରଣବେଶେ ହେବୁଁ ଅଗ୍ରସର । / ତୁମେ ଯଦି ଭୟେ ଦିଅ ପଛଘୁଞ୍ଚା / ଆମେ ତେଜିଯିବୁ ଆମ ଲାଜଲୁଚା । /ଆମେ ନାରୀଗଣ କୋଣରୁ ବାହାରି / ଧରିବୁଁ ଅସହଯୋଗ ତରବାରୀ ।"(୨୬)

## (ଚ) ଓଡ଼ିଆଙ୍କ ଜାତିପ୍ରୀତି :

ଓଡ଼ିଆ ଜାତି ଦିନେ ନିଜର ବୀରତ୍ୱ ଓ ସମୃଦ୍ଧି ପାଇଁ ସମଗ୍ର ବିଶ୍ୱରେ ପରିଚିତ ଥିଲା । ଏଇ ମାଟିର ମହାନ ବୀର ରାଜାମାନଙ୍କ ନାମ ଶୁଣିଲେ ଶତ୍ରୁଙ୍କ ଶିବିରରେ ଭୟ ସୃଷ୍ଟି ହେଉଥିଲା । ଏମାନଙ୍କ ରାଜତ୍ୱ ସମୟରେ ଉତ୍କଳର ପ୍ରଜାମାନେ ସୁଖ ସମୃଦ୍ଧିରେ ଜୀବନ ଅତିବାହତ କରୁଥିଲେ । କବି କୁନ୍ତଳା କୁମାରୀ ଓଡ଼ିଆମାନଙ୍କୁ ସେମାନଙ୍କର ଏହି ଗୌରବମୟ ଅତୀତକୁ ମନେପକାଇ ଦେଇଛନ୍ତି ତାଙ୍କର 'ଅର୍ଚ୍ଚନା' କବିତା ପୁସ୍ତକର ବିଲ୍ୱଦଳ କବିତାରେ । "ଐର ଖାରବେଳ, ସିଂହ ଗଜପତି / ନବକୋଟି ବର୍ଗେଶ୍ୱର ଯା ଭୂପତି/ ସେ ତ ମୋର ଜାତି ମୁଁ କି ହୀନ ଅତି / ମୁଁ ଯେ ଶୂରତେଜୋମୟ/ ଉଠିବି ଗାଇ ମୁଁ ଜୟ / ମାତା କଳିଙ୍ଗ ଜୟ ।"(୨୭) ପୁନଶ୍ଚ ଏହି କବିତାରେ କବି ଉତ୍କଳ ମାତାକୁ ମାଲକ୍ଷ୍ମୀ, ସରସ୍ୱତୀ, ଦୁର୍ଗାଙ୍କ ସହିତ ତୁଳନା କରି ତା'ର ବନ୍ଦନା କରିଛନ୍ତି ଓଡ଼ିଆମାନଙ୍କ ଆଗରେ । "ମୋର ଦେହ ଘେନି ରଚିବି ତୋ ପୂଜା/ତୁ ମୋହର ଲକ୍ଷ୍ମୀ, ଦୁର୍ଗା ଦଶଭୁଜା / ତୁ ପଦ୍ମ ଆସନା- ବାଣୀ- ବୀଣାପାଣି,/ ଗଙ୍ଗା ଗୋଦାବରୀ, ଯମୁନାରେ ବା ।"(୨୮)

ଆମ ଦେଶ ଭାରତ ଏକ ଧର୍ମନିରପେକ୍ଷ ରାଷ୍ଟ୍ର । ଏଠି ସର୍ବଧର୍ମର ସମନ୍ୱୟ ଘଟିଛି । ସେହିପରି ଆମ ଉତ୍କଳ ମାଟିରେ ମଧ୍ୟ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ସର୍ବଧର୍ମର ସମନ୍ୱୟ ଘଟିଛି ।

ଏହି ମାଟିରେ ତପସୁ, ଭଲ୍ଲିକ ବୌଦ୍ଧ ଧର୍ମ ପ୍ରଚାର କରିଥିଲେ । ରାମାନୁଜ, ନାନକ, ଶ୍ରୀଚୈତନ୍ୟ ଆଦି ମହାପୁରୁଷମାନେ ଏଇ ମାଟିକୁ ଆସି ନିଜ ନିଜର ଧର୍ମ ପ୍ରଚାର କରିଥିଲେ । ଏଠି ସମସ୍ତେ ସମାନ । ତେଣୁ କୁନ୍ତଳା କୁମାରୀ କୁହନ୍ତି- "ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ଜୈନ,/ ନାହିଁ ଭିନ୍ନ ଭାବ, ନାହିଁ ସ୍ନେହେ ଦୈନ୍ୟ/ ସରବେ ସନ୍ତାନ ତୋ ଆଦରେ ମାତ ତୋହରି ଯତନେ ପାଳନେ ।"(୨୯)

କୁନ୍ତଳାକୁମାରୀ ଜାଣିଥିଲେ ଯେ, ଦେଶକୁ ପରାଧିନତାରୁ ମୁକ୍ତ କରିବା ପାଇଁ ଜାତୀୟ ଏକତା ଆବଶ୍ୟକ । ତେଣୁ ସେ ଉତ୍କଳୀୟମାନଙ୍କୁ ଜାଗ୍ରତ ହେବାପାଇଁ ଆହ୍ୱାନ ଦେଇ କହିଛନ୍ତି- "ଉଠ ହେ ଓଡ଼ିଆ, ଉଠ ହେ ଓଡ଼ିଆ / ଉଠ ହେ ଓଡ଼ିଆ ବହନ / ଗାଏ ମହୋଦଧି, ଗାଏ ମହାନଦୀ/ଗାଏ କାଠଯୋଡ଼ି ଜୀବନ । ଗଞ୍ଜାମ ଶ୍ରୀକ୍ଷେତ୍ର ବାଲେଶ୍ୱର ସଙ୍ଗେ / ଗଡ଼ଜାତବାସୀ ବସ ଆସି ରଙ୍ଗେ/ ଅଙ୍କେ ଆଲିଙ୍ଗନ କର ଭାଇଭାଇ ଭୁଲି ଭେଦଭାବ ବନ୍ଧନ ।"(୩୦) ସେହିପରି ନିଜର ନୀଚ ସ୍ୱାର୍ଥକୁ ତ୍ୟାଗକରି ସ୍ୱଦେଶୀ ହୋଇ ଜାତୀୟ ସ୍ୱାର୍ଥ ପାଇଁ ଆଗେଇ ଆସିବାକୁ କବି ଉତ୍କଳୀୟମାନଙ୍କୁ କହିଛନ୍ତି- "କର ଘରେ ଘରେ ପ୍ରଚାର ଗମ୍ଭୀରେ / ଦେଶ ପ୍ରାଣେ ନବ ଜାଗରଣ /ଶ୍ୱେତ ଖଦୀ ପୂତ ବସନ ଶୋଭିତ / ନିଖିଳ ଉତ୍କଳ ନିକେତନ / ଏକତା ଉତ୍କଳ ମୁକତି- ନିଦାନ/ବୁଝ ଜ୍ଞାନେ, ସମ୍ମାନେ ଉତ୍କଳ ସନ୍ତାନ ।"(୩୧)

ଓଡ଼ିଆ ଜାତି ଗର୍ବ କରେ ତା'ର ପୂର୍ବପୁରୁଷଙ୍କୁ ନେଇ ଆଉ ତା'ର ଐତିହ୍ୟକୁ ନେଇ । କବି ତାଙ୍କ କବିତାଗୁଡ଼ିକରେ ଏମାନଙ୍କ କଥା କହି ଓଡ଼ିଆମାନଙ୍କ ମନରେ ଜାତିପ୍ରୀତି ସୃଷ୍ଟି କରିଛନ୍ତି- "ଏ ବୀରମାଟି କୀରତି କଥାଟି / ପୀରତିରେ ଥରେ ମନେ ପକାଅଟି । / ମରକତ, ଭୀମ, ପୁରୁଷ ଉତ୍ତମ / କଳିଙ୍ଗ-କେଶରୀ ଐର ଅରିନ୍ଦମ /ମୁକୁନ୍ଦ, ଯଯାତି, ଲଳିତେନ୍ଦୁ ନାମେ / ବାରବାଟି ପୁରେ ବାଜା ବାଜାଅଟି ।"(୩୨) ଅତୀତରେ ଆମ ସାଧବ ପୁଅମାନେ ନୌବାଣିଜ୍ୟ କରି ବିଦେଶରୁ ଅନେକ ଧନ, ରତ୍ନ ସହ ଓଡ଼ିଶା ଫେରୁଥିଲେ । ହେଲେ ଆଜି ସେହି ସାଧବପୁଅ ନିଜର ବୃତ୍ତି ହରାଇ ସୁଦୂର ଆସାମ, ରେଙ୍ଗୁନ ଆଦି ସ୍ଥାନକୁ ଯାଇ କୁଲି କାମକରି ପେଟ ପୋଷୁଛି । କୁନ୍ତଳାଙ୍କ 'ସାଧବପୁଅ' କବିତାରେ ସାଧବ ପୁଅଟି ତା'ର ଅତୀତକୁ ମନେପକାଇ କହିଛି- "ଆମ ବାପାସା'ନ୍ତ ବାପର କୀର୍ତ୍ତି ଜଗତ ଜିଣି / ଦୂର ମୂଲକରୁ ଆଣନ୍ତି ଲକ୍ଷ୍ମୀଭଣ୍ଡାର କିଣି /ସପତ ସାଗରେ ବୋଇତ, ଚାନ୍ଦ ସଉଦାଗର / ଲକ୍ଷ୍ମୀଧର କଥା ଶୁଣିଛ ପୁଣି ସାଧବଙ୍କର / ବୋଇତ ପହଞ୍ଚି ଛୁଇଁଲେ ନଦୀ ମୁଣ୍ଡମୁହାଣ / ସାଧବ ଝିଅଙ୍କ ଶରଧା ବୋଇତର ବନ୍ଦାଣ / ହୁଳହୁଳି, ସୁନାଥାଳୀରେ ଅର୍ଘ୍ୟ ଦୀପ ଜଳାଇ/ ମଙ୍ଗଳ ମନାସି, ଆନନ୍ଦ ପତି ପୁଅଙ୍କ ପାଇଁ ।"(୩୩)

ଓଡ଼ିଆମାନଙ୍କୁ ସେମାନଙ୍କ ପୂର୍ବଗୌରବ କଥା ମନେପକାଇ ଦେଲାବେଳେ କବି ଓଡ଼ିଆଙ୍କ ସଂସ୍କୃତି ଓ ପର୍ବପର୍ବାଣୀ କଥା ମଧ ଭୁଲି ନାହାନ୍ତି । ଓଡ଼ିଆ ଜାତିର ମୌଳିକ ପର୍ବ ରଜପର୍ବ ସମ୍ପର୍କରେ କବି କହିଛନ୍ତି- "ଆକାଶେ ଉଦୟ ନୀଳମେଘର କାନ୍ତି / ଘରେ ଘରେ ଆଜି ପରା ରଜସଂକ୍ରାନ୍ତି ।"(୩୪) ଏହି ରଜପର୍ବ ଓଡ଼ିଶାର ନିଜସ୍ୱ ପର୍ବ ଅଟେ । ଏହା ଓଡ଼ିଶା ବ୍ୟତୀତ ଅନ୍ୟ କୌଣସି ରାଜ୍ୟରେ ପ୍ରାୟ ଦେଖିବାକୁ ମିଳେ ନାହିଁ । ସେହିପରି କୋଟି କୋଟି ଓଡ଼ିଆଙ୍କ ପ୍ରାଣର ଦେବତା ହେଉଛନ୍ତି ପ୍ରଭୁ ଶ୍ରୀଜଗନ୍ନାଥ । ତାଙ୍କ ବିଶ୍ୱ ପ୍ରସିଦ୍ଧ ସ୍ନାନଯାତ୍ରା ଓ ରଥଯାତ୍ରା ସମ୍ପର୍କରେ ମଧ କବି ଉଲ୍ଲେଖ କରିଛନ୍ତି- "ଆଜି ଜଗନ୍ନାଥଙ୍କର ସ୍ନାନ ଯାତରା /ଉଠେ ପରା ମଲ୍ଲୁ ଛାଡ଼ି ହେଁସ କତରା । / କେତେ ପୁନିଅଁ ପରବ ଗୁଣ୍ଡିଚାଯାତ / ବଡ଼ ଦେଉଳେ ଭେଟନ୍ତି ସହୀସଙ୍ଗାତ ।"(୩୫) କବିତାଗୁଡ଼ିକରେ ଓଡ଼ିଆ ଜାତିର ଏହି ମହାନ ପରମ୍ପରାର ଦିଗଟି ସମ୍ପର୍କରେ ମନେ ପକାଇବାର ମୁଖ୍ୟ କାରଣ ହେଉଛି ଓଡ଼ିଆ ଲୋକଙ୍କ ଭିତରେ ଏକତା ସୃଷ୍ଟି କରିବା ।

କୁନ୍ତଳାକୁମାରୀ ଓଡ଼ିଶା ଛାଡ଼ି ଦିଲ୍ଲୀ ଚାଲି ଯାଇଥିଲେ । ମାତ୍ର ଓଡ଼ିଶା ପ୍ରତି ଓ ଓଡ଼ିଆଲୋକଙ୍କ ପ୍ରତି ତାଙ୍କର ଭଲପାଇବା କମି ନଥିଲା । ଓଡ଼ିଶା ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟକୁ ସବୁବେଳେ ସାମ୍ନା କରିଆସୁଛି । ଓଡ଼ିଶାର ଏହି ପ୍ରାକୃତିକ ବିପର୍ଯ୍ୟୟ କଥା ଭାବି ସେ ସର୍ବଦା ଚିନ୍ତାରେ ରହୁଥିଲେ । ସେ ତାଙ୍କ 'ଓଡ଼ିଆଙ୍କ କାନ୍ଦଣା' କବିତା ପୁସ୍ତକର ଆରମ୍ଭରେ କହିଛନ୍ତି- "ମହାନଦୀର ପ୍ରବଳ ବନ୍ୟା ଓଡ଼ିଶାର ପ୍ରଧାନ ସମସ୍ୟା । ଏ ସମସ୍ୟାର ସମାଧାନ ନହେଲେ ଓଡ଼ିଆ ଜାତି କଦାପି ମୁଣ୍ଡଟେକି ପାରିବ ନାହିଁ । ଲକ୍ଷ ଲକ୍ଷ ଲୋକ ପ୍ରତିବର୍ଷ ମରିବେ ଓ ଘରଦ୍ୱାର ଛଡ଼ା ହେବେ ତ ଦେଶର ଉନ୍ନତି ହେବ କିପରି ? କିନ୍ତୁ ଏ ସମସ୍ୟା ପ୍ରତି ଅର୍ଥାଭାବରୁ ହେଉକି ଆମର ଦୁର୍ବଳତା ଯୋଗୁଁ ହେଉ, କାହାରି ଦୃଷ୍ଟି ପଡ଼ିନାହିଁ । ଅତଏବ ଆମେ ସର୍ବଦା ଦୀନ-ଦରିଦ୍ର ଓ ଜଗତର ଅଜ୍ଞାତ ଜାତି ହୋଇ ରହିବୁ ସିନା । ଏହାର ପ୍ରତିକାର?"(୩୬) କୁନ୍ତଳାକୁମାରୀଙ୍କ ଏହି ପ୍ରଶ୍ନ ହିଁ ପ୍ରମାଣ ଦିଏ ତାଙ୍କର ଓଡ଼ିଆମାନଙ୍କ ପ୍ରତି ଥିବା ଗଭୀର ଭଲପାଇବା ସମ୍ପର୍କରେ । ଓଡ଼ିଶାର ଏହି ବନ୍ୟା,

ବାତ୍ୟା ସମ୍ପର୍କରେ ସେ 'ଓଡ଼ିଆଙ୍କ କାନ୍ଦଣା' କବିତା ପୁସ୍ତକର 'ବାଳୁତ ପୁଅର ଭାବନା' କବିତାରେ କହିଛନ୍ତି- "ପହିଲି ଆଷାଢ଼ ମେଘ ବରଷେ ପାଣି / ବଢିବ ଏଥର ମହାନଦୀ ଉଠାଣି ।/ଘୋର ବଢ଼ି ଦିନେ କାହୁଁ ଆସିବ ମାଡ଼ି / ନେବ ଏକାବେଳେ ତାଟିକବାଟ ତାଡ଼ି / ମହାନଦୀ କୂଳେ ଯେତେ ବାନ୍ଧିଚୁ ବସା / କିଏ ରଖିବ ଆମକୁ କିଏ ଭରସା ?"(୩୭) ମହାନଦୀର ବନ୍ୟା ଆସିଲେ ଲୋକମାନଙ୍କ ବାସଗୃହ ସହିତ କୃଷିକାର୍ଯ୍ୟ ମଧ୍ୟ ପ୍ରଭାବିତ ହୁଏ । ବନ୍ୟାରେ ଅନେକ ଫସଲ ନଷ୍ଟ ହୋଇଯାଏ । ଫଳତଃ ବନ୍ୟା ପରେ ଲୋକମାନେ ଖାଦ୍ୟ ସଂକଟର ସମ୍ମୁଖୀନ ହୁଅନ୍ତି । 'ବାଳୁତ ପୁଅର ଭାବନା' କବିତାରେ ବାଳୁତ ପୁଅଟି ଭାବୁଛି- "ଆମ ଫସଲ ବୁଣା ନୁହେଁ ସାର୍ଥକ /ଧୋଇଆ ଅଂଚଳ, ସଦା ମନରେ ଦକ । / ମହାନଦୀ କୂଳେ ମିଛେ କରିଚୁଁ ଘର / ଛାଡ଼ି ପଳାଇବୁଁ ସର୍ବେ ଗାଆଁ ଏଥର ।"(୩୮) ବନ୍ୟା ବାତ୍ୟା ଭଳି ମରୁଡ଼ି ମଧ୍ୟ ଅନେକ ସମୟରେ ଓଡ଼ିଆ ଜାତିର ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ମରୁଡ଼ି ନାଁ କଥା ଶୁଣିଲେ ଆଜିବି ଓଡ଼ିଆଙ୍କ ଛାତି ଥରିଉଠେ । 'ପତିତାର କାନ୍ଦ' କବିତାରେ ଓଡ଼ିଆ ବୋହୂଟି କହୁଛି- "ଠିଆକ୍ଷେତ ମରୁଡ଼ି, ଉଡ଼ିଲା ହଂସା, / ଫସଲ ନାଶ ଦେଖି କାନ୍ଦିଲେ ଚଷା । / ଏହିପରି ବରଷ ତିନି ମରୁଡି / ହେଲାରୁ ସରେ ସଂଚା ଧାନ କଉଡ଼ି ।"(୩୯) କୁନ୍ତଳାକୁମାରୀ ଅନେକ ସମୟରେ ରୋଗୀମାନଙ୍କୁ ଚିକିତ୍ସା କରିବା ପାଇଁ ଓଡ଼ିଶାର ବିଭିନ୍ନ ଅଂଚଳକୁ ଯାଉଥିଲେ । ତେଣୁ ଓଡ଼ିଆ ଲୋକଙ୍କ ଅବସ୍ଥା ପ୍ରତି ସେ ସଚେତନ ଥିଲେ । ବନ୍ୟା, ବାତ୍ୟା, ମରୁଡ଼ି ଆଦି ପ୍ରାକୃତିକ ବିପର୍ଯ୍ୟୟ ସହୁଥିବା ଓଡ଼ିଆ ଲୋକେ ଅର୍ଥ ଅଭାବରୁ ହେଉକି ଚିକିତ୍ସା ଅଭାବରୁ ହେଉ କିମ୍ବା ସଚେତନତା ଅଭାବରୁ ହେଉ ଅନେକ ସମୟରେ ମ୍ୟାଲେରିଆ, ହଇଜା ଆଦି ରୋଗରେ ପଡ଼ି ମୃତ୍ୟୁବରଣ କରୁଥିଲେ । ଏହି କଥାଟିକୁ କବି ତାଙ୍କ ଅର୍ଚ୍ଚନା କବିତା ପୁସ୍ତକର 'ନବବର୍ଷେ' କବିତାରେ ଉଲ୍ଲେଖ କରିଛନ୍ତି ଏହିପରି- "ଶୈଳମାଳ ତେଜି ଜ୍ୱର ମେଲେରିଆ / କମଳ ପ୍ରଫୁଲ୍ଲ ପଲ୍ଲୀ ଲେ ପଶି /ପଲ୍ଲବ- ପାଟଳ ପଲ୍ଲୀ ସୁଷମା / ସାରିଲାଣି ସବୁ ଦେଖୁଛୁ ବସି ।/ଲକ୍ଷେ ରାଜାଙ୍କର ମଉଡମଣିର / ରାଇଜର ଲୋକେ ମଶାଣିମଡା, / ଦୁର୍ଭିକ୍ଷ ବନ୍ୟା ବିପତ୍ତି କଲାଣି / ଲକ୍ଷେ ପରଜାଙ୍କୁ ରାଇଜ ଛଡ଼ା ।"(୪୦) ସେହିପରି କବି ତାଙ୍କର ଅନ୍ୟ ଏକ କବିତାରେ ଓଡ଼ିଆ ଲୋକଙ୍କ ଏହି ଦୁଃଖକୁ ଦେଖି ଲେଖିଛନ୍ତି- "ଓଡ଼ିଆ ଅଙ୍ଗରୁ ଛାଡ଼ିଲା ଶିରୀ,/ ମ୍ୟାଲେରିଆ ଜ୍ୱର ଦେଲାଣି ଘାରି, / ତାପ ସନ୍ନିପାତ, ବିକାର ବିଷାଦ / ଜୀବନ ସଙ୍ଖାଳି କୁଇନାଇନ ।"(୪୧) ଓଡ଼ିଆଙ୍କ ଏହି ଦୁଃଖକୁ ଦୂର କରିବା ପାଇଁ କାହାର ଯେପରି ସେତେବେଳେ କିଛି ଚିନ୍ତା ନଥିଲା । ସମସ୍ତେ ନିଜ ନିଜର ସ୍ୱାର୍ଥ ନେଇ ଚଳୁଥିଲେ । ଏପରିକି ଭଗବାନ ମଧ୍ୟ ସେମାନଙ୍କ ଆକୁଳ ଚିତ୍କାରକୁ ଶୁଣୁ ନଥିଲେ । ମୃତ୍ୟୁକୁ ଆଦରି ନେବା ଥିଲା ଓଡିଆଙ୍କ ଶେଷ ବିକଳ୍ପ । ତେଣୁ 'ସ୍ଫୁଲିଙ୍ଗ' କବିତା ସଂକଳନର 'ହାହାକାର' କବିତାରେ କବି କହୁଛନ୍ତି- "ଭୀଷଣ ବନ୍ୟା ବ୍ୟୁତ୍ପାତ, ଦୁର୍ଭିକ୍ଷ ଦାଉ/ମହାମଡକର ସଂହାର ଲୀଳା / କାତର କଣ୍ଠେ ଡାକିଲେ ବିକଳେ / ଦୂର ବୈକୁଣ୍ଠେ ପ୍ରଭୁ ନ ଶୁଣନ୍ତି ଆଉ, / କେବଳ ମୃତ୍ୟୁ ମୃତ୍ୟୁ ବିଭୀଷିକା / ଆବରିଛି ଚାରି ଧାର ।"

ଗୋଟିଏ ପଟେ ଜାତୀୟ ମୁକ୍ତିସଂଗ୍ରାମ ଆଉ ଗୋଟିଏ ପଟେ ପ୍ରାକୃତିକ ବିପର୍ଯ୍ୟୟ ସହ ଲଢୁଥିଲେ ଓଡ଼ିଶାବାସୀ । ଏହି ସମୟରେ ବନ୍ୟା, ବାତ୍ୟା, ମରୁଡ଼ିରେ ପୀଡ଼ିତ ଲୋକଙ୍କ ପାଇଁ ଦେବଦୂତ ସାଜି ଥିଲେ ଉତ୍କଳମଣି ଗୋପବନ୍ଧୁ ଦାସ । ତାଙ୍କର ନିଷ୍ପାପର ସେବା ଓ ତ୍ୟାଗକୁ ଏ ଓଡ଼ିଆ ଜାତି ଚିରଦିନ ମନେରଖିବ । ଓଡ଼ିଶାର ଯେକୌଣସି ନଦୀରେ ବନ୍ୟା ଆସିଲେ ଆଜିବି ମନେପଡନ୍ତି ସେ । କୁନ୍ତଳାକୁମାରୀ ମଧ୍ୟ ତାଙ୍କ 'ବାଳୁତ ପୁଅର ଭାବନା' କବିତାରେ ଉତ୍କଳମଣିଙ୍କ କଥା ମନେ ପକାଇ କହିଛନ୍ତି- "ଆମ ଗାଁରେ କହନ୍ତି ସେ ଗୋପବନ୍ଧୁ / ଥିଲେ ଏକା ଆମ ଦୁଃଖୀ ଗରିବ ବନ୍ଧୁ । / ଥିଲେ ଅବା ଗୋପବନ୍ଧୁ ଆମ ପାଇଁକି / କରିଥାନ୍ତେ କିଛି ବାଟ, ଆଉ କାହିଁକି / ମନେପକାଇ ସେ କଥା ହେଉଚୁ ଘାରି ?/ ହେଲେ ହେଉ ମହାନଦୀ ଆମ ଭଗାରି ।"(୪୩)

କୁନ୍ତଳାକୁମାରୀଙ୍କ ସମୟରେ ମହାତ୍ମାଗାନ୍ଧୀଙ୍କ ଡାକରାରେ ଭାରତୀୟମାନେ ବିଦେଶୀ ଦ୍ରବ୍ୟ ବର୍ଜନ କରି ସ୍ୱଦେଶୀ ଦ୍ରବ୍ୟ ଆପଣାଇ ଥିଲେ । ଲୋକମାନେ ଅରଟରେ ସୂତାବୁଣି ବସ୍ତ୍ର ପ୍ରସ୍ତୁତ କଲେ । ଏହି ସମୟଖଣ୍ଡରେ ରଚିତ କବିତାଗୁଡ଼ିକରେ ଆମେ ସ୍ୱଦେଶୀ ଭାବନା ଦେଖିବାକୁ ପାଇବା । କୁନ୍ତଳାକୁମାରୀ ସାବତଙ୍କ 'ବାଳୁତ ପୁଅର ଭାବନା' କବିତାରେ ବାଳୁତ ପୁଅଟି ଭାବିଛି, ସେ ଆଉ ତା କାକା ଭଳି ଅର୍ଥ ଲୋଭରେ ବିଦେଶ ଯିବ ନାହିଁ । ସେ ଏଇ ଓଡ଼ିଶା ମାଟିରେ ରହି ଓଡ଼ିଆ ଲୋକମାନଙ୍କ ସେବା କରିବ । – "କାକା ଭଳି ନ ଯିବି ମୁଁ କରିବି ଦେଶ /ପାଞ୍ଚ ଦଶଟି ଟଙ୍କାରେ ଜୀବନ ଶେଷ ।/ବଢ଼ି ଲାଗି ଯା' ଦିଶିବ ବାଟ କରିବି/ଲାଟକିଲଟର ସଙ୍ଗେ ନିଶ୍ଚେ ଲଢ଼ିବି । / ରାଇଜ ଲୋକଙ୍କୁ ମେଳି କରିବ ଆଣି/ ଆମ ଦୁଃଖ କଥା ତାଙ୍କ ଆଗେ ବଖାଣି ।"(୪୪) ସେହିପରି

ନିଜର କୁଳଧର୍ମ ଭୁଲି ବିଦେଶକୁ କୁଲି କାମ କରିବା ପାଇଁ ଯାଇଥିବା ବ୍ରାହ୍ମଣ ପୁଅଟି ନିଜର ସମ୍ମାନ ଓ ସ୍ୱାଭିମାନ ରକ୍ଷା ପାଇଁ ନିଷ୍ପତ୍ତି ନେଇଛି– "ଓଡ଼ିଆ ବ୍ରାହ୍ମଣ ପୁଅ ମୁଁ, ଛାଡ଼ିବି ଏ କୁପଥ / ଦେଶ ବଂଶ ଟେକ ରଖିବି ହୋଇ ସ୍ୱ ଧର୍ମେ ରତ ।"(୪୫) କେବଳ ବ୍ରାହ୍ମଣ ଘରର ପୁଅ ନୁହେଁ, ବିଦେଶକୁ କୁଲି କାମ କରିବା ପାଇଁ ଯାଇଥିବା କରଣ ପୁଅ, ଖଣ୍ଡାଏତ ପୁଅ, ଗୋପାଳ ପୁଅ, ସାଧବ ପୁଅ ଓ କାରିଗର ପୁଅ ସମସ୍ତେ ନିଜ ନିଜର ଜନ୍ମମାଟିକୁ ଫେରି ଆସି ନିଜର କୌଳିକ ବୃତ୍ତି ଆପଣାଇ ସ୍ୱଦେଶୀ ହେବାପାଇଁ ସଂକଳ୍ପ ନେଇଛନ୍ତି । ଏହି କ୍ରମରେ କରଣ ପୁଅ କହିଛି– "ସାଆନ୍ତ ଘରର ପୁଅ ମୁଁ, କୁଳଶ୍ରେଷ୍ଠ କରଣ / ଯିବି ଫେରି ନିଶ୍ଚେ ସ୍ୱଦେଶେ ଏ ମୋ ଜୀବନପଣ ।"(୪୬) ଅନ୍ୟର ଗୋଲାମ ହୋଇ କାମ କରିବାର ଅପେକ୍ଷା ନିଜ ରାଜ୍ୟକୁ ଫେରିଯାଇ ସ୍ୱାଧୀନ ଭାବରେ ବ୍ୟବସାୟ କରି ଜୀବନ ବଞ୍ଚାଇବା ପାଇଁ ଚାହିଁଛି ଗୋପାଳ ପୁଅ । – "ଏ ସତ୍ୟାନାଶିଆ ଗୋଲମି କାମ ଛାଡ଼ି ଏଥର / ଗୋପାଳର ପୁଅ ଭଲେ ମୁଁ ଫେରି ଯିବି ସ୍ୱ ଘର । / ନିଜ କୁଳ ବ୍ୟବସାୟରେ ଅରଜିବି ଯେ ଧନ,/ ସ୍ୱାଧୀନ ସୁଖରେ କାଟିବି ମଧୁମୟ ଜୀବନ ।"(୪୭) ସେହିପରି ବିଶ୍ୱ ପାଇଁ କଳାର କୋଣାର୍କ ନିର୍ମାଣ କରିଥିବା ଓଡ଼ିଶାର କାରିଗର ପୁଅ ପରର ଗୋଲାମଗିରି ଛାଡ଼ି ନିଜ ଜନ୍ମମାଟି ଓଡ଼ିଶାକୁ ଫେରିଆସି ନିଜ କର୍ମକୁ ଆଦରି ସ୍ୱାଭିମାନର ସହ ଜୀବନ ବଞ୍ଚିବା ପାଇଁ ନିଷ୍ପତ୍ତି ନେଇଛି । – "ଓଡ଼ିଆ ଶିଳ୍ପୀର ଗୁଣରେ ମୁଗ୍ଧ ଜଗତ ଯାକ / ମୁଁ ପୁଣି ଗୋଲାମି କରିକି ତଳେ ଘଷିବି ନାକ ! / ନାହିଁ ନାହିଁ, ଆଉ ଗୋଲାମି ନ କରିବି ଜୀବନେ /ଫେରିଯିବି ଏବେ ସ୍ୱଦେଶ, ଯା' ଥିବ ମୋ କରମେ ।"(୪୮) ପ୍ରତ୍ୟେକ ଓଡ଼ିଆଙ୍କ ରକ୍ତରେ ମିଶି ରହିଛି ସ୍ୱାଭିମାନ । ସମଗ୍ର ବିଶ୍ୱକୁ ଅନ୍ନ ଯୋଗାଉଥିବା ଓଡ଼ିଆ ଚାଷୀ ଘରର ପୁଅଟି ତେଣୁ କହିଛି– "ଓଡ଼ିଆ ଚଷାର ପୁଅ ମୁଁ, ମୁଁ ତ ମାଟି ସେବକ,/ମୋହରି ବଳିଷ୍ଠ ବାହୁରେ ନିତି ପ୍ରଜା ପାଳକ । / ଦରିଦ୍ର ବୋଲି ମୁଁ ମୋ ଦେଶ ଦରିଦ୍ର ବୋଲାଇଛି, / ମାଟିକୁ କରିବି ସୁନା ମୁଁ ମନେ ଆଣ୍ଠି ବାନ୍ଧିଛି ।"(୪୯)

ବାସ୍ତବରେ କୁନ୍ତଳାକୁମାରୀ ସାବତଙ୍କ କବିତାରେ ମାଟି ପ୍ରତି ମମତା ଅଛି, ଜାତି ପ୍ରତି କର୍ତ୍ତବ୍ୟ ଆଉ ଭଲପାଇବା ମଧ୍ୟ ଅଛି । ତାଙ୍କ କବିତାଗୁଡ଼ିକର ଗୁରୁତ୍ୱ ସେ ସମୟର ସମାଜ ପାଇଁ ଯେମିତି ଥିଲା ବର୍ତ୍ତମାନ ସମୟର ସମାଜ ପାଇଁ ମଧ୍ୟ ରହିଛି । ଓଡ଼ିଆମାନଙ୍କୁ ନିଜ ଜାତି, ନିଜ ମାଟି ଓ ନିଜ ମାତୃଭାଷାର ଉନ୍ନତି ପାଇଁ ଆଜିବି ସଂଗ୍ରାମ କରିବାକୁ ପଡୁଛି । ତେଣୁ କୁନ୍ତଳାକୁମାରୀ ତାଙ୍କ କବିତା ଗୁଡ଼ିକରେ ଓଡ଼ିଶାବାସୀଙ୍କୁ ଯେଉଁ ବାର୍ତ୍ତା ଦେଇ ଯାଇଛନ୍ତି ତାହା ଆଜିବି ଓଡ଼ିଆମାନଙ୍କ ପାଇଁ ମୂଲ୍ୟବାନ ଅଟେ ।

**ପ୍ରାନ୍ତଟୀକା :**


୧. ଚୌଧୁରୀ, ରମାଦେବୀ, ଜୀବନପଥେ, ଗ୍ରନ୍ଥମନ୍ଦିର, ବିନୋଦ ବିହାରୀ, କଟକ, ଚତୁର୍ଥ ସଂସ୍କରଣ ୨୦୨୦, ପୃ–୪୩ ।

୨. ତତ୍ରୈବ ପୃ–୮୬ ।

୩. ଦାସ, ହେମନ୍ତ କୁମାର, କୁନ୍ତଳାକୁମାରୀ ଗ୍ରନ୍ଥାବଳୀ (କାବ୍ୟ ଖଣ୍ଡ), (ସମ୍ପାଦନା), ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦ ବିହାରୀ, କଟକ, ତୃତୀୟ ସଂସ୍କରଣ ୨୦୧୮, ପୃ–୧୨୫ ।

୪. ତତ୍ରୈବ, ସ୍ଫୁଲିଙ୍ଗ, ପୃ–୧୯୫ ।

୫. ତତ୍ରୈବ, ଅର୍ଚ୍ଚନା, ପୃ–୧୨୨ ।

୬. ତତ୍ରୈବ, ଓଡିଆଙ୍କ କାନ୍ଦଣା, ପୃ–୨୮୨ ।

୭. ତତ୍ରୈବ, ଗଡ଼ଜାତ କୃଷକ, ପୃ–୩୦୫ ।

୮. ତତ୍ରୈବ, ଆହ୍ୱାନ, ପୃ–୨୧୨ ।

୯. ତତ୍ରୈବ, ଅର୍ଚ୍ଚନା, ପୃ–୧୨୦ ।

୧୦. ତତ୍ରୈବ, ଆହ୍ୱାନ, ପୃ–୨୧୩ ।

୧୧. ତତ୍ରୈବ, ଓଡ଼ିଆ ବୋହୂର କାନ୍ଦ, ପୃ–୨୭୮ ।

୧୨. ତତ୍ରୈବ, ଗଡ଼ଜାତ କୃଷକ, ପୃ–୩୦୫ ।

୧୩. ତତ୍ରୈବ, ଗଡ଼ଜାତ କୃଷକ, ପୃ–୩୧୦ ।

୧୪. ତତ୍ରୈବ, ଆହ୍ୱାନ, ପୃ–୨୧୩ ।

୧୫. ତତ୍ରୈବ, ପତିତାର କାନ୍ଦ, ପୃ–୨୮୭ ।

୧୬. ତତ୍ରୈବ, ପତିତାର କାନ୍ଦ, ପୃ–୨୯୧ ।

୧୭. ତତ୍ରୈବ, ଓଡ଼ିଆ ପୁଅଙ୍କ କଥାବାର୍ତ୍ତା, ପୃ–୨୯୩ ।

୧୮. ତତ୍ରୈବ, ଓଡ଼ିଆ ପୁଅଙ୍କ କଥାବାର୍ତ୍ତା, ପୃ–୨୯୪ ।

୧୯. ତତ୍ରୈବ, କୁନ୍ତଳାକୁମାରୀଙ୍କ ବକ୍ତବ୍ୟ, ପୃ–୨୯୩ ।

୨୦. ତତ୍ରୈବ, ଓଡ଼ିଆ ବୋହୂର କାନ୍ଦ, ପୃ–୨୭୮ ।

୨୧. ତତ୍ରୈବ, ଓଡ଼ିଆ ବୋହୂର କାନ୍ଦ, ପୃ–୨୭୮ ।

୨୨. ତତ୍ରୈବ, ପତିତାର କାନ୍ଦ, ପୃ–୨୮୩ ।

୨୩. ତତ୍ରୈବ, ପତିତାର କାନ୍ଦ, ପୃ-୨୯୨ ।
୨୪. ତତ୍ରୈବ, ଗଡ଼ଜାତ କୃଷକ, ପୃ-୩୧୦ ।
୨୫. ତତ୍ରୈବ, ଗଡ଼ଜାତ କୃଷକ, ପୃ-୩୧୧ ।
୨୬. ତତ୍ରୈବ, ଆହ୍ୱାନ, ପୃ-୨୧୮ ।
୨୭. ତତ୍ରୈବ, ଅର୍ଚ୍ଚନା, ପୃ-୧୨୪ ।
୨୮. ତତ୍ରୈବ, ଅର୍ଚ୍ଚନା, ପୃ-୧୨୪ ।
୨୯. ତତ୍ରୈବ, ଅର୍ଚ୍ଚନା, ପୃ-୧୨୫ ।
୩୦. ତତ୍ରୈବ, ଅର୍ଚ୍ଚନା, ପୃ-୧୨୧ ।
୩୧. ତତ୍ରୈବ, ଅର୍ଚ୍ଚନା, ପୃ-୧୨୧ ।
୩୨. ତତ୍ରୈବ, ସଙ୍ଗୀତ, ପୃ -୨୯୩ ।
୩୩. ତତ୍ରୈବ, ସାଧବପୁଅ, ପୃ-୨୯୭ ।
୩୪. ତତ୍ରୈବ, ବାଲୁତ ପୁଅର ଭାବନା, ପୃ-୨୭୫ ।
୩୫. ତତ୍ରୈବ, ବାଲୁତ ପୁଅର ଭାବନା, ପୃ-୨୭୫ ।
୩୬. ତତ୍ରୈବ, ଓଡିଆଙ୍କ କାନ୍ଦଣା, ପୃ-୨୭୩ ।
୩୭. ତତ୍ରୈବ, ଓଡିଆଙ୍କ କାନ୍ଦଣା, ପୃ-୨୭୫ ।
୩୮. ତତ୍ରୈବ, ଓଡିଆଙ୍କ କାନ୍ଦଣା, ପୃ-୨୭୫ ।
୩୯. ତତ୍ରୈବ, ପତିତାର କାନ୍ଦ, ପୃ-୨୮୨ ।
୪୦. ତତ୍ରୈବ, ନବବର୍ଷ, ଅର୍ଚ୍ଚନା, ପୃ-୧୩୨ ।
୪୧. ତତ୍ରୈବ, ଅର୍ଚ୍ଚନା, ପୃ-୧୨୨ ।
୪୨. ତତ୍ରୈବ, ସ୍ଫୁଲିଙ୍ଗ, ୧୯୩ ।
୪୩. ତତ୍ରୈବ, ବାଲୁତ ପୁଅର ଭାବନା, ଓଡିଆଙ୍କ କାନ୍ଦଣା, ପୃ-୨୭୬ ।
୪୪. ତତ୍ରୈବ, ବାଲୁତ ପୁଅର ଭାବନା, ଓଡିଆଙ୍କ କାନ୍ଦଣା, ପୃ-୨୭୬ ।
୪୫. ତତ୍ରୈବ, ଓଡ଼ିଆପୁଅଙ୍କ କଥାବାର୍ତ୍ତା, ଓଡ଼ିଆଙ୍କ କାନ୍ଦଣା, ପୃ-୨୯୪ ।
୪୬. ତତ୍ରୈବ, ଓଡ଼ିଆପୁଅଙ୍କ କଥାବାର୍ତ୍ତା, ଓଡ଼ିଆଙ୍କ କାନ୍ଦଣା, ପୃ-୨୯୫ ।
୪୭. ତତ୍ରୈବ, ଓଡ଼ିଆପୁଅଙ୍କ କଥାବାର୍ତ୍ତା, ଓଡ଼ିଆଙ୍କ କାନ୍ଦଣା, ପୃ-୨୯୭ ।
୪୮. ତତ୍ରୈବ, କାରିଗର ପୁଅ, ଓଡ଼ିଆଙ୍କ କାନ୍ଦଣା, ପୃ-୨୯୯ ।
୪୯. ତତ୍ରୈବ, କୃଷକ ପୁଅ, ଓଡ଼ିଆଙ୍କକାନ୍ଦଣା, ପୃ-୩୦୧ ।

କଳାଭୂଷଣ ଗବେଷିକା
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ
ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), **Vol.- 9, Issue No.I, April 2023**
**Bastabatara Pariprakash Prachee**
***Peer Reviewed and Referred Research Journal***

# ସମ୍ବଲପୁର ଜିଲ୍ଲାର ସୌଖୀନ ନାଟ୍ୟାନୁଷ୍ଠାନ

**ଶୁଭ୍ରାଂଶୁ ବେହେରା**

ଅବିଭକ୍ତ / ବିଭକ୍ତ ସମ୍ବଲପୁର ଜିଲ୍ଲାର ମୁଖ୍ୟ ସହର ହେଉଛି 'ସମ୍ବଲପୁର' । ଏଇ ସମ୍ବଲପୁର ସହର କଳା, ସ୍ଥାପତ୍ୟ, ପ୍ରାକୃତିକ ପରିବେଶରେ ପରିପୂର୍ଣ୍ଣ । ପୁଣି ସାହିତ୍ୟ ଚର୍ଚ୍ଚା ପାଇଁ ମଧ୍ୟ ବ୍ୟାପକ କ୍ଷେତ୍ର ରହିଛି । ସମ୍ବଲପୁର ସହରବାସୀ ନାଟକ ଦେଖିବାକୁ ଖୁବ୍ ଭଲ ପାଆନ୍ତି । ଯାହାର ଫଳସ୍ୱରୂପ ସମ୍ବଲପୁର ଟାଉନ ତଥା ସମ୍ବଲପୁର ଜିଲ୍ଲାରେ ବହୁ ନାଟ୍ୟାନୁଷ୍ଠାନ ରହିଅଛି । ଏହି ନାଟ୍ୟାନୁଷ୍ଠାନମାନେ ପ୍ରତିବର୍ଷ ବିଭିନ୍ନ ରଙ୍ଗମଂଚରେ ବହୁ ନାଟକ ମଂଚସ୍ଥ କରିଅଛନ୍ତି । ସମ୍ବଲପୁର ଜିଲ୍ଲା ଓ ସହରରେ ଯେଉଁ ପ୍ରମୁଖ ସୌଖୀନ ନାଟ୍ୟାନୁଷ୍ଠାନ ରହିଛି ତା'ର ଇତିହାସ ନିମ୍ନରେ ପ୍ରଦାନ କରାଗଲା ।

## (୧) ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ (ନନ୍ଦପଡ଼ା, ସମ୍ବଲପୁର)

ସମ୍ବଲପୁର ଟାଉନର ନନ୍ଦପଡ଼ା ହେଉଛି ବହୁ ପୁରାତନ ବସ୍ତି । ଏହି ନନ୍ଦପଡ଼ାଠାରେ ବହୁ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ । ସ୍ୱାଧୀନତା ପରବର୍ତ୍ତୀ ସମୟରେ ନନ୍ଦପଡ଼ାର କେତେକ ଉତ୍ସାହୀ ନାଟ୍ୟପ୍ରେମୀ ଯୁବକମାନଙ୍କ ଦ୍ୱାରା ୧୯୬୪ ମସିହାରେ 'ପଣ୍ଡିତ ଲକ୍ଷ୍ମୀନାରାୟଣ ସାଂସ୍କୃତିକ ସଂସଦ' ନାମକ ଏକ ସୌଖୀନ ନାଟ୍ୟାନୁଷ୍ଠାନ ସୃଷ୍ଟି ହୋଇଥିଲା । ସମାଜସେବା, ସାମାଜିକ ଚେତନା, ନାଟ୍ୟକଳା, ନୃତ୍ୟକଳା ତଥା ସଙ୍ଗୀତ ପ୍ରତି ଆଗ୍ରହ ସୃଷ୍ଟି କରିବାର ଉଦ୍ଦେଶ୍ୟ ନେଇ ଏଇ ନାଟ୍ୟାନୁଷ୍ଠାନଟି ଗଢ଼ି ଉଠିଥିଲା । 'ଝରାବଉଳ' ନାଟକ ହେଉଛି ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ । ଏଇ ନାଟକର ନାଟ୍ୟକାର ଶ୍ରୀ ବସନ୍ତ କୁମାର ପାଣିଗ୍ରାହୀ ଏବଂ ନିର୍ଦ୍ଦେଶକ ଶ୍ରୀ ପ୍ରଦୀପ କୁମାର ମହାନ୍ତି । ଏହି ନାଟ୍ୟ ସଂସଦର ନିଜସ୍ୱ ରଙ୍ଗମଂଚ 'ଚିତ୍ରୋତ୍ପଳା ରଙ୍ଗମଂଚ' ରେ ପ୍ରତିବର୍ଷ 'ନୂଆଖାଇ' ଉତ୍ସବ ଅବସରରେ ନାଟକ ମଂଚସ୍ଥ ହୋଇଥାଏ । ଏଇ ନାଟ୍ୟାନୁଷ୍ଠାନ ଦ୍ୱାରା ବହୁ ନାଟକ ଏପର୍ଯ୍ୟନ୍ତ ମଞ୍ଚସ୍ଥ ହୋଇସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଉଛି – 'ପଳାତକ', 'ଅମାବାସ୍ୟାର ଚନ୍ଦ୍ରହୀନ ଆକାଶ', 'କୁମୁନା ଭିତିରେ ଡ଼େଁଡ଼ୁ', 'ଦଦରା ଦର୍ପନ', 'ଝରା ବଉଳ', 'ରାମଦାସ ତୁମେ ହାରିଗଲ', 'ରାଜମୁକୁଟ', 'ମୋର ବା ଦୋଷ କଣ', 'ଉଡ଼ିଲା ପତର ବୁଡ଼ିଲା ଡଙ୍ଗା', 'ଛୁଟୀ', 'ଭାଗ୍', 'ବବା', 'ଜିତ୍' 'ଭରଷା' ସମେତ ଆହୁରି ବହୁ ନାଟକ । ଏହି ନାଟ୍ୟାନୁଷ୍ଠାନଟି ସମ୍ବଲପୁରୀ, ଓଡ଼ିଆ, ହିନ୍ଦୀ ପ୍ରଭୃତି ଭାଷାର ନାଟକ ମଞ୍ଚସ୍ଥ କରିଥାଏ ।

## (୨) ଚେତନା ସାଂସ୍କୃତିକ ନାଟ୍ୟାନୁଷ୍ଠାନ (ସମ୍ବଲପୁର)

ସମ୍ବଲପୁର ସହରର ଧନୁପାଲି ଛକ ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତିପ୍ରେମୀ ଯୁବକମାନଙ୍କ ଦ୍ୱାରା ୧୯୬୮ ମସିହାରେ 'ଚେତନା ସାଂସ୍କୃତିକ ନାଟ୍ୟାନୁଷ୍ଠାନ' ଗଢ଼ି ଉଠିଥିଲା । ନିଜ ଅଞ୍ଚଳର କଳା, ସାହିତ୍ୟ ଓ ସଂସ୍କୃତିର ଉନ୍ନତି ପାଇଁ ଏଇ ନାଟ୍ୟସଂସଦ ଗଢ଼ିଉଠିଥିଲା । 'ବିଜୟଟୀକା' ନାଟକ ଧନୁପାଲି ଛକଠାରେ ଏକ ଅସ୍ଥାୟୀ ମଞ୍ଚରେ ମଞ୍ଚସ୍ଥ । ଯାହାକି ଏହି ନାଟ୍ୟସଂସ୍ଥାର ପ୍ରଥମ ମଞ୍ଚସ୍ଥ ନାଟକ । ଏହି ନାଟକର ନାଟ୍ୟକାର ଡ. ଦ୍ୱାରିକାନାଥ ନାୟକ ଓ ନିର୍ଦ୍ଦେଶକ ସ୍ୱର୍ଗତ ରାଜେନ୍ଦ୍ର ପଣ୍ଡା । ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାର ନାଟକଗୁଡ଼ିକ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ । ଅର୍ଦ୍ଧଶତାଧିକ ନାଟକ ଏହି ଅନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ମଞ୍ଚସ୍ଥ ହୋଇସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା– ପ୍ରମୋଦ କୁମାର ତ୍ରିପାଠୀଙ୍କ– 'ଅମାବାସ୍ୟାର ଅନ୍ଧକାର', 'ଯନ୍ତ୍ରଣାର ସ୍ୱର', 'ସନ୍ନ୍ୟାସୀ', 'କଳାପୁରୁଷ', 'ଝଡ଼ ଓ ହାରି ଯାଇଥିବା

କେତୋଟି ଯାତ୍ରୀ' (ଏହି ନାଟକଗୁଡ଼ିକ ୧୯୭୨ ରୁ ୧୯୭୮ ମଧ୍ୟରେ ମଂଚସ୍ଥ), କ୍ଷୀତିଶ ପୁରୋହିତଙ୍କ 'ଛଅନଅ ସାତନଅ' (୧୯୭୯), ବିଜେନ୍ଦ୍ର ନାୟକଙ୍କ 'ନିଆଁ', 'ଉଲଟା ପୁରଥୀ', ଦ୍ୱାରିକାନାଥ ନାୟକଙ୍କ 'ସମ୍ବର୍ଦ୍ଧନା', 'ବିଜୟଟୀକା', ପ୍ରଶାନ୍ତ ମାଝୀଙ୍କ 'ସରଗ ନରକ', 'କାଲ୍', 'ରାମ ରାଏଜ୍', 'ସତ୍ୟମେବ ଜୟତେ', 'ରାମଦାସର କଥାନି' ଇତ୍ୟାଦି । ଏତଦ୍ ବ୍ୟତୀତ ଆହୁରି କିଛି ନାଟକ ରହିଛି, ଯଥା- 'ଗୋଟିଏ ଦିନର ଖବର ନୁହେଁ', 'ଆଦର୍ଶ ବିବାହ ଉପଖ୍ୟାନ', 'ଗୁଟେ ଗଛର ଡ଼ାହି', 'ସୁରେନ୍ଦ୍ର ସାଏର ମେଛା', 'ଛୋଟ ଛୋଟ କଥା', 'ବାପ ପୁଅ ବନାମ ବାପ ପୁଅ', 'ମୁଖା', 'କାହାକେ କହିବେ' ଇତ୍ୟାଦି । ଏଇସବୁ ନାଟକ ଓଡ଼ିଶାର ସମସ୍ତ ପ୍ରମୁଖ ସହରରେ ଥିବା ରଙ୍ଗମଂଚରେ ମଂଚସ୍ଥ ହୋଇସାରିଛି ।

### (୩) ସମ୍ବଲପୁର କଳାକେନ୍ଦ୍ର (ସମ୍ବଲପୁର) :

ସମ୍ବଲପୁର ଜିଲ୍ଲାର ଅନ୍ୟତମ ସୌଖୀନ ନାଟ୍ୟାନୁଷ୍ଠାନ ହେଉଛି 'ସମ୍ବଲପୁର କଳାକେନ୍ଦ୍ର' । ଏହା ୧୯୭୭ ମସିହାରେ ସଂଗଠନ ଗଠିତ ହୋଇଥିଲା, କିନ୍ତୁ ୧୯୭୮ ମସିହା ନଭେମ୍ବର ମାସ ୨୦ ତାରିଖରେ ଆନୁଷ୍ଠାନିକ ଭାବେ ପ୍ରତିଷ୍ଠିତ କରାଗଲା । ଏହାର ପ୍ରତିଷ୍ଠାତା ହେଉଛନ୍ତି ନାଟ୍ୟଶ୍ରୀ ବିପିନ ବିହାରୀ ଦାସ । ବିଶ୍ୱ ଦରବାରରେ ପଶ୍ଚିମ ଓଡ଼ିଶାର ଲୋକନାଟ୍ୟ, ସମ୍ବଲପୁରୀ ଲୋକନୃତ୍ୟ ତଥା ସମ୍ବଲପୁରୀ ଲୋକଗୀତକୁ ପରିଚିତ କରିବା ସଙ୍ଗେ ସଙ୍ଗେ ଏହାର ବହୁଳ ପ୍ରଚାର ଓ ପ୍ରସାର କରିବା ଏକମାତ୍ର ଉଦ୍ଦେଶ୍ୟ ନେଇ ଏହି ନାଟ୍ୟାନୁଷ୍ଠାନ ଗଢ଼ି ଉଠିଥିଲା । ଏହି ଅନୁଷ୍ଠାନ ତରଫରୁ ସର୍ବପ୍ରଥମେ ନାଟ୍ୟଶ୍ରୀ ବିପିନ ବିହାରୀ ଦାସଙ୍କ ଦ୍ୱାରା ରଚିତ ତଥା ନିର୍ଦ୍ଦେଶିତ ପ୍ରଥମ ହିନ୍ଦୀ ନାଟକ 'ସୁରଜ ନିକଲନେ ସେ ପେହେଲେ' ଯାହାକି ୧୯୮୪ ମସିହାରେ 'ପ୍ରୟାଗ ସଂଗୀତ ସମିତି' ପ୍ରେକ୍ଷାଳୟଠାରେ ପ୍ରଦର୍ଶିତ ହୋଇଥିଲା । ଓଡ଼ିଆ, ସମ୍ବଲପୁରୀ ତଥା ହିନ୍ଦୀ ଭାଷାରେ ରଚିତ ନାଟକଗୁଡ଼ିକ ଏହି ଅନୁଷ୍ଠାନ ମଂଚସ୍ଥ କରିଥାଏ । ଏହି ସଂସ୍ଥା ଦ୍ୱାରା ମଞ୍ଚସ୍ଥ ନାଟକଗୁଡ଼ିକ ମଧ୍ୟରୁ କେତେଗୁଡ଼ିଏ ପ୍ରମୁଖ ନାଟକ ହେଲା-

- **ସମ୍ବଲପୁରୀ ନାଟକ :**

'ଖେଜୁରକଣ୍ଟା', 'ବାଟେଘାଟେ', 'କାଏଁରେ ଘାଏଁ', 'ଆଏ ଗୋ', 'ଖଦିଆ ଖୁଲିଗଲା', 'ଅଭିଶପ୍ତ ଇଲାକା', 'କୁଇଲୀ', 'ଘୁବୁକୁଡୁ', 'ଚିତା', 'ଡ଼ିଆଁ', 'ବାଉରୀ', 'ଡ଼ାଙ୍ଗଗୁଡ଼ା', 'ଆମେ ନାଟକ ନାଇଁ କରୁଁ', 'ବେକାରୀ', 'ରିହେରସେଲ ଚାଲିଛେ', 'ଝୁଁଟି', 'ଶ୍ମଶାନ', 'ସରମଙ୍ଗଲା', 'ସମାଧି', 'ସମସ୍ୟା', 'ସତ୍ୟମେବଜୟତେ', 'ଗାଦି' ଇତ୍ୟାଦି ନାଟକ ।

- **ଓଡ଼ିଆ ନାଟକ :**

'ପରିବର୍ତ୍ତନ', 'ଆପଣ ଦେଖୁଛନ୍ତି ତ', 'ତଥାପି', 'ଗୋଟିଏ ଅଙ୍କର ଗୋଟିଏ ଦୃଶ୍ୟ', 'ଭୂମିକମ୍ପ', 'ମନ ହଜିଛି, 'କୁକୁର ପ୍ରତି ସାବଧାନ', 'ସୂର୍ଯ୍ୟୋଦୟ ପୂର୍ବରୁ', 'ସମ୍ପର୍କ ଏକ ଅପରିଚିତାର', 'ମାଙ୍କଡ଼ ହାତେ ଶାଳଗ୍ରାମ', 'ସମାଜ ସେବା', 'ଯାହାର ଯେମନ୍ତ ସ୍ୱଭାବ' ଇତ୍ୟାଦି ନାଟକ ।

- **ହିନ୍ଦୀ ନାଟକ :**

'ପ୍ୟାସି ନଦୀକି ବହତି ଧାରେଁ', 'ଫିର୍ ଭି', 'ସୁରଜ ନିକଲନେ ସେ ପେହେଲେ', 'କୋଠା', 'ଜୀନ୍ଦଗୀ ଜିନ୍ଦା ଦିଲୀ କା ନାମ୍ ହେ', 'ଦୁର୍ଗା', 'ଶରାବି କହିଁକା', 'ହମ ନାଟକ ନହିଁ କରେଙ୍ଗେ', 'ମହାସଂଗ୍ରାମ', 'ସନ୍ଦେଶ', 'ସଂକେତ', 'ସୱାଲ ହମାରେ ଜବାବ ଆପକେ' ଇତ୍ୟାଦି ନାଟକ ।

### (୪) ସୃଷ୍ଟି (ସମ୍ବଲପୁର)

ସମ୍ବଲପୁର ସହର ହେଉଛି ନାଟ୍ୟାନୁଷ୍ଠାନର ଏକ ହବ୍ । ଏଇ ସହରରେ ବହୁ ନାଟ୍ୟାନୁଷ୍ଠାନ ରହିଛି, ସେଥିମଧ୍ୟରୁ ଅନ୍ୟତମ ସଫଳ ନାଟ୍ୟାନୁଷ୍ଠାନ ହେଉଛି 'ସୃଷ୍ଟି' । ୧୯୮୧ ମସିହା 'ସୃଷ୍ଟି' ନାଟ୍ୟାନୁଷ୍ଠାନ ଗଢ଼ି ଉଠିଥିଲା । ଏହାର ସଭାପତି ଡ. ଶ୍ୟାମସୁନ୍ଦର ଧର ଓ ସମ୍ପାଦକ ଡ. ଦ୍ୱାରିକାନାଥ ନାୟକ । ଏହି ଦୁଇଜଣ ଓ କିଛି ନାଟ୍ୟପ୍ରେମୀ ଯୁବକଙ୍କ ମିଳିତ ଉଦ୍ୟମରେ 'ସୃଷ୍ଟି' ନାଟ୍ୟାନୁଷ୍ଠାନର ଜନ୍ମ । ଏହି ଅନୁଷ୍ଠାନ ଗଢ଼ିଉଠିବାର ମୁଖ୍ୟ ଉଦ୍ଦେଶ୍ୟ ସମ୍ବଲପୁର ନାଟ୍ୟକଳାର ବିକାଶ କରିବା ଥିଲା । ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ପ୍ରଥମ ମଞ୍ଚସ୍ଥ ନାଟକ 'ମାଂସର ଫୁଲ' ଯାହା ସମ୍ବଲପୁର କାଳିବାଡ଼ି ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା । ଓଡିଆ ଓ ସମ୍ବଲପୁରୀ ଭାଷାରେ ରଚିତ ନାଟକମାନ ଏହି ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ହୋଇଥାଏ । 'ସୃଷ୍ଟି' ନାଟ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ୧୨ ଗୋଟି ନାଟକ ମଞ୍ଚସ୍ଥ କରିସାରିଛି । ସେଥି ମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ମାଂସର ଫୁଲ' (୧୯୮୧-କାଳିବାଡ଼ି ରଙ୍ଗମଂଚ ସମ୍ବଲପୁର), 'ଖେଲ୍ ବାଲା' (୧୯୮୩ – ହିଣ୍ଡାଲ୍‌କୋ କ୍ଲବ, ହୀରାକୁଦ), 'ଉଖ୍' (୧୯୮୧-ସଭିକ୍ ସେଣ୍ଟର ରାଉରକେଲା, ଏହି ନାଟକ ୨ ଥର ମଞ୍ଚସ୍ଥ) , 'ଭୁଖା'

(୧୯୮୩- ସଭିକ୍ ସେଣ୍ଟର ରାଉରକେଲା, ଏହା ୨ ଥର ମଞ୍ଚସ୍ଥ), 'ଭୂତି' (୧୯୮୫- ସଭିକ୍ ସେଣ୍ଟର୍ ରାଉରକେଲା), 'ବେଗମ୍' (୧୯୮୯- ଗଙ୍ଗାଧର ମଣ୍ଡପ, ସମ୍ବଲପୁର), 'ସୁନ୍ଦର ସାଏ' (୧୯୯୦ – ଗଙ୍ଗାଧର ମଣ୍ଡପ, ସମ୍ବଲପୁର), 'ବୃତ୍ତି' (୧୯୯୨- ଗଙ୍ଗାଧର ମଣ୍ଡପ ସମ୍ବଲପୁର), 'ବାଞ୍ଝାର ବାଏଁର' (୧୯୯୩ – ଗଙ୍ଗାଧର ମଣ୍ଡପ, ସମ୍ବଲପୁର), 'ମନ ଖୋଜୁଥାଏ ଯାହା' (୧୯୯୪- ଗଙ୍ଗାଧର ମଣ୍ଡପ, ସମ୍ବଲପୁର) ଇତ୍ୟାଦି ନାଟକ ମଞ୍ଚସ୍ଥ । ବର୍ତ୍ତମାନ ଏହି ନାଟ୍ୟାନୁଷ୍ଠାନଟି ସକ୍ରିୟ ନୁହେଁ ।

## (୫) କଖଗ (ସମ୍ବଲପୁର) :

ସମ୍ବଲପୁର ତଥା ଓଡ଼ିଶାର ଅନ୍ୟତମ ପ୍ରସିଦ୍ଧ ଏବଂ ସଫଳ ନାଟ୍ୟାନୁଷ୍ଠାନ ହେଉଛି 'କଖଗ' । ୧୯୮୨ ମସିହାରେ ନାଟ୍ୟକାର ବ୍ରଜେନ୍ଦ୍ର ନାୟକ ଏବଂ ତାଙ୍କର କେତେକ ସମଭାବପୂର୍ଣ୍ଣ ନାଟ୍ୟପ୍ରେମୀ ବନ୍ଧୁମାନଙ୍କ ମିଳିତ ଉଦ୍ୟମରେ ଏହି ନାଟ୍ୟାନୁଷ୍ଠାନଟି ସୃଷ୍ଟି ହୋଇଥିଲା । ଏହି ନାଟ୍ୟ ସଂସଦ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ଉଲଟା ପୁରଥୀ', ଯାହା ୧୯୮୪ ମସିହା ସମ୍ବଲପୁରର ଆରଣ୍ୟକ ମଞ୍ଚରେ ପ୍ରଦର୍ଶିତ ହୋଇଥିଲା । ଏହି ନାଟକର ନାଟ୍ୟକାର ହେଉଛନ୍ତି ବ୍ରଜେନ୍ଦ୍ର ନାୟକ ଓ ନିର୍ଦ୍ଦେଶକ ସ୍ୱର୍ଗତ ଦିଲୀପ କୁମାର ପଣ୍ଡା । ମୁଖ୍ୟତଃ ସମ୍ବଲପୁରୀ, ଓଡ଼ିଆ ଏବଂ ହିନ୍ଦୀ ଭାଷାର ନାଟକଗୁଡ଼ିକ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ । ଏ ପର୍ଯ୍ୟନ୍ତ ପ୍ରାୟ ୩୦-୩୨ ଟି ନାଟକ ଏହି ଅନୁଷ୍ଠାନ ମଞ୍ଚସ୍ଥ କରିସାରିଛି । ଏହି ନାଟକଗୁଡ଼ିକ ଓଡ଼ିଶାର ତଥା ଓଡ଼ିଶା ବାହାରର ପ୍ରମୁଖ ସହରରେ ଥିବା ରଙ୍ଗମଞ୍ଚରେ ବିଭିନ୍ନ ସମୟରେ ମଞ୍ଚସ୍ଥ ହୋଇଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା – 'ଉଲଟା ପୁରଥୀ', 'ବୁରତି', 'ମୁନା', 'ନିଆଁ', 'ସନ୍ଧାନୀ', 'ଏନ୍ତା ଏନ୍ତା କଥା', 'ସରଗ କେ ସିଡ଼ି', 'ମାଙ୍କଡ଼ କାଏ କାଙ୍କଡ଼ କଷି', 'ଭାଲୁ ନାଟ କରେ ବଜାଇ ବାଜା', 'ଉଲଟ ପାଲଟ', 'କର୍ଣ୍ଣଧାର', 'ଭାଗଶେଷ', 'ବାତ୍ କୁଛ ଏସି ହେ' (ହିନ୍ଦୀ), 'ଖୋଜ', 'ମାନସ୍', 'ବେଲ୍ ଥାଉଁ ଥାଉଁ', 'ମହା ମୁସ୍କିଲ୍', 'ତୁମର ଆମର କଥା', 'ସିଦ୍ଧାର୍ଥ', 'ପରୀ', 'ଯାହା ତୁମର ଇଚ୍ଛା', 'ଘାତ୍', 'ଦିବାସପନ', 'ଭଲ୍ ଭଲ୍ ତ', 'ଚୋର', 'ଲହଡ଼ି', 'ଦେଖ ଭାଇ ଦେଖ', 'ଏକଲବ୍ୟ', 'ଚେହେରା', 'ସମ୍ବେଦନା', ପାଗଳ ହେଇଯିବ' ପ୍ରଭୃତି ନାଟକ ମଞ୍ଚସ୍ଥ ହୋଇସାରିଛି ।

## (୬) ସୃଜନୀ (ସମ୍ବଲପୁର) :

ଓଡ଼ିଶା ତଥା ଓଡ଼ିଶା ବାହାରେ ସୁନାମ ଅର୍ଜନ କରିଥିବା ସମ୍ବଲପୁରର ଅନ୍ୟତମ ପ୍ରମୁଖ ନାଟ୍ୟାନୁଷ୍ଠାନ ହେଉଛି 'ସୃଜନୀ' । ୧୯୮୪ ମସିହାରେ ନାଟ୍ୟଶ୍ରୀ ପଞ୍ଚାନନ ମିଶ୍ରଙ୍କ ଉଦ୍ୟମରେ ଏହି ସଂସ୍ଥାଟି ଗଢ଼ି ଉଠିଥିଲା । ସ୍ଥାନୀୟ ଅଞ୍ଚଳର ସାମାଜିକ ଚିତ୍ରକୁ ନାଟକ ମାଧ୍ୟମରେ ଲୋକଲୋଚନକୁ ଆଣିବା ହେଉଛି ଏହି ନାଟ୍ୟାନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ । 'ବବା ଉଲ୍ଟି ଦେଲେ' ନାଟକ ଏହି ନାଟ୍ୟାନୁଷ୍ଠାନର ପ୍ରଥମ ମଞ୍ଚସ୍ଥ ନାଟକ । ଯାହା ୧୯୮୪ ମସିହାରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର ରଙ୍ଗମଞ୍ଚରେ ମଞ୍ଚସ୍ଥ । ଏହି ନାଟକର ଲେଖକ ଓ ନିର୍ଦ୍ଦେଶକ ହେଉଛନ୍ତି ନାଟ୍ୟଶ୍ରୀ ପଞ୍ଚାନନ ମିଶ୍ର । ମୁଖ୍ୟତଃ ଓଡ଼ିଆ, ସମ୍ବଲପୁରୀ, ହିନ୍ଦୀ ଭାଷାର ନାଟକଗୁଡ଼ିକ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଅଭିନୀତ ହୋଇଥାଏ । ଏହି ନାଟ୍ୟସଂସ୍ଥା ଏ ପର୍ଯ୍ୟନ୍ତ ୩୨ଟି ନାଟକ ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ କରିସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ବବା ଉଲ୍ଟି ଦେଲେ' (୧୯୮୪ – ସମ୍ବଲପୁର ବିଶ୍ୱବିଦ୍ୟାଳୟ ରଙ୍ଗମଞ୍ଚ), 'ସମୁଦ୍ର' (୧୯୮୪ - ଟାଟା), 'ସମ୍ଭବତଃ' (୧୯୮୭- ଆଲ୍ଲାବାଦ), 'ସତ୍ୟ ଅସତ୍ୟ' (୧୯୮୮ – ଭିଲାଇ, ଟାଟା, ବାରଣାସୀ, ଆହ୍ଲାବାଦ) 'ସମୁଦ୍ର' (୧୯୮୮- ବାରଣାସୀ'), 'ସରୀସୃପ' (୧୯୮୮ – ବାଲେଶ୍ୱର, ୧୯୮୯-ଦେବଗଡ଼), 'ସଂଗ୍ରାମ' (୧୯୮୮- ଆହ୍ଲାବାଦ), 'ସର୍ବନିତମ୍ ପରିତେଜ୍ୟ ଦୁର୍ନୀତି ସରଣଂ ବ୍ରଜ' (୧୯୮୯-ଟାଟା, ୧୯୯୦-ଦିଲ୍ଲୀ), 'ସମାଧାନ' (୧୯୮୯), 'ବାଣହରଣ' (୧୯୯୦ - ଅହ୍ଲାବାଦ), 'କୁର୍ସି' (୧୯୯୦), 'ଫଟା ମାଟି ସୁଖା ଆକାଶ' (୧୯୯୨- ଆହ୍ଲାବାଦ), 'ଶକୁନ୍ତଳା' (୧୯୯୩), 'ଢ଼ନ୍ ନନ୍ ନନ୍ ଠନ୍' (୨୦୦୩), 'ସିର୍ଜନାଥ' (୨୦୦୮- ଆହ୍ଲାବାଦ), 'ଭୁଲ୍ ମୋର କାଣା ହେଲା' (୨୦୧୦), 'ଉଧାର' (୨୦୧୦ - ଆହ୍ଲାବାଦ), 'ସଂପର୍କ', 'ହୀରାଖଣ୍ଡର ଅଭିଶପ୍ତ ହୀରା', 'ସଂଘର୍ଷ', 'ସଦ୍‌ଗତି', 'ଘୁଡ଼ା ଖଡ଼ବଡ଼ ଖଡ଼ବଡ଼' (ବାଲେଶ୍ୱର, କଟକ) ଇତ୍ୟାଦି ପ୍ରମୁଖ ନାଟକ ।

## (୭) ଜିଜିଭିସା (ସମ୍ବଲପୁର) :

ସମ୍ବଲପୁର ସହରର ଅନ୍ୟତମ ପ୍ରସିଦ୍ଧ ନାଟ୍ୟାନୁଷ୍ଠାନ ହେଉଛି 'ଜିଜିଭିସା' । ୧୯୮୫ ମସିହାରେ ଏହି ସଂସ୍ଥାଟି ଗଢ଼ି ଉଠିଥିଲା । ଏହି ନାଟ୍ୟାନୁଷ୍ଠାନର ସଭାପତି ଶ୍ରୀବଲ୍ଲଭ ପାଣିଗ୍ରାହୀ,

ସମ୍ପାଦକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ । ସାମାଜିକ ଓ ସାଂସ୍କୃତିକ ବିକାଶ ଧାରା ସହ ନାଟ୍ୟଧାରର ବିକାଶର ଉଦ୍ଦେଶ୍ୟ ନେଇ ଏହି ନାଟ୍ୟାନୁଷ୍ଠାନର ସୃଷ୍ଟି । ୨୦୦୯ ମସିହାରେ 'ବୁଢ଼ି' ନାଟକ ସମ୍ବଲପୁର ଆରଣ୍ୟକ ମଞ୍ଚରେ ମଞ୍ଚସ୍ଥ, ଯାହାକି ଏହି ନାଟ୍ୟ ସଂସଦର ପ୍ରଥମ ମଞ୍ଚସ୍ଥ ନାଟକ । 'ବୁଢ଼ି' ନାଟକର ଲେଖକ ଦେବେନ ପଟେଲ, ନିର୍ଦ୍ଦେଶକ ମାହେଶ୍ୱରୀ ପ୍ରସାଦ ପାଣିଗ୍ରାହୀ । ଏହି ନାଟ୍ୟସଂସଦ ମୁଖ୍ୟତଃ ସମ୍ବଲପୁରୀ ଭାଷାରେ ରଚିତ ନାଟକଗୁଡ଼ିକୁ ମଞ୍ଚସ୍ଥ କରିଅଛି । ଆରଣ୍ୟକ ମଞ୍ଚ ସମ୍ବଲପୁର, ରବୀନ୍ଦ୍ର ମଣ୍ଡପ ଭୁବନେଶ୍ୱର, ହିଣ୍ଡାଲ୍‌କୋ କ୍ଲବ ହୀରାକୁଦ, ଅମ୍ବାଭନା, ବରପାଲି, ବରଗଡ଼ ପ୍ରଭୃତି ସ୍ଥାନରେ ଏହି ଅନୁଷ୍ଠାନ ନିଜର ନାଟକଗୁଡ଼ିକୁ ମଞ୍ଚସ୍ଥ କରିସାରିଛି । ଏଇ ନାଟ୍ୟାନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୧୦ଟି ନାଟକ ମଞ୍ଚସ୍ଥ ହୋଇସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା- 'ବୁଢ଼ୀ' (୨୦୦୯, ଦୁଇଥର ମଞ୍ଚସ୍ଥ), 'ଜୁଏ କୁହୁଲୁଛେ' (୨୦୧୦, ୬ ଥର ମଞ୍ଚସ୍ଥ), 'ମାମୁଁ ଆଏବେ' (୨୦୧୧ – ୨ଥର ମଞ୍ଚସ୍ଥ), 'ସମିଆର ଡ଼ାକ' (୨୦୦୩), 'ଜୀବନ' (୨୦୧୫, ୨୦୧୬), 'ସତ୍ୟମେବ ଜୟତେ' (୨୦୧୪), 'ଗୁରୁ' (୨୦୧୮), 'ଏନ୍ତା କଥା' (୨୦୧୮) ପ୍ରଭୃତି ।

## (୮) ସ୍ୱର (ସମ୍ବଲପୁର) :

ସମ୍ବଲପୁରର ଅନ୍ୟତମ ପ୍ରସିଦ୍ଧ, ସକ୍ରିୟ ନାଟ୍ୟାନୁଷ୍ଠାନ ହେଉଛି 'ସ୍ୱର' ଯିଏକି ଓଡ଼ିଶା ତଥା ଓଡ଼ିଶା ବାହାରେ ସବୁଠାରୁ ବେଶୀ ଲୋକପ୍ରିୟତା ହାସଲ କରିଛି । ସ୍ୱର୍ଗତ ନାଟ୍ୟଶ୍ରୀ ପଞ୍ଚାନନ ମିଶ୍ରଙ୍କ ପ୍ରଚେଷ୍ଟା ଓ ଉଦ୍ୟମରେ ଏହି 'ସ୍ୱର' ନାଟ୍ୟାନୁଷ୍ଠାନ ପ୍ରତିଷ୍ଠା ଲାଭ କରିଥିଲା । ସମ୍ବଲପୁରୀ ନାଟ୍ୟର ବିକାଶ ତଥା ଜନାଦୃତ କରିବାର ଉଦ୍ଦେଶ୍ୟ ନେଇ ଏହି ନାଟ୍ୟ ସଂସ୍ଥାଟି ଗଢ଼ି ଉଠିଥିଲା । ଏହି ନାଟ୍ୟ ସଂସ୍ଥାର ପ୍ରଥମ ମଞ୍ଚସ୍ଥ ନାଟକ 'ସସେମୀରା' । ଏହି ନାଟକର ନାଟ୍ୟକାର ହେଉଛନ୍ତି ପ୍ରସନ୍ନ କୁମାର ସାହୁ ଓ ନିର୍ଦ୍ଦେଶକ ପଞ୍ଚାନନ ମିଶ୍ର । 'ସସେମୀରା' ନାଟକ ୧୯୯୧ ମସିହାରେ ଆହ୍ଲାବାଦଠାରେ ମଞ୍ଚସ୍ଥ ହୋଇଥିଲା । ଏହି ନାଟ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ୮୦ଟି ନାଟକକୁ ୫୦୦ ଥର ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ କରିସାରିଛି । ସମ୍ବଲପୁରୀ, ଓଡ଼ିଆ, ହିନ୍ଦୀ, ସଂସ୍କୃତି, ଇଂରାଜୀ ପ୍ରଭୃତି ଭାଷାର ରଚିତ ନାଟକଗୁଡ଼ିକୁ ଏହି ସଂସ୍ଥା ମଞ୍ଚସ୍ଥ କରିଥାଏ । 'ସସେମୀରା' (୧୯୯୧), 'ବିଶ୍ୱଶତାବ୍ଦୀ' (୧୯୯୧), 'ସ୍ୱର' (୧୯୯୧)', 'ଶାନ୍ତି ପକ୍ଷୀ' (୧୯୯୨), 'ବିଚ୍ଛେଦ' (୧୯୯୩), 'ମୋକ୍ଷ' (୧୯୯୪), 'କୁଶବିଦ୍ଧ' (୧୯୯୫), 'କାହାକୁ କହିବି' (୧୯୯୬), 'ରୂପାନ୍ତର' (୧୯୯୭), 'ପିଣ୍ଡଦାନ' (୧୯୯୮), 'ଢ଼େଉ' (୧୯୯୯), 'ହରି ମାର୍କ୍ସେଙ୍କ ଭୂତ' (୨୦୦୦), 'କାଳ ବୈଶାଖି' (୨୦୦୧), 'ସତ କହିବାକୁ କିଆଁ ଡ଼ରିବ' (୨୦୦୨), 'ଲେଡ଼ିସ ହଷ୍ଟେଲ' (୨୦୦୩), 'ପ୍ରବନ୍ଧ' (୨୦୦୪), 'କଳାକାରର ଚିତ୍ରଲିପି' (୨୦୦୫), 'ସୂର୍ଯ୍ୟାସ୍ତ ପରେ' (୨୦୦୬), 'ପ୍ରତିବିମ୍ବ' (୨୦୧୧), 'ପ୍ରଶ୍ନବାଚୀ' (୨୦୧୩, ୨୦୧୫), 'କଥାନୀ' (୨୦୧୫), 'ଦଣ୍ଡୁଆ' (୨୦୧୫, ୨୦୧୮), 'ସଭ୍ୟ ଅସଭ୍ୟ' (୨୦୧୬), 'ତାମସା' (୨୦୧୭), 'କାରୁବାକି' (୨୦୧୭), 'ଆହ୍ୱାନ' (୨୦୧୯), 'ଶକୁନି' (୨୦୧୯), 'ମହାଯାତ୍ରା' (୨୦୨୧) ଇତ୍ୟାଦି ନାଟକଗୁଡ଼ିକ ଏହି ନାଟ୍ୟାନୁଷ୍ଠାନ ମଞ୍ଚସ୍ଥ କରିସାରିଛି ।

## (୯) ଜନନାଟ୍ୟମଞ୍ଚ(ସମ୍ବଲପୁର) :

ସମ୍ବଲପୁର ସହରର ଅନ୍ୟତମ ଲୋକପ୍ରିୟ ଓ ପ୍ରସିଦ୍ଧ ନାଟ୍ୟାନୁଷ୍ଠାନ ହେଉଛି 'ଜନନାଟ୍ୟମଂଚ' । ଧନୁପାଲିର କେତେକ ଉତ୍ସାହୀ ନାଟ୍ୟପ୍ରେମୀମାନଙ୍କ ଦ୍ୱାରା ୧୯୯୨ ଜାନୁଆରୀ ୨ ତାରିଖରେ ଏହି ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା । ବିଶିଷ୍ଟ ନାଟ୍ୟ ନିର୍ଦ୍ଦେଶକ ତଥା ପଥପ୍ରାନ୍ତ ନାଟକରେ ଇତିହାସ ସୃଷ୍ଟି କରିଥିବା ସ୍ୱର୍ଗତ ସଫଦର ହାସମିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଏହି ସଂସ୍ଥା ଗଢ଼ିଉଠିଥିଲା । ଏହି ନାଟ୍ୟାନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ନାଟକ ମାଧ୍ୟମରେ ସମାଜ ସଚେତନତା ସୃଷ୍ଟି କରିବା । ଏହି ନାଟ୍ୟସଂସ୍ଥା ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ଫଟା କରମ' ଯାହା କେନ୍ଦୁଝର ନାଟକ ପ୍ରତିଯୋଗିତାରେ ପ୍ରଥମେ ମଞ୍ଚସ୍ଥ ହୋଇଥିଲା । ଏହି ନାଟକର ଲେଖକ ଓ ନିର୍ଦ୍ଦେଶକ ହେଉଛନ୍ତି ଶ୍ରୀ ସରୋଜ ଦାଶ । ଏହି ନାଟ୍ୟ ସଂସଦ ଦ୍ୱାରା ଏ ପର୍ଯ୍ୟନ୍ତ ୧୪ଟି ନାଟକ ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ରଙ୍ଗମଞ୍ଚ ହେଲା- ଆରଣ୍ୟକ ମଞ୍ଚ ସମ୍ବଲପୁର, ସୌଖିନ ରଙ୍ଗମଞ୍ଚ ବରଗଡ଼, ହିଣ୍ଡାଲକୋ କ୍ଲବ ହୀରାକୁଦ, ସଭିକ୍ ସେଣ୍ଟର ରାଉରକେଲା, କେନ୍ଦୁଝର, କଟକ, ଦେବଗଡ଼, ଦାମନଯୋଡ଼ି (କୋରାପୁଟ), ପାଟଣା (ବିହାର), ଆହ୍ଲାବାଦ (ଉତ୍ତର ପ୍ରଦେଶ) ପ୍ରଭୃତି ସ୍ଥାନରେ ଥିବା ରଙ୍ଗମଞ୍ଚ । ଏହି ନାଟ୍ୟାନୁଷ୍ଠାନ ମୁଖ୍ୟତଃ ସମ୍ବଲପୁରୀ ଭାଷାର ନାଟକ ମଞ୍ଚସ୍ଥ କରିଥାଏ । ସରୋଜ ଦାଶଙ୍କ 'ଫଟାକରମ୍', 'ଠୁଁଟି', 'ଅକାଳ', 'ସୁରୁକ୍ଷି', 'ଡ଼ାହି', 'ଅନ୍

ମୁଁନସିଆ', 'ଆଇନା କାହାର ଲାଗି', 'ଚାନ୍ଦଲୀ', 'ନାଚନୀ', 'ପଞ୍ଜୁରୀ', ମଙ୍ଗଲୁ ଚରଣ ବିଶ୍ୱାଳଙ୍କ 'ଦଦରା ଦର୍ପଣ', 'ଉଡ଼ଲା ପତର ବୁଡ଼ିଲା ଡ଼ଙ୍ଗା', ଅଶୋକ ବହିଦାରଙ୍କ 'ଭୁରଷା କିରାହ ନୁ ପରାଜାପତି', 'ଗୁଟେ ରାତିର ଝଟକା' ପ୍ରଭୃତି ନାଟକଗୁଡ଼ିକ ଏହି ନାଟ୍ୟ ସଂସ୍ଥା ମଞ୍ଚସ୍ଥ କରିସାରିଛି ।

**(୧୦) ମଞ୍ଚନାୟକ (ସମ୍ବଲପୁର) :**

ସମ୍ବଲପୁର ସହରର ଅନ୍ୟତମ ପ୍ରସିଦ୍ଧ ନାଟ୍ୟାନୁଷ୍ଠାନ ହେଉଛି 'ମଞ୍ଚନାୟକ' । ୨୦୦୭ ମସିହାରେ ପ୍ରଦୀପ କୁମାର ପଣ୍ଡାଙ୍କ ଉଦ୍ୟମରେ ଏହି ଅନୁଷ୍ଠାନ ଗଢ଼ି ଉଠିଥିଲା । ସମ୍ବଲପୁରର କେତେଜଣ ବରିଷ୍ଠ ତଥା ଅଭିଜ୍ଞ କଳାକାରଙ୍କୁ ନେଇ 'ମଞ୍ଚନାୟକ' ଗଠିତ ହୋଇଛି । ନିଜ ଅଞ୍ଚଳରେ ନାଟକର ବିକାଶ ତଥା ନିଜ ଭାଷାରେ ନାଟକ କରିବା ଓ ନାଟକ ମାଧ୍ୟମରେ ସମାଜରେ ଭଲ ବାର୍ତ୍ତା ଦେବା ହେଉଛି ମୂଳ ଉଦ୍ଦେଶ୍ୟ । ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ତୁମେ ଅଛ ବଲି', ଯାହା ସମ୍ବଲପୁରର 'ଆରଣ୍ୟକ ମଞ୍ଚ' ରେ ଅଭିନୀତ । ଏହି ନାଟକର ଲେଖକ ଡ. ଦ୍ୱାରିକା ନାଥ ନାୟକ ଓ ନିର୍ଦ୍ଦେଶକ ପ୍ରଦୀପ କୁମାର ପଣ୍ଡା । ଏହି ସଂସ୍ଥା ମୁଖ୍ୟତଃ ସମ୍ବଲପୁରୀ, ଓଡ଼ିଆ, ହିନ୍ଦୀ, ପ୍ରଭୃତି ଭାଷାର ରଚିତ ନାଟକଗୁଡ଼ିକୁ ମଞ୍ଚସ୍ଥ କରିଥାଏ । ଏହି ନାଟ୍ୟାନୁଷ୍ଠାନ ଏ ପର୍ଯ୍ୟନ୍ତ ୨୫ରୁ ଊର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ କରିସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା – 'ତମେ ଅଛବଲି', 'କେତେ ଦୂରେ ମୋର ଆକଶ', 'ଦିନ୍', 'ଫୁଲ୍', 'ଭାର୍' 'ଭଡ଼ାଘର', 'ମରିଯିବି ମାଏଁକି', 'ରାମଦାସର କଥାନୀ' ଇତ୍ୟାଦି ନାଟକ ଯାହା ବିଭିନ୍ନ ସମୟରେ ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଛି ।

**(୧୧) ଶବ୍ଦ ସଂସ୍କୃତି ଅନୁଷ୍ଠାନ (ସମ୍ବଲପୁର) :**

ସମ୍ବଲପୁର ସହରର ଅନ୍ୟତମ ସୌଖୀନ ନାଟ୍ୟାନୁଷ୍ଠାନ ହେଉଛି 'ଶବ୍ଦ ସଂସ୍କୃତି ଅନୁଷ୍ଠାନ' । ଏହି ନାଟ୍ୟାନୁଷ୍ଠାନ ଜାନୁଆରୀ ୨୦୧୪ ମସିହାରେ ସୃଷ୍ଟି ହୋଇଛି ଓ ଏହାର ପ୍ରତିଷ୍ଠାତା ନାଟ୍ୟକାର ବିରୂପାକ୍ଷ ପ୍ରଧାନ । ନାଟକ ଓ ନାଟ୍ୟାନୁଷ୍ଠାନର ପରମ୍ପରାକୁ ବଞ୍ଚାଇ ରଖିବା ପାଇଁ ଏବଂ ଏକ ସୁନ୍ଦର ସଚେତନ ସମାଜର ଉଦ୍ଦେଶ୍ୟ ନେଇ ଏହି ନାଟ୍ୟାନୁଷ୍ଠାନଟି ଗଢ଼ି ଉଠିଥିଲା । ଏହି ଅନୁଷ୍ଠାନ ଦ୍ୱାରା ପ୍ରଥମ ମଞ୍ଚସ୍ଥ ନାଟକ 'ପ୍ରଥମ ଶ୍ରାଦ୍ଧ', ଯାହା ହିଣ୍ଡାଲକୋ କ୍ଲବ ହୀରାକୁଦରେ ମଞ୍ଚସ୍ଥ ହୋଇଛି । ଏହି ନାଟକର ନାଟ୍ୟକାର ସୁନୀଲ ଦାଶ ଓ ନିର୍ଦ୍ଦେଶକ ବିରୂପାକ୍ଷ ପ୍ରଧାନ । ଏହି ସଂସ୍ଥା ବିଶେଷ କରି ସମ୍ବଲପୁରୀ, ଓଡ଼ିଆ, ହିନ୍ଦୀ ପ୍ରଭୃତି ଭାଷାର ନାଟକ ମଞ୍ଚସ୍ଥ କରିଥାଏ । ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୧୮ଟି ଏକକ ନାଟକ ଓ ୫୦ରୁ ଊର୍ଦ୍ଧ୍ୱ ପଥପ୍ରାନ୍ତ ନାଟକ ମଞ୍ଚସ୍ଥ ହୋଇସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା– 'ସର୍ବେ ଭବନ୍ତୁ ସୁଖିନା', 'ପ୍ରଥମ ଶ୍ରାଦ୍ଧ', 'ପବିତ୍ର ସଂପର୍କ', 'ଜାଇଫୁଲ', 'ଶେଫାଳି', 'ଲାଜ', 'କୁଲାଙ୍ଗାର', 'ଅମୃତ ସାଗର ବିନ୍ଦୁ', 'ବସୁନ୍ଧରା', 'ସତ୍ୟବତୀ', 'ସୌଭାଗ୍ୟ', 'କୁସୁମ', 'ଅଭିମାନିନୀ', 'କିୟା ହମ୍ ଆଜାଦ୍ ହେଁ', (ହିନ୍ଦୀ), 'ପବିତ୍ର ରିସ୍ତା' (ହିନ୍ଦୀ), 'ଅମୃତସାଗର ବିନ୍ଦୁ' ଇତ୍ୟାଦି ନାଟକ ବିଭିନ୍ନ ସମୟରେ ଓଡ଼ିଶା ତଥା ଓଡ଼ିଶା ବାହାରେ ମଞ୍ଚସ୍ଥ ହୋଇଛି ।

**(୧୨) ଜୀବନ ରଙ୍ଗ (ହୀରାକୁଦ) :**

ସମ୍ବଲପୁର ଜିଲ୍ଲାର ହୀରାକୁଦ ସହରରେ 'ଜୀବନ ରଙ୍ଗ' ନାମକ ଏକ ସୌଖିନ ନାଟ୍ୟାନୁଷ୍ଠାନ ରହିଛି । ଯାହା ୨୦୧୬ ମସିହାରେ ନାଟ୍ୟକାର ଅସ୍ମି ଆଚାର୍ଯ୍ୟ ଓ ତାଙ୍କର କେତେଜଣ ନାଟ୍ୟପ୍ରେମୀ ବନ୍ଧୁଙ୍କ ସହ ଏହି ନାଟ୍ୟ ଅନୁଷ୍ଠାନକୁ ଗଢ଼ିଥିଲେ । ନାଟ୍ୟପ୍ରେମୀ ସୁନୀଲ ଦେହୁରୀ ଏହି ଅନୁଷ୍ଠାନର ନାମ 'ଜୀବନରଙ୍ଗ' ରଖିଥିଲେ । ଏହି ନାଟ୍ୟ ସଂସଦ ଦ୍ୱାରା 'ସମୁଦ୍ର ସନ୍ଧାନ' ନାଟକ ପ୍ରଥମେ ହିଣ୍ଡାଲକୋ କ୍ଲବ ହୀରାକୁଦରେ ମଞ୍ଚସ୍ଥ ହୋଇଥିଲା । ଏହି ନାଟ୍ୟାନୁଷ୍ଠାନ ଓଡ଼ିଆ ଭାଷାରେ ରଚିତ ନାଟକଗୁଡ଼ିକୁ ମଞ୍ଚସ୍ଥ କରିଥାଏ । ଏହି ଦଳ ଏ ପର୍ଯ୍ୟନ୍ତ ୫ଟି ନାଟକ ମଞ୍ଚସ୍ଥ କରିସାରିଛି । ସେହି ନାଟକଗୁଡ଼ିକ ହେଲା– 'ସମୁଦ୍ର ସନ୍ଧାନେ', 'ପୁନଶ୍ଚ ବାଲ୍ମୀକି', 'ମାଟିର ଡ଼ାକ', 'ନ୍ୟାୟ', ଅନ୍ତରର ଡ଼ାକ' ଇତ୍ୟାଦି । ଉପରୋକ୍ତ ନାଟକଗୁଡ଼ିକ କଟକ, ସିଭିକ୍ ସେଣ୍ଟର ରାଉରକେଲା, ହିଣ୍ଡାଲକୋ କ୍ଲବ ହୀରାକୁଦ ଆଦି ରଙ୍ଗମଞ୍ଚରେ ମଞ୍ଚସ୍ଥ ।

**(୧୩) କଳାପରିଷଦ (କୁଚିଣ୍ଡା, ସମ୍ବଲପୁର) :**

ସମ୍ବଲପୁର ଜିଲ୍ଲାର ଅନ୍ୟତମ କଳା, ସାହିତ୍ୟ ଓ ସଂସ୍କୃତିପ୍ରେମୀ ଗ୍ରାମ ହେଉଛି କୁଚିଣ୍ଡା । ଏଠାରେ ୧୯୬୩ ମସିହାରେ ଶ୍ରୀ ମିତ୍ରଭାନୁ ଗୌନ୍ତିଆ ଓ ଶ୍ରୀ ଜୟକୃଷ୍ଣ ନାୟକଙ୍କ ମିଳିତ ଉଦ୍ୟମରେ 'କଳାପରିଷଦ' ନାମରେ ଏକ ନାଟ୍ୟାନୁଷ୍ଠାନ ଗଢ଼ିଉଠିଥିଲା । ନିଜ ଅଞ୍ଚଳର ନାଟ୍ୟକଳା ତଥା କଳାକାରର ସମନ୍ୱୟ ରଖି ନିଜ ଆଞ୍ଚଳିକ କଳା, ସାହିତ୍ୟ, ସଂସ୍କୃତିର ବିକାଶ କରିବା ଉଦ୍ଦେଶ୍ୟ ନେଇ ଏହି ଅନୁଷ୍ଠାନଟି ଗଢ଼ି ଉଠିଥିଲା । ଏହି ନାଟ୍ୟାନୁଷ୍ଠାନ ଦ୍ୱାର ମଞ୍ଚସ୍ଥ ପ୍ରଥମ ନାଟକ 'ଜୟୀ ରାଜଗୁରୁ',

ଯାହା କୁଚିଣ୍ଡାର କଳାପରିଷଦ ରଙ୍ଗମଞ୍ଚରେ ମଞ୍ଚସ୍ଥ । ଏହି ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ତତ୍‌କାଳୀନ SDO ନିଖିଳ ଦେ । ଏହି ଅନୁଷ୍ଠାନ ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ରଚିତ ନାଟକ ମଞ୍ଚସ୍ଥ କରିଛି । କଳାପରିଷଦ ମଞ୍ଚ କୁଚିଣ୍ଡା, କୁଚିଣ୍ଡା ମହାବିଦ୍ୟାଳୟ ରଙ୍ଗମଞ୍ଚ, ହିଣ୍ଡାଲକୋ କ୍ଲବ ହୀରାକୁଦ, ଆରଣ୍ୟକ ମଞ୍ଚ ସମ୍ବଲପୁର, ରାଜବୋଡ଼ାସମ୍ବର ରଙ୍ଗମଞ୍ଚ ପଦ୍ମପୁର, ସଭିକ୍ ସେଣ୍ଟର ରାଉରକେଲା, ଆକାଶବାଣୀ ସମ୍ବଲପୁର, ଦୂରଦର୍ଶନ ସମ୍ବଲପୁର ଇତ୍ୟାଦି କେତୋଟି ପ୍ରମୁଖ ରଙ୍ଗମଞ୍ଚରେ ଏହି ନାଟ୍ୟ ସଂସ୍ଥା ନିଜର ନାଟକ ପରିବେଷଣ କରିଛି । 'ସମ୍ରାଟ' ( ୧୯୮୪ – ନାଟ୍ୟକାର କ୍ଷିତିଶ ପୁରୋହିତ, ନିର୍ଦ୍ଦେଶକ- ପ୍ରଦୀପ ଭୋଳ), 'କାହାଣୀ ଦୁଇଟି ଆଖିର' (ନିର୍ଦ୍ଦେଶକ- ସ୍ୱରୂପ ପଣ୍ଡା), 'କାଚଘର' (ନିର୍ଦ୍ଦେଶକ – ଅତୁଲ୍ୟ ମହାକୁଡ଼), 'ମହାରଣା ପ୍ରତାପ' (ରଚନା ଓ ନିର୍ଦ୍ଦେଶନା – କୁମରମଣି ଚୌଧୂରୀ), 'ଗୁଣିଆ ଝାଡ଼େ ଲୋ ଡ଼ାହାଣୀ', 'ଭାପସୋ' (ନାଟ୍ୟକାର ଓ ନିର୍ଦ୍ଦେଶକ- ସୁରଥ ଚନ୍ଦ୍ର ନାୟକ), 'ଯହ ପଢ଼ା ଯହ ବେଢ଼ା' (ନାଟ୍ୟକାର- କୈଳାଶ ଅଗ୍ରୱାଲ, ନିର୍ଦ୍ଦେଶକ- ସୁରଥ ଚନ୍ଦ୍ର ନାୟକ), 'ପୁତଲି' (ନାଟ୍ୟକାର- ପ୍ରଶାନ୍ତ କର, ନିର୍ଦ୍ଦେଶନା- ସୁରଥ ଚନ୍ଦ୍ର ନାୟକ), 'ସୁନାର ସକାଳ' (ନାଟ୍ୟକାର- ମିତ୍ରଭାନୁ ଗୌନ୍ତିଆ, ନିର୍ଦ୍ଦେଶକ- ସୁରଥ ଚନ୍ଦ୍ର ନାୟକ), 'ସନ୍ନ୍ୟାସୀ' (ରଚନା ଓ ନିର୍ଦ୍ଦେଶକ- ସୁରଥ ଚନ୍ଦ୍ର ନାୟକ), 'ଉଲଟା ପୁରଥୀ' (ନାଟ୍ୟକାର- ବ୍ରଜେନ୍ଦ୍ର ନାୟକ, ନିର୍ଦ୍ଦେଶନା- ସୁରଥ ଚନ୍ଦ୍ର ନାୟକ), 'ଗାଁ' (ନିର୍ଦ୍ଦେଶନା- ସୁରଥ ଚନ୍ଦ୍ର ନାୟକ ଓ ପ୍ରଦୀପ ରାୟ), 'ମାଂସର ଫୁଲ', 'ଆମର ଗାଁ' (ରଚନା- ମିତ୍ରଭାନୁ ଗୌନ୍ତିଆ, ନିର୍ଦ୍ଦେଶନା- ସୁରଥ ଚନ୍ଦ୍ର ନାୟକ), 'ପାଞ୍ଚ ପରେ ଛ', 'ଭାତ ଆର ଭୂତ' (ରଚନା- ପ୍ରଦୀପ ରାୟ, ନିର୍ଦ୍ଦୋନା – ସୁରଥ ଚନ୍ଦ୍ର ନାୟକ), 'ଆନନ୍ଦେକେବାର ହରିବୋଲ' (ନାଟ୍ୟକାର ହୃଦାନନ୍ଦ ଶର୍ମା, ନିର୍ଦ୍ଦେଶନା- ସୁରଥ ଚନ୍ଦ୍ର ନାୟକ), 'ଉଲ୍‌ଟା ଡ଼ଙ୍ଗା' (ନାଟ୍ୟକାର- ହୃଦାନନ୍ଦ ଶର୍ମା, ନିର୍ଦ୍ଦେଶନା- ସୁରଥ ଚନ୍ଦ୍ର ନାୟକ), 'କୁଲିହା ରଜା' (ରଚନା ଓ ନିର୍ଦ୍ଦେଶନା- ସୁରଥ ଚନ୍ଦ୍ର ନାୟକ) ଇଥ୍ୟାଦି ପ୍ରମୁଖ ନାଟକ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଏପର୍ଯ୍ୟନ୍ତ ବିଭିନ୍ନ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇସାରିଛି ।

### (୧୪) ଅଦୃଶ୍ୟ ନାଟ୍ୟ ଆଶ୍ରମ (ସମ୍ବଲପୁର) :

ସମ୍ବଲପୁର ଅଞ୍ଚଳରେ ଖୁବ୍ ଅଳ୍ପ ସମୟ ମଧ୍ୟରେ ପ୍ରସିଦ୍ଧ ଅର୍ଜନ କରିଥିବା ଅନ୍ୟତମ ପ୍ରମୁଖ ନାଟ୍ୟାନୁଷ୍ଠାନ ହେଉଛି 'ଅଦୃଶ୍ୟ ନାଟ୍ୟ ଆଶ୍ରମ' । ଏହି ନାଟ୍ୟ ଅନୁଷ୍ଠାନ ୨୦୦୬ ମସିହାରେ ଯୁବ ନାଟ୍ୟକାର ଅତିଶ କୁମାର ଶତପଥୀଙ୍କ ପ୍ରଚେଷ୍ଟାରେ ସୃଷ୍ଟି ହୋଇଥିଲା । ନାଟକର ଉନ୍ନତି ଓ ନାଟୁଆର ଉନ୍ନତିର ଉଦ୍ଦେଶ୍ୟ ନେଇ ଏହି ନାଟ୍ୟ ସଂସ୍ଥା ଗଢ଼ି ଉଠିଥିଲା । ୨୦୦୬ ମସିହାରେ ଏହି ନାଟ୍ୟ ଅନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ ହେଉଛି 'ନାଟୁଆ' । ଏହି ନାଟକର ନାଟ୍ୟକାର ଜ୍ୟୋତି ପ୍ରକାଶ ତ୍ରିପାଠୀ, ନିର୍ଦ୍ଦେଶକ ଅତିଶ କୁମାର ଶତପଥୀ । ମୁଖ୍ୟତଃ ସମ୍ବଲପୁରୀ, ଓଡ଼ିଆ, ହିନ୍ଦୀ ଭାଷାର ନାଟକ ଏହି ନାଟ୍ୟ ସଂସଦ ମଞ୍ଚସ୍ଥ କରିଛି । ଏ ପର୍ଯ୍ୟନ୍ତ ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ୫୫ଟି ନାଟକ ମଞ୍ଚସ୍ଥ ହୋଇସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା – 'ଅହିଂସକ', 'ମୁଇଁ କର୍ଣ୍ଣ କହୁଛେ', 'ଟୁବି କଣ୍ଟିନ୍ୟୁ', 'ଜୁକର', 'ବୈଷ୍ଣବ ଜନତୋ', 'ରାମ ନାମ ସତ୍ୟ ହେ', 'ଗଣେଶ ଚୋର', 'ଧାନଖେଡ଼', 'ଯୁଜୁସୂବ', 'ତାର୍ ଶେଷ୍ ଇଚ୍ଛା', 'ଥିପ୍ ଥିପ୍ ପାନି', 'ତପସ୍ୱିନୀ', 'ସନ୍ଥକବି ଭୀମ ଭୋଇ', 'ହେ ନାରୀ', 'ଝିଇଲେଉଟେନ' ଇତ୍ୟାଦି । ଏହି ସବୁ  ନାଟକଗୁଡ଼ିକ ବିଭିନ୍ନ ସମୟରେ ବିଭିନ୍ନ ମଞ୍ଚରେ ମଞ୍ଚସ୍ଥ ହୋଇଛି , ସେଥି ମ୍ଧରୁ କେତୋଟି ପ୍ରମୁଖ ମଞ୍ଚ ହେଲା– ସୌଖୀନ ରଙ୍ଗମଞ୍ଚ ବରଗଡ଼, ଆରଣ୍ୟକ ମଞ୍ଚ ସମ୍ବଲପୁର, ଅନ୍ନପୂର୍ଣ୍ଣା (ଏ) ଥିଏଟର ପୁରୀ, କଳାବିକାଶ କେନ୍ଦ୍ର, କଟକ, ରବୀନ୍ଦ୍ର ମଣ୍ଡପ ଭୁବନେଶ୍ୱର, ଭଞ୍ଜକଳା ମଣ୍ଡପ ଭୁବନେଶ୍ୱର, ସିଭିକ୍ ସେଣ୍ଟର ରାଉରକେଲା, ମହାବୀର ସାଂସ୍କୃତିକ ମଞ୍ଚ ଭବାନୀପାଟଣା, ସଦେଇପାଲି (ବଲାଙ୍ଗୀର), ଦେବଗଡ଼, ମଚାନ ବେଲପାହାଡ଼, ସୃଜନୀ ଝାରସୁଗୁଡ଼ା, ହିଣ୍ଡାଲକୋ କ୍ଲବ, ହୀରାକୁଦ, ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ, ସମ୍ବଲପୁର ବିଶ୍ୱବିଦ୍ୟାଳୟ, ଗିରିଡ଼ିହି (ଝାରଖଣ୍ଡ), ଆହ୍ଲାବାଦ, ଡ଼ିବ୍ରୁଗଡ଼ (ଆସାମ), ଆଗ୍ରା ଇତ୍ୟାଦି ସ୍ଥାନରେ ଅଦୃଶ୍ୟ ନାଟ୍ୟ ଆଶ୍ରମ ତା'ର ନାଟକ ପ୍ରଦର୍ଶିତ କରିସାରିଛି ।

### (୧୫) ସୁରେଶ୍ୱରୀ ସାଂସ୍କୃତିକ ପରିଷଦ (ବୁର୍ଲା, ସମ୍ବଲପୁର)

ବିଶିଷ୍ଟ ନାଟ୍ୟକାର, ଅଭିନେତା ତଥା ନିର୍ଦ୍ଦେଶକ ସ୍ୱର୍ଗତ ଡ଼କ୍ଟର ଅଟଳ ବିହାରୀ ପଣ୍ଡାଙ୍କ ଉଦ୍ୟମରେ ୧୯୭୪ ମସିହାରେ ବୁର୍ଲା ସହରରେ 'ସୁରେଶ୍ୱରୀ' ସାଂସ୍କୃତିକ ପରିଷଦ' ନାମକ ଏକ ସୌଖୀନ ନାଟ୍ୟାନୁଷ୍ଠାନ ପ୍ରତିଷ୍ଠିତ ହୋଇଥିଲା । ଡ଼କ୍ଟର ଅଟଳ ବିହାରୀ ପଣ୍ଡାଙ୍କ ଦେହାନ୍ତ ପରେ ଏହି ଅନୁଷ୍ଠାନର ସମସ୍ତ କାର୍ଯ୍ୟକଳାପ ତାଙ୍କର ସୁଯୋଗ୍ୟ ପୁତ୍ର ଅଶ୍ୱିନୀ କୁମାର ପଣ୍ଡା ମହୋଦୟ ବୁଝୁଛନ୍ତି । ଏହି ନାଟ୍ୟ ପରିଷଦ ଗଢ଼ଉଠିବା ପଛର ଉଦ୍ଦେଶ୍ୟ ଥିଲା ସମ୍ବଲପୁରୀ ଲୋକ ସଂସ୍କୃତିର ଉତ୍‌ଥାନ । ଏହି

ନାଟ୍ୟାନୁଷ୍ଠାନ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ଆମେ ହିଁ ମୃତ୍ୟୁ', ଯାହା ବୁର୍ଲା ସ୍ଥିତ 'ଭାରତୀ କଳା ବିକାଶ କେନ୍ଦ୍ର'ର ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇଥିଲା । ଏହି ନାଟକର ନାଟ୍ୟକାର ଓ ନିର୍ଦ୍ଦେଶକ ହେଉଛନ୍ତି ଡ. ଅଟଳ ବିହାରୀ ପଣ୍ଡା । ଏହି ସଂସ୍ଥା ମୁଖ୍ୟତଃ ଓଡ଼ିଆ ଓ ସମ୍ବଲପୁରୀ ଭାଷାରେ ରଚିତ ନାଟକଗୁଡ଼ିକୁ ମଞ୍ଚସ୍ଥ କରିଥାଏ । ଏହି ନାଟ୍ୟାନୁଷ୍ଠାନ ଦ୍ୱାରା ଏ ପର୍ଯ୍ୟନ୍ତ ୩୦ ରୁ ଉର୍ଦ୍ଧ୍ୱ ନାଟକ ମଞ୍ଚସ୍ଥ ହୋଇସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା – 'ଭଏଁଷ ଆଗେ ନାଗ୍ ଧୂନି', 'ଫଟା ମାଦଳ', 'କେଜାଣେ ଗୋବିନ୍ଦଙ୍କ ଗତି', 'ଅସମାପିକ', 'ଅଥଚ ପ୍ରହସନ', 'ଆଗୋ ରାତ୍ରି ତମେ କଥା କହ', 'ସୂର୍ଯ୍ୟାସ୍ତ ପରେ ଚାଲ ଆମେ ନାଟକ କରିବା', 'ଏବଂ ଅନ୍ଧକାର', 'ହରିବୋଲ', 'କମିଶନ', 'ମକଦ୍ଦମା', 'ଫଟାକପାଳ', 'ଲଲୋ', 'ଗଛ', 'ଭିନ୍ନ ଏକ ପୃଥିବୀ', 'ଭକ୍ତିରସାମୃତ', 'ନିଃସଙ୍ଗ ନକ୍ଷତ୍ର', 'ସମ୍ପର୍କ', 'ହି ଇଜ୍ ଏ ମାଷ୍ଟର ଭଏସ୍' ଇତ୍ୟାଦି ନାଟକ ।

**(୧୬) ଶ୍ରୀ କଲଚରାଲ ଏସୋସିଏସନ (ସମ୍ବଲପୁର) :**

ସମ୍ବଲପୁର ସହର ତଥା ସାରା ଓଡ଼ିଶାରେ ଲୋକପ୍ରିୟତା ଓ ପ୍ରସିଦ୍ଧି ଲାଭ କରିଥିବା ସମ୍ବଲପୁରର ଅନ୍ୟତମ ସଂଲ ସୌଖୀନ ନାଟ୍ୟାନୁଷ୍ଠାନ ହେଉଛି 'ଶ୍ରୀ କଲଚରାଲ ଏସୋସିଏସନ' । ଏହି ନାଟ୍ୟ ସଂସଦର କେହି ବ୍ୟକ୍ତିଗତ ପ୍ରତିଷ୍ଠାତା ନାହାନ୍ତି ବରଂ ବହୁ ନାଟ୍ୟପ୍ରେମୀମାନଙ୍କ ମିଳିତ ପ୍ରୟାସରେ ଗଢ଼ି ଉଠିଥିଲା । ଏହି ନାଟ୍ୟାନୁଷ୍ଠାନ ୧୯୮୬ ମସିହାରେ ସୃଷ୍ଟି ହୋଇଥିଲା । ନାଟ୍ୟ ମାଧ୍ୟମରେ ଭାଷା, ସାହିତ୍ୟ, କଳା ଏବଂ ସଂସ୍କୃତିର ପ୍ରଚାର ଓ ପ୍ରସାର କରିବାର ଲକ୍ଷ୍ୟ ନେଇ ଅନୁଷ୍ଠାନଟି ଗଢ଼ି ଉଠିଥିଲା । ଏହି ନାଟ୍ୟ ସଂସଦ ଦ୍ୱାରା ମଞ୍ଚସ୍ଥ ପ୍ରଥମ ନାଟକ 'ଝାଉ', ଯାହା ହିଣ୍ଡାଲକୋ କ୍ଲବ ହୀରାକୁଦଠାରେ ମଞ୍ଚସ୍ଥ ହୋଇଥିଲା । ଏହି ନାଟକର ନାଟ୍ୟକାର ସତ୍ୟରଞ୍ଜନ ବେହେରା ଓ ନିର୍ଦ୍ଦେଶକ କୃଷ୍ଣଚନ୍ଦ୍ର ମହାପାତ୍ର । ଏହି ନାଟ୍ୟ ସଂସଦ ପ୍ରାୟତଃ ସମ୍ବଲପୁରୀ, ଓଡ଼ିଆ, ହିନ୍ଦୀ ଭାଷାର ନାଟକ ମଞ୍ଚସ୍ଥ କରିଥାଏ । ଏହି ସଂସ୍ଥା ଅଦ୍ୟାବଧି ୬୦ ରୁ ଅଧିକ ନାଟକ ମଞ୍ଚସ୍ଥ କରିସାରିଛି । ସେଥିମଧ୍ୟରୁ କେତୋଟି ପ୍ରମୁଖ ନାଟକ ହେଲା – 'ଝାଉ', 'କ୍ରୀତଦାସ ସମ୍ବାଦ', 'ଜୀବିକା', 'ଭରତ ସମ୍ବାଦ', 'ସର୍ବେ ଭବନ୍ତୁ ସୁଖିନଃ', 'ଇନକିଲାବ୍', 'ହରିତ୍ ଅରଣ୍ୟର ଉପକଥା', 'ସତୀ', 'କ୍ଲୀବ', 'ଭାଲୁ', 'ଶଃ', 'ଶୁଣିବା ହେଉ ଦଣ୍ଡଧାରୀ', 'ସ୍ନିଗ୍ଧ ସକାଳ', 'ହଜଲା 'ଗୁନ୍', 'ବାଘ୍', 'ଚତୁଷ୍ପଦ', 'କ୍ରାନ୍ତି ପୁରୁଷ', 'ତ୍ରିଶଙ୍କୁ' ପ୍ରଭୃତି ପ୍ରଧାନ ନାଟକ । ଏହି ସମସ୍ତ ନାଟକ ଓଡ଼ିଶା ତଥା ଓଡ଼ିଶା ବାହାରେ ଥିବା ପ୍ରମୁଖ ରଙ୍ଗମଞ୍ଚରେ ମଞ୍ଚସ୍ଥ ହୋଇସାରିଛି ।

ଏତଦ୍‌ବ୍ୟତୀତ ସମ୍ବଲପୁର ଜିଲ୍ଲାରେ ବହୁ ସୌଖୀନ ନାଟ୍ୟାନୁଷ୍ଠାନ ରହିଛି, ଯଥା- 'ସମ୍ବଲପୁର ନାଟ୍ୟକଳା ପରିଷଦ', 'ଆରଷ୍ଟି ଅଭିନୟ ପରିଚୟ', 'ପାଟଣେଶ୍ୱରୀ ନାଟ୍ୟ ଅନୁଷ୍ଠାନ', 'ଧର୍ମାତ୍ମା କଲଚରାଲ ଏସୋସିଏସନ୍', 'ବୁଢ଼ୀମା ନାଟ୍ୟ ଅନୁଷ୍ଠାନ', 'ତୃତୀୟନୟନ' ମାନେଶ୍ୱର, 'ଫ୍ରେଣ୍ଡସ୍ କ୍ଲବ', ହୀରାକୁଦ, ଆସ୍ଥା, ନାଟକିଦେଉଳ, ସମ୍ବଲପୁର ଇତ୍ୟାଦି ନାଟ୍ୟାନୁଷ୍ଠାନ । ଏଥି ମଧ୍ୟରୁ କେତୋଟି ସକ୍ରିୟ ଓ କେତେକ ଅସକ୍ରିୟ ନାଟ୍ୟାନୁଷ୍ଠାନ ଅଟନ୍ତି ।

**ସହାୟକ ଗ୍ରନ୍ଥସୂଚୀ :**


୧. ନାୟକ, ଦ୍ୱାରିକାନାଥ, – ସମ୍ବଲପୁରୀ ସାହିତ୍ୟ ଚର୍ଚ୍ଚା ପ୍ରବନ୍ଧ ଘରା, ମୁଦ୍ରଣ- ପ୍ରିଂଟେକ୍, ୨୦୧୧, ସମ୍ବଲପୁର ।

୨. ନାୟକ, ଦ୍ୱାରିକାନାଥ ଓ ମାଝୀ, ପ୍ରଶାନ୍ତ- ସମ୍ବଲପୁର ରଙ୍ଗମଞ୍ଚ ସ୍ରଷ୍ଟା ଓ ସୃଷ୍ଟି, ମୁଦ୍ରଣ- ପ୍ରିଂଟେକ୍, ୨୦୧୧, ସମ୍ବଲପୁର ।

୩. ମିଶ୍ର, ପଞ୍ଚାନନ – ସମ୍ବଲପୁରୀ ନାଟକ, ଅଙ୍କିତା ପ୍ରିଣ୍ଟର୍ସ, ଦେବଗଡ଼, ୨୦୧୧ ।

୪. ସମର ମୁଦାଲି – ପଶ୍ଚିମ ଓଡ଼ିଶାର ନାଟ୍ୟ ପ୍ରତିଭା, ପ୍ରିଣ୍ଟ ଆପେକ୍ସ – ମୁଦ୍ରଣ, ବୁର୍ଲା, ୨୦୧୩, ସମ୍ବଲପୁର ।



ଗବେଷକ

ରେଭେନ୍ସା ବିଶ୍ୱବିଦ୍ୟାଳୟ, କଟକ

ISSN -2583-147X(P), Vol.- 9, Issue No.I, April 2023
Bastabatara Pariprakash Prachee
*Peer Reviewed and Referred Research Journal*

# ସାତଭାୟାର ଲୋକସଂସ୍କୃତି

**ସୁବ୍ରତ ପାତ୍ର**

ଭାରତୀୟ ସଂସ୍କୃତି ବୈଦିକ ଓ ଲୋକସଂସ୍କୃତିର ମିଳିତ ରୂପ । 'ଲୋକ' ଶବ୍ଦର ଅର୍ଥ ଅତ୍ୟନ୍ତ ବ୍ୟାପକ ଓ ଏହା ସର୍ବସାଧାରଣ ଜନତାକୁ ବୁଝାଏ । ଏମାନଙ୍କ ଜୀବନକୁ ଲୋକଜୀବନ ଓ ଏମାନଙ୍କ ସଂସ୍କୃତିକୁ ଲୋକସଂସ୍କୃତି କୁହାଯାଏ । ଲୋକକଳା, ଲୋକସାହିତ୍ୟ, ଲୋକସଙ୍ଗୀତ, ଲୋକାଚାର ପ୍ରଭୃତି ଜନତାର ସମସ୍ତ କୃତିତ୍ୱକୁ ଘେନି ଏହି ଲୋକସଂସ୍କୃତି ଗଠିତ ଏବଂ ଏହା ନିତ୍ୟ ଜୀବନର ସଂସ୍କୃତି । ଆମେ ଯେଉଁ ସଂସ୍କୃତି ବିଷୟରେ ଆଲୋଚନା କରିବା ତାହା ସହର ଠାରୁ ବହୁ ଦୂରରେ । ଗ୍ରାମୀଣ ଜୀବନ ବିତାଉଥିବା ନିରୀହ, ନିଷ୍କପଟ, ହୃଦୟଗ୍ରାହୀ ମଣିଷର ସାଂସ୍କୃତିକ ଚେତନାର ପ୍ରତିଫଳନ ଓ ପରିପ୍ରକାଶ । ସେଠି ସଂଗ୍ରାମ ବେଶୀ ବିଶ୍ରାମ କମ୍ । ଗ୍ରାମ୍ୟ ଜୀବନରେ ପରିବର୍ତ୍ତନର ସ୍ୱର ଶିଥିଳ ବା ମନ୍ଥର । ସେଠାରେ ପରମ୍ପରାର ଆଦର ବିଶେଷ ଦେଖାଯାଏ । ଭୂତପ୍ରେତ, କାଞ୍ଚନିକ, ଭୌତିକ ବା ଆଦିଭୌତିକ ଶକ୍ତିକୁ ବିଶ୍ୱାସ କରାଯାଏ । ଲୋକ ସଂସ୍କୃତିର ତାତ୍ପର୍ଯ୍ୟ ବୁଝିବାକୁ ହେଲେ ସରଳ ଗ୍ରାମ୍ୟ ଜୀବନକୁ ପ୍ରଥମେ ବୁଝିବାକୁ ପଡ଼ିବ । ଗ୍ରାମ୍ୟ ସମାଜର ପ୍ରାଚୀନତା ଅଛି । ଆଜିକାଲି ସାମାଜିକ ବ୍ୟତିକ୍ରମ ଭିତରେ ଗ୍ରାମ୍ୟ ଜୀବନ ଅତିଷ୍ଠ ହେଉଛି । ଯୌଥ ପରିବାର ଭାଙ୍ଗି କ୍ଷୁଦ୍ର କ୍ଷୁଦ୍ର ପରିବାର ସୃଷ୍ଟି ହେଉଛି । ଏସବୁ ପରିସ୍ଥିତି ଓ ଅନୁଭୂତି ଲୋକସଂସ୍କୃତିକୁ ପ୍ରଭାବିତ କରେ । ଲୋକସଂସ୍କୃତି ମୁଖ୍ୟତଃ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟରେ ପ୍ରଚଳିତ ରୀତିନୀତି, ପରମ୍ପରା, ଖାଦ୍ୟ-ବସ୍ତ୍ର, ବାସଗୃହ, ଲୋକକଥା ଇତ୍ୟାଦିକୁ ବୁଝାଏ ।

ଇତିହାସର ଯେପରି ଇତି ନାହିଁ ସଂସ୍କୃତିର ସେହିପରି ଶେଷ ନାହିଁ । ଏହା ଶାଶ୍ୱତ ଏକ ଚିରନ୍ତନ ପ୍ରବାହ । ଏହା ଅତୀତ, ବର୍ତ୍ତମାନ ଓ ଭବିଷ୍ୟତକୁ ନେଇ ଆତଯାତ ହେଉଥାଏ । ଗୋଟିଏ ଅଞ୍ଚଳର ପରିଚୟ ପାଇଁ ଭାଷା ଓ ସଂସ୍କୃତି ଧର୍ମଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ । ସଂସ୍କୃତିକୁ ଧାରଣ କରିଥାଏ ଗୋଟିଏ ଜାତିର ଇତିହାସ । ଏକ ସମୟରେ ଗଣମାଧ୍ୟମର ଭୂମିକା ଲୋକସଂସ୍କୃତି ନିର୍ବାହ କରିଥିଲା । ଏହା ଲୋକଙ୍କୁ ଭରପୁର ମନୋରଞ୍ଜନ ଦେବା ସହିତ ସମାଜରେ ଲୋକଶିକ୍ଷା ଓ ସଚେତନତାର ବାର୍ତ୍ତା ପ୍ରଚାରରେ ପ୍ରମୁଖ ଭୂମିକା ନିର୍ବାହ କରୁଥିଲା । ଅତୀତରେ ଜୀବନ ଥିଲା ଗ୍ରାମଭିତ୍ତିକ, କୃଷି ଭିତ୍ତିକ ଓ କିଛି ବାଣିଜ୍ୟ କୈନ୍ଦ୍ରିକ । ସାତଭାୟାର ସଂସ୍କୃତି କହିବାକୁ ଗଲେ ଅତୀତର ନୌବାଣିଜ୍ୟ ସ୍ମୃତିକୁ ଉଜ୍ଜୀବିତ କରେ । ସାତଭାୟାର ଲୋକସଂସ୍କୃତି ଆଉଟିକେ ବୃହତ୍ତ ଅର୍ଥରେ କେନ୍ଦ୍ରାପଡ଼ାର ଓ ଅବିଭକ୍ତ କଟକ ଜିଲ୍ଲାର ଲୋକସଂସ୍କୃତି । କେନ୍ଦ୍ରାପଡ଼ାର ଦୁଇ ପଡୋଶୀ ଜିଲ୍ଲା ଯାଜପୁର ଓ ଜଗତସିଂହପୁରକୁ ଅଲଗା କରି କେନ୍ଦ୍ରାପଡ଼ାର ଲୋକସଂସ୍କୃତି ତତ୍ ସହିତ ସାତଭାୟାର ଲୋକସଂସ୍କୃତି ଅଧ୍ୟୟନ ସ୍ୱୟଂ ସମ୍ପୂର୍ଣ୍ଣ ନୁହେଁ । ସମୁଦ୍ର, ନଈ, ନାଳ ବେଷ୍ଟିତ ଏହି ଜିଲ୍ଲାଗୁଡିକରେ ଜନବସତି ଓ ଲୋକାଧାରା ଏକାପରି । କୃଷି, ନୌବାଣିଜ୍ୟ ଓ ଦେବୀ ଆରାଧନାରେ ବିଶ୍ୱାସୀ । ମଙ୍ଗଳା, ଶାରଳା, ପଞ୍ଚୁବରାହୀ ଏହି ନୌସଂସ୍କୃତିର ଆରାଧ୍ୟ ଦେବୀ । ନଈ ଓ ସମୁଦ୍ର କୂଳରେ ବାସ କରୁଥିବା କୈବର୍ତ୍ତ ସମ୍ପ୍ରଦାୟର ଘାଟପୂଜା, ଡଙ୍ଗା ପୂଜା, ନୁଆପାଣି ପ୍ରବେଶରେ ନଦୀ ବନ୍ଦାପନା, ଚଇତି ଘୋଡ଼ା ନାଚ, ଚୁଡ଼ା କୁଟା ଆଦି ସାଂସ୍କୃତିକ କର୍ମାଣୀ ଗୁଡ଼ିକ ଏହି ନୌସଂସ୍କୃତିର ଅଂଶ ଭାବରେ ବିଶ୍ଳେଷଣ କରାଯାଇପାରିବ । ନଈକୂଳ କେନ୍ଦ୍ରାପଡ଼ା ଜିଲ୍ଲାରେ ନୌସଂସ୍କୃତିର ପ୍ରମୁଖ ପ୍ରବାଦ ରହିଛି । ବିଶେଷତଃ ସାତଭାୟାର ସାଧବ ସଂସ୍କୃତି ଏହାର ଉର୍ବର ଉଦାହରଣ । ପୁରାଣ ଯୁଗରୁ ଇତିହାସ ଯୁଗ ପର୍ଯ୍ୟନ୍ତ ବିଭିନ୍ନ ଘାତ ପ୍ରତିଘାତ ଦେଇ ଅବିରାମ ଗତିରେ ପ୍ରବାହମାନ- ଦରିଆପାରି ନୌବାଣିଜ୍ୟର ନିରବଚ୍ଛିନ୍ନ ସ୍ରୋତରେ ନିର୍ବାକ ମୂକସାକ୍ଷୀ ହେଉଛି ତଟବର୍ତ୍ତୀ ଭୂଖଣ୍ଡ କେନ୍ଦ୍ରାପଡ଼ା ଜିଲ୍ଲା । ଏହି ଅଞ୍ଚଳର ଇନ୍ଦୁପୁର,

ଧୂମାତ ଓ ଘାଗରାଠାରେ ସର୍ବପ୍ରଥମେ ମା' ମଙ୍ଗଳାଙ୍କ ଉପାସନା ପର୍ବ' ନିଶା ମଙ୍ଗଳବାର ଓଷା', ଖୁଦୁରୁକୁଣୀ ଉପାଖ୍ୟାନ ଓ ଜମ୍ବୁଦ୍ୱୀପ ଖଣ୍ଡ ଅନ୍ତର୍ଗତ ପୂର୍ବଭାଗର ଅଞ୍ଚଳ ସାତଭାୟା ଠାରେ ଓଡିଶା ତଥା ନିର୍ଦ୍ଦିଷ୍ଟ କେନ୍ଦ୍ରାପଡ଼ାର ଦରିଆପାରି ନୌବାଣିଜ୍ୟ ପରମ୍ପରାର ପ୍ରାମାଣିକତା ପୌରାଣିକ ଗ୍ରନ୍ଥ ବହନ କରିଅଛି ।

ଗୋଟିଏ ଅଞ୍ଚଳର ନାମ ସେହି ଅଞ୍ଚଳର ଇତିହାସ, ଭୂଗୋଳ ଓ ସଂସ୍କୃତି ସହିତ ଗଭୀର ଭାବେ ଜଡ଼ିତ । କେନ୍ଦ୍ରାପଡ଼ା ଜିଲ୍ଲାର ଏମିତି ଏକ ଗାଁ ସାତଭାୟା ଯାହା ଏସିଆ ମହାଦେଶ ପ୍ରାନ୍ତ ଓ ବଙ୍ଗୋପସାଗର ମଧ୍ୟରେ ସଂଯୋଗ ସ୍ଥାପନ କରି ସବୁ ସମୟରେ ସମୁଦ୍ର ଢ଼େଉରେ ମଥାପିଟା ପାହର ଖାଇ ନିଜର ଅସ୍ତିତ୍ୱ ହଜାଇ ଦେଇଛି । କେବଳ ଗାଁର ପ୍ରତ୍ୟକ୍ଷ ଦେବୀ ମା ପଞ୍ଚୁବରାହୀଙ୍କୁ ଭରସା କରି ପରାଜିତ ସୈନିକ ପରି ଗ୍ରାମବାସୀ ପଛକୁ ଫେରି ଫେରି ମୂଳ ଗାଆଁ ଠାରୁ ପ୍ରାୟ ୩୦ କିମି ଦୂର ବଗପାଟିଆକୁ ସ୍ଥାନାନ୍ତରଣ ହୋଇସାରିଲେଣି । ସାତଖଣ୍ଡ ଗାଁ ଏବେ ସମୁଦ୍ର ଗର୍ଭରେ ଲୀନ ହୋଇ ସାରିଲାଣି । ସ୍ମୃତି ରୂପରେ ପଡ଼ିରହିଛି କେବଳ ମାଆଙ୍କର ଭଗ୍ନ ମନ୍ଦିର। ସାତଭାୟା ହେଉଛି ଅତୀତ ନୌବାଣିଜ୍ୟ ସ୍ମୃତିର ସ୍ମାରକୀ । ଲୋକକଥାରୁ ଜଣାପଡ଼େ ସାଧବ ସାତଭାଇ ବାଣିଜ୍ୟରୁ ଫେରୁଥିବା ସମୟରେ ଏହିଠାରେ ବୋଇତ ଲଗାଇଥିଲେ ଓ ଏହିଠାରେ ସେମାନଙ୍କର ତଅପୋଇ ସହ ଭେଟ ହୋଇଥିଲା । ସେହି ସାଧବ ସାତଭାଇଙ୍କ ନାମାନୁସାରେ ଏହାର ନାମ ସାତଭାୟା ହୋଇଥିବାର ଜଣାଯାଏ । ସାତଭାୟା ଏଭଳି ଏକ ଗାଁ ଯେଉଁଠି ମଣିଷ ଜୀଇବାକୁ ଅହରହ ସଂଘର୍ଷ କରି ଚାଲିଛି ସମୁଦ୍ର ସହ । ସାତଭାୟାର ସାଧବ ସଂସ୍କୃତିକୁ ନେଇ ଅନେକ କିମ୍ବଦନ୍ତୀ ରହିଛି । କିନ୍ତୁ ସେଗୁଡିକ ଆଜି ଇତିହାସ ପୃଷ୍ଠାରେ ଅନାଲୋଚିତ । ଯେଉଁ ସାତଭାୟା କୋଳରେ ଦିନେ ଗଢି ଉଠିଥିଲା ସାଧବ ସଂସ୍କୃତି, ଯାହାଥିଲା ଖୁଦୁରୁକୁଣୀ ଓଷାର ଏକ୍ତୁଡ଼ିଶାଳ ତାହା ଆଜି ବିପର୍ଯ୍ୟସ୍ତ ଅବସ୍ଥାରେ ଲୋକମାନଙ୍କ ନଜରରୁ ଅଲୋଡ଼ା ହୋଇ ପଡ଼ିରହିଛି । ସେଇ ସମୁଦ୍ର ଗର୍ଭରେ ଲୀନ ହୋଇଯାଇଥିବା ଗାଁର ସଂସ୍କୃତିକୁ ଲୋକଲୋଚନକୁ ଆଣିବା ଏହି ପ୍ରବନ୍ଧର ଲକ୍ଷ୍ୟ ।

**ଖାଦ୍ୟ, ବସ୍ତ୍ର ଓ ବାସଗୃହ :**

ମଣିଷର ତିନୋଟି ମୌଳିକ ଆବଶ୍ୟକତା ହେଉଛି ଖାଦ୍ୟ ବସ୍ତ୍ର ଓ ବାସଗୃହ । ସାତଭାୟାର ଅଧିବାସୀମାନେ ଏକ ବିଚ୍ଛିନ୍ନ ଅଞ୍ଚଳରେ ବସବାସ କରୁଥିବାରୁ ସେମାନଙ୍କ ଖାଦ୍ୟପେୟ କିଛିଟା ପାର୍ଥକ୍ୟ ପରିଲକ୍ଷିତ ହୁଏ । କେନ୍ଦ୍ରାପଡ଼ା ଜିଲ୍ଲା ଏକ କୃଷିଭିତ୍ତିକ ଜିଲ୍ଲା ହୋଇଥିବାରୁ ଏଠାରେ ଭାତ ହିଁ ପ୍ରଧାନ ଖାଦ୍ୟ । ସାତଭାୟାର ପ୍ରଚୁର ପରିମାଣରେ ଲୀଳାବତୀ ଧାନ ଚାଷ କରାଯାଏ । ଏହି ଲୀଳାବତୀ ଧାନରେ ଚୁଡ଼ା, ଚାଉଳ କୁଟି ଲୋକମାନେ ଏହାକୁ ଖାଦ୍ୟଭାବରେ ଗ୍ରହଣ କରନ୍ତି । କିଏ ପଖାଳ ଭାତ ଓ ଭଜା ଖାଏ ତ କିଏ ବିରିପିଠା ସହ ଭଜା ଆଉ କିଏ କଙ୍କଡା ଓ ମାଛ ଭଜା ଖାଇଥାନ୍ତି । ଏମାନଙ୍କ ଆଗରେ ରହିଛି ବିଶାଳ ସମୁଦ୍ର । ଏ ସମୁଦ୍ର କାହା ପେଟକୁ ଖାଲି ରଖିଲାଣି ନା ଏମାନଙ୍କ ପେଟ ଖାଲି ରଖିବ । ଏହି ସମୁଦ୍ରରୁ ଓ ତାର ଆଖପାଖ ନଦୀନାଳମାନଙ୍କରୁ କଙ୍କଡା ଧରି ମଧ୍ୟ ଏମାନେ ଖାଇଥାନ୍ତି । ଉପକୂଳବର୍ତ୍ତୀ ଅଞ୍ଚଳରେ ଲୋକମାନେ ସାଧାରଣତଃ ସେମାନଙ୍କ ପୋଷାକ-ପରିଚ୍ଛନ୍ନ ପ୍ରତି ଅଧିକ ଯତ୍ନ ନେଇଥାନ୍ତି । ଏ ଅଞ୍ଚଳର ସ୍ତ୍ରୀ ଲୋକମାନେ ପ୍ରଧାନତଃ ହାତବୁଣା ଲୁଗା ଓ କଳବୁଣା ଶାଢ଼ୀ ବ୍ୟବହାର କରିଥାନ୍ତି । ବିବାହ, ବ୍ରତ ତଥା ପର୍ବପର୍ବାଣୀ ପ୍ରଭୃତିରେ ସ୍ତ୍ରୀ ଲୋକମାନେ ରଙ୍ଗବେରଙ୍ଗର ଶାଢ଼ୀ ପିନ୍ଧିବାକୁ ଭଲ ପାଆନ୍ତି । ପୁରୁଷ ମାନେ କଳବୁଣା ଧୋତି ଓ ଗାମୁଛାକୁ ପସନ୍ଦ କରନ୍ତି । ପୁଣି ପୁରୁଷମାନଙ୍କ ମଧ୍ୟରେ ବୈଷ୍ଣବ ମନୋଭାବାପନ୍ନ ଅଧିକାଂଶ ଲୋକ ନିଜ ନିଜର ଭକ୍ତି ଭାବର ପରିପ୍ରକାଶ ପାଇଁ ପ୍ରଧାନତଃ କପାଳ ଓ ଶରୀରକୁ ଚନ୍ଦନ ଓ ତିଳକ ପ୍ରଭୃତି ଦ୍ୱାରା ସଜ୍ଜୀକୃତ କରିବା ପାଇଁ ଅଧିକ ପସନ୍ଦ କରନ୍ତି । ସାତଭାୟାର ସ୍ତ୍ରୀ ଲୋକମାନେ ଅଳଙ୍କାର ମଧ୍ୟରେ ବାଳା, ବଟଫଳ, ଚମ୍ପାକଢମାଳ, ସୁନାର ନୋଳି, ଛଡିଆ, ମଲ, ପୁଣି ବାଙ୍କିଆ, ବିଦ, ତାଇତ ପ୍ରଭୃତି । ଏ ଅଞ୍ଚଳର ପୁରୁଷ ମାନଙ୍କ ମଧ୍ୟରେ ଅଳଙ୍କାର ପ୍ରତି ଆଦୌ ଆଗ୍ରହ ନାହିଁ କହିଲେ ଚଳେ । ସାତଭାୟା ଏକ ସମୁଦ୍ର କୂଳିଆ ଗାଁ । ଏଠାରେ ନା ଅଛି କୋଠାଘର ନା ଘରକୁ ଯିବାପାଇଁ ଭଲ ସଡକ ପକ୍କା । ଘରେ ଘରେ ଝାଟିମାଟି ଘେରା ନୁଆଁଣିଆ ଚାଳଘର । ଲୁଣି ପାଣିରେ ନଡ଼ା ପଚି ଯାଉଥିବାରୁ ଜଙ୍ଗଲରୁ ହେନ୍ତାଳ ଗଛର ରୂଅ ଓ ପତ୍ରରେ ଛପର କରନ୍ତି । ଘରଗୁଡିକ ସବୁ ବାଲିକୁଦ ତଳେ ତିଆରି କରିଥାନ୍ତି । ଘର ଚାରିପଟେ ଗୋବର ପାଣିରେ ଲେପ କରନ୍ତି । ଗୋବର ପାଣିରେ ଲିପା ହେବା ଦ୍ୱାରା ଅନେକ କୀଟନାଶକ ମରିଯାଆନ୍ତି ବୋଲି ସେମାନଙ୍କର ବିଶ୍ୱାସ । କାନ୍ଥରେ ଝୋଟି ଚିତା ପକାଇଥାନ୍ତି । ଓଡ଼ିଆ ଘରର ସଂସ୍କୃତି ଓ ଚାଲି ଚଳନରେ ପରିପୂର୍ଣ୍ଣ ଏହି ଗାଆଁ ।

**ରୀତିନୀତି :**

ମଣିଷ ନିଜର ନିତିଦିନିଆ ଜୀବନଧାରାରେ ରାତିରେ ଶୋଇବା ପୂର୍ବରୁ ଭାବିଥାଏ ସକାଳର କାର୍ଯ୍ୟ କଥା । ପୂର୍ବରୁ କହିରଖିଛି ସାତଭାୟା ଏକ କୃଷିଭିତ୍ତିକ ଅଞ୍ଚଳ । ଏହି କୃଷିଭିତ୍ତିକ ଅଞ୍ଚଳ ରେ ବୃକ୍ଷ ପୂଜାର ପରମ୍ପରାରେ ରହିଛି ତ୍ରିଶାଖା ବୃକ୍ଷ ବା

ତ୍ରିଗଛ । ଗୋଟିଏ ମୂଳରୁ ତିନୋଟି ଶାଖା । ଏତେ ପ୍ରଳୟଙ୍କାରୀ ବାତ୍ୟାରେ ସମସ୍ତ ବୃକ୍ଷ ଓ ଜଙ୍ଗଲ ଧୂଳିସାତ ହେବାପରେ ୫୦ ଫୁଟରୁ ଊର୍ଦ୍ଧ୍ୱ ଏହି ୩ଟି ଶାଖାର ସାମାନ୍ୟତମ କ୍ଷୟକ୍ଷତି ହୋଇ ନଥିଲା । ଏହି ଅଞ୍ଚଳରେ ଯାହାର ପ୍ରଥମ କରି ପୁଅ ବା ଝିଅ ହୁଏ ଏହି ଗଛ ମୂଳେ ୧୨୪ଟି ଘିଅଦୀପ ସେ ବ୍ୟକ୍ତି ସେହିଦିନ ଜାଳିଥାନ୍ତି । ମନରେ ଆଶା ରହିଥାଏ ସନ୍ତାନ ୧୨୪ବର୍ଷ ଯାଏଁ ବଞ୍ଚିବ । ହେଲେ ତାହା ଆଜି ସମୁଦ୍ର ଗର୍ଭରେ ।

ସାତଭାୟାରେ ବିବାହର ପରମ୍ପରା ଥିଲା ଟିକେ ଅଲଗା । ବିବାହ ପୂର୍ବରୁ ସ୍ତ୍ରୀ ତା ସ୍ୱାମୀ ମୁହଁ ଦେଖୁ ନଥିଲା । ବାହାଘର ଦିନ କନ୍ୟାକୁ ଗାଧୋଇ ଦେଇ ବରର ଲୋକେ ସବାରୀରେ ବସାଇ ନେଇ ଯାଉଥିଲେ । ତୋଳାକନିଆଁ ପରି ଝିଅଟିଏ ବାହା ହୋଇ ନିଜ ଦୁଃଖକୁ ସହି ରହିଥାଏ । ବିବାହରେ ବର ଓ କନ୍ୟାକୁ ପାଦଚଲା ରାସ୍ତାରେ କେବଳ ସବାରୀ ପାଲିଙ୍କିରେ ବୋହିବାକୁ ପଡ଼ିଥାଏ । ବାହାହୋଇ ସାରିବା ପରେ ବୋହୂକୁ ହାତେ ଲମ୍ବା ଓଢଣି ଟାଣି ରହିବାକୁ ପଡୁଥିଲା । ସେତେବେଳେ ଯୌଥ ପରିବାର ଥିବାରୁ ସମସ୍ତଙ୍କ ପାଇଁ ରୋଷେଇ କରିବାକୁ ପଡୁଥିଲା । ଅନ୍ୟ ଏକ ଲୋକବିଶ୍ୱାସକୁ ଆଧାର କରି ଏଠାକାର ଲୋକମାନେ ସମୁଦ୍ର କୂଳରେ ପୂଜାର୍ଚ୍ଚନା କରି ଭୋଗ ନୈବେଦ୍ୟକୁ ସମୁଦ୍ରରେ ଭସାଇ ଦିଅନ୍ତି । ଲୋକମାନଙ୍କର ବିଶ୍ୱାସ ଯେ ସମୁଦ୍ର ବର୍ଷସାରା ଶାନ୍ତ ରହିବ ।

**ପର୍ବପର୍ବାଣୀ :**

ଓଡ଼ିଶାରେ ବାରମାସରେ ତେରପର୍ବ । ଏହି ପର୍ବପର୍ବାଣୀ ଓଡ଼ିଶାର ସାଂସ୍କୃତିକ ଚେତନାକୁ ଉଜ୍ଜୀବିତ କରାଇଥାଏ । ସାତଭାୟାର ମୁଖ୍ୟତଃ ଚୈତ୍ର ପୂର୍ଣ୍ଣିମା, ଦୁର୍ଗାପୂଜା, ଗଜଲକ୍ଷ୍ମୀ ପୂଜା, ଖୁଦୁରୁକୁଣୀ ଓଷା ଓ କାର୍ତ୍ତିକ ପୂର୍ଣ୍ଣିମା ମହାଆଡ଼ମ୍ବରରେ ପାଳନ କରାଯାଏ ।

**ଚୈତ୍ର ପୂର୍ଣ୍ଣିମା :**

ଚୈତ୍ର ପୂର୍ଣ୍ଣିମା ହେଉଛି ଓଡ଼ିଶା କୈବର୍ତ୍ତ ମାନଙ୍କର ଶ୍ରେଷ୍ଠ ପର୍ବ । ସାତଭାୟାରେ ମା'ଙ୍କର ପୂଜାବିଧି ଏହି ଚୈତ୍ରପୂର୍ଣ୍ଣିମା ଦିନଠାରୁ ସାତଦିନ ଯାଏ ଅଖଣ୍ଡ ନାମଯଜ୍ଞ, ଭଜନ, କୀର୍ତ୍ତନ ହୁଏ । ମା'ଙ୍କ ପାଖରେ ଛେଳି ବା ବୋଦା ବଳି ଦିଆଯାଏ । ମନ୍ଦିର ଟ୍ରଷ୍ଟି ପକ୍ଷରୁ ଏହି ବଳି ପଡ଼ିବା ପରେ ଭକ୍ତମାନେ ମାନସିକ ପୂରଣ ପାଇଁ ଆଣିଥିବା ଶହ ଶହ ବୋଦା, ଛେଳିକୁ ବଳି ଦିଆଯାଇଥାଏ । ବଳିପ୍ରଥା ଉପରେ ଏଠାକାର ଜନସାଧାରଣଙ୍କ ବିଶ୍ୱାସ ଯେ, ଏହି ଦିନ ବଳି ଦିଆଗଲେ ବର୍ଷସାରା ମା' ଶାନ୍ତିରେ ରହିବେ । ପଶୁପକ୍ଷୀ ବଳି ପଡ଼ିବା ଉପରେ ସରକାର କଟକଣା ଜାରି କରିବା ପରେ କେବଳ ବିଧି ନିମନ୍ତେ ପଶୁବଳି ବଦଳରେ କୁଷାଣ୍ଡ ବଳି ଦିଆଯାଉଅଛି ।

**ଦୂର୍ଗା ପୂଜା :**

ଶରତ ଋତୁର ଆଗମନରେ ମା' ଦୁର୍ଗା ବିରାଜମାନ ହୁଅନ୍ତି । ଏହି ପର୍ବର ମୂଳ ଲକ୍ଷ୍ୟ ହେଉଛି ଦେବୀ ଉପାସନା ସେଥିପାଇଁ ଏଠାରେ ଚଣ୍ଡୀପାଠ କରାଯାଏ । ସାଧାରଣତଃ ଦେବୀ ପୀଠମାନଙ୍କରେ ଆଶ୍ୱିନ ମାସରେ ଷୋଳଦିନ ବ୍ୟାପ୍ତି ପୂଜା ଅନୁଷ୍ଠିତ ହୁଏ । ଜଗତ ଜନନୀଙ୍କୁ ସନ୍ତୁଷ୍ଟ କରିବା ପାଇଁ କିଛି ଉପହାର ଦେବାକୁ ପଡେ । ତେଣୁ ଦେବୀ ପୂଜାରେ ବଳିଦାନର ବ୍ୟବସ୍ଥା ରହିଛି । ସାତଭାୟାରେ ଚୈତ୍ରପୂର୍ଣ୍ଣିମା ଓ ଦଶହରା ମହା ଆଡ଼ମ୍ବରରେ ପାଳନ କରାଯାଏ ।

**ଗଜଲକ୍ଷ୍ମୀ ପୂଜା :**

କେନ୍ଦ୍ରାପଡ଼ା ଗଜଲକ୍ଷ୍ମୀ ପୂଜାର କାଳ ନିର୍ଣ୍ଣୟ କରିବା ସମ୍ଭବ ନ ହେଲେ ମଧ୍ୟ କ୍ଷେତ୍ରାଧିପତି ଶ୍ରୀ ବଳଦେବଜୀଉଙ୍କ ବାଟ ଦେଉଳ ଗାତ୍ରରେ ଗଜଲକ୍ଷ୍ମୀ ମୂର୍ତ୍ତି ଖୋଦିତ ହୋଇଥିବାରୁ ଏଠାରେ ସପ୍ତଦଶ ଶତାବ୍ଦୀରୁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହୋଇ ଆସୁଥିବା ଅନୁମାନ କରାଯାଏ । ଏହି ଗଜଲକ୍ଷ୍ମୀ ପୂଜାର ପରମ୍ପରା ଜିଲ୍ଲା ସଂସ୍କୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ । ଏହି ପରମ୍ପରାରୁ ବିଚ୍ୟୁତ ନ ହୋଇ ସାତଭାୟା ଅଞ୍ଚଳରେ ମଧ୍ୟ ଗଜଲକ୍ଷ୍ମୀ ପୂଜା କରାଯାଏ । ଏହି ଦିନ ମା' ଙ୍କ ମୂର୍ତ୍ତିକୁ ବିଧି ପୂର୍ବକ ପୂଜାର୍ଚ୍ଚନା କରାଯାଏ । ଦୀର୍ଘ ୬ ଦିନ ରହିବା ପରେ ମା'ଙ୍କର ମେଲଣ ହୁଏ । ଏଥିରେ ସାତଭାୟାର ସମସ୍ତ ଲୋକେ ଯୋଗ ଦିଅନ୍ତି ।

**ଖୁଦୁରୁକୁଣୀ ଓଷା :**

ଖୁଦୁରୁକୁଣୀ ଓଷାର ସଂପୃକ୍ତି ଉତ୍କଳୀୟ ନୌବାଣିଜ୍ୟ ସହ ଥିବାରୁ ଏହି ଓଷାକୁ ଉପକୂଳବର୍ତ୍ତୀ ଜିଲ୍ଲାମାନଙ୍କରେ ବିଶେଷ ଭାବେ ପାଳନ କରାଯାଏ । ଖୁଦୁରୁକୁଣୀ ଓଷାର ପୃଷ୍ଠଭୂମି ହେଉଛି ସାତଭାୟା । ଏଠାରେ ମା' ଖୁଦୁରୁକୁଣୀଙ୍କୁ ପୂଜାର୍ଚ୍ଚନା କରାଯାଏ । ଗାଆଁ କୁଆଁରୀ ଝିଅମାନଙ୍କର ହୁଳହୁଳି ଓ ଧୂପ, ଦୀପ ଗନ୍ଧରେ ଆରମ୍ଭ ହୁଏ ମା' ଖୁଦୁରୁକୁଣୀ ପୂଜା । ଏହି ଦିନଠାରୁ ଦୀର୍ଘ ୧ମାସ ପର୍ଯ୍ୟନ୍ତ ପୀଠରେ ପୂଜା ପାଆନ୍ତି ମା' ଖୁଦୁରୁକୁଣୀ । ଝିଅମାନଙ୍କ ମଧ୍ୟରେ ଗୋଟିଏ ଝିଅ ଓଷେଇତି ହୋଇ ନିତିଦିନ ମା'ଙ୍କୁ ସେଇ କୋଠିରେ ବସାଇ ଭୋଗ ଦିଏ । ପ୍ରତି ରବିବାର ଦିନ ମହା ଆଡ଼ମ୍ବରେ ପାଳନ କରାଯାଏ । ମା'ଙ୍କର ମେଲଣ ଉତ୍ସବରେ ଏକାଠି ହୁଅନ୍ତି ସାତଖଣ୍ଡି ଗାଁର ଅଧିବାସୀ । ମା'ଙ୍କ ପୀଠକୁ ସାଜସଜ୍ଜା

କରନ୍ତି । ଠାକୁରଙ୍କୁ ବିସର୍ଜନ ଦେଲାପରେ ମାଙ୍କର ମେଲଣ ବା ଶୋଭାଯାତ୍ରା ଆରମ୍ଭ ହୁଏ । ସବୁ ଭାଲୁକୁଣୀ ଆଗରେ ଗାଆଁ ଲୋକମାନେ ବାଜା ବଜାଇ, ଗୀତ ଗାଇ ଆନନ୍ଦ ଉପଭୋଗ କରନ୍ତି । ଏହା ହେଉଛି ସାତଭାୟାର ଏକ ପ୍ରସିଦ୍ଧ ପର୍ବ ।

**କାର୍ତ୍ତିକ ପୂର୍ଣ୍ଣିମା :**

କାର୍ତ୍ତିକ ପୂର୍ଣ୍ଣିମାକୁ ବାଦ୍ ଦେଲେ ଓଡ଼ିଶାର ନୌବାଣିଜ୍ୟ ସମ୍ପର୍କରେ ଚିନ୍ତା ବି କରାଯାଇ ପାରିବନାହିଁ । କାର୍ତ୍ତିକ ମାସ ଧର୍ମ ମାସ ରୂପେ ମଧ୍ୟ ପରିଚିତ । ପୂର୍ଣ୍ଣିମା ପୂର୍ବ ପାଞ୍ଚଦିନ ପଞ୍ଚୁକ ବା ମହାପଞ୍ଚୁକ ନାମରେ ନାମିତ । ଏହି ଦିନ ସାତଭାୟାରେ କାର୍ତ୍ତିକେୟଙ୍କ ମୂର୍ତ୍ତିକୁ ପୂଜାର୍ଚ୍ଚନା କରାଯାଏ । ଏକ ବିରାଟ ନୌକା ନିର୍ମାଣ କରାଯାଇ ଲୋକମାନେ ତାକୁ ସମୁଦ୍ରରେ ଭସାଇ ଦିଅନ୍ତି । ଯାହା ତାଙ୍କର ପୂର୍ବ ପୁରୁଷଙ୍କର ଗୌରବମୟ କୀର୍ତ୍ତିକୁ ଉଜ୍ଜୀବିତ କରାଇଦିଏ ।

**ମା' ପଞ୍ଚୁବରାହୀ :**

ମା' ପଞ୍ଚୁବରାହୀଙ୍କୁ ବାଦ୍ ଦେଇ ସାତଭାୟାର ସଂସ୍କୃତି ଆଲୋଚନା କରାଯାଇ ପାରିବ ନାହିଁ। ସାତଭାୟାର ମା' ପଞ୍ଚୁବରାହୀ ଶକ୍ତି ଉପାସନାର ପ୍ରମୁଖ ପୀଠ ଭାବେ ପରିଚିତ । ପୁରାଣ ଓ ଜନଶ୍ରୁତି ଅନୁସାରେ ମା' ବୈଦିକ ଦେବୀ ନୁହଁନ୍ତି, ସେ ପୌରାଣିକ ଦେବୀ ଅଟନ୍ତି । ଅତୀତରେ ମା' ଏଠି ଲୋକଦେବୀ ଭାବେ ପୂଜା ପାଉଥିଲେ । ଏବେ ସମଗ୍ର ଉପକୂଳ ଓଡ଼ିଶାରେ ମା' ପଞ୍ଚୁବରାହୀ ରୂପେ ପୂଜିତ । ମା' ପଞ୍ଚୁବରାହୀଙ୍କର କୌଣସି ବାହନ ନାହାନ୍ତି । ଦେବୀଙ୍କର ଡାହାଣ ହାତରେ ମତ୍ସ୍ୟ ଓ ବାମ ହସ୍ତରେ ଦାନ ପାତ୍ର ଧାରଣ କରିଛନ୍ତି । ମା' ନୌସିଂହାସନରେ ରାଜଲଳିତା ଆସନରେ ବସିଛନ୍ତି । ମା'ଙ୍କ ସର୍ବାଙ୍ଗ ବସ୍ତ୍ରଦ୍ୱାରା ଆଚ୍ଛାଦିତ ହୋଇଥାଏ । ମା' ଙ୍କ ପ୍ରତିମାରେ ଆଦିମ ଅଧିବାସୀମାନଙ୍କର ଜୀବନ ଓ କଳା ଶୈଳୀର ଛାପ ସ୍ପଷ୍ଟ ପ୍ରତି'ଳିତ । ଏହି ପୀଠର ବିଶେଷତଃ ହେଲା ଯେ- ପାଂଚ ଭଉଣୀ ଏକତ୍ର ଭାବେ ପୂଜା ପାଉଛନ୍ତି । ଏହିଭଳି ଏକତ୍ର ପୂଜା ପାଇବାର ପରମ୍ପରା କୌଣସି ଦେବଦେବୀ ମନ୍ଦିରରେ ଦେଖିବାକୁ ମିଳେନାହିଁ । ନାରୀ ଅବୟବ ଥିବା ବରାହୀମୁଖୀ ମୂର୍ତ୍ତି ଯାଜପୁର ବିରଜାଙ୍କର ଦେଖିବାକୁ ମିଳେ । କେବଳ ସେତିକି ନୁହେଁ ଆଳିର ଲକ୍ଷ୍ମୀବରାହ ଠାକୁରଙ୍କୁ ଦେଖିଲେ ପୁରାଣର ବରାହ ଅବତାର କଥା ମନକୁ ଆସେ । ପୃଥ୍ୱୀ ରକ୍ଷା ନିମିତ୍ତ ମାତୃଶକ୍ତିର ଆବିର୍ଭାବ ଯୁଗେ ଯୁଗେ ରହିଛି । ଆହୁରି ମଧ୍ୟ ଶୁଣିବାକୁ ମିଳେ ଏମାନେ ସାତ ଭଉଣୀ । ପାଞ୍ଚଭଉଣୀଙ୍କୁ ସମୁଦ୍ର କୂଳରେ ଛାଡ଼ି ଆସିବାର କାରଣ ସେମାନେ ପୂର୍ବତଟ ଜଗିବେ । ଆଉ ଦୁଇଭଉଣୀଙ୍କ ମଧ୍ୟରୁ ଜଣେ ସମୁଦ୍ରରେ ଅଛନ୍ତି ଅନ୍ୟଜଣେ ହେଲେ ଯାଜପୁର ବିରଜା ଠାକୁରାଣୀ । ମା' ପଞ୍ଚୁବରାହୀ ମନ୍ଦିରର ସ୍ୱତନ୍ତ୍ର ପୂଜାବିଧି, ପରମ୍ପରା ଭିନ୍ନ ଯାହା ଓଡ଼ିଶାର ଅନ୍ୟ କୌଣସି ଦେବଦେବୀ ପୀଠରେ ଦେଖିବାକୁ ମିଳେନାହିଁ । ଏବେ ଲିଙ୍ଗଗତ ସମାନତା ଓ ପୂଜାକରିବାର ଅଧିକାରକୁ ନେଇ ସାରା ଭାରତରେ ସ୍ୱର ଜୋର୍ ଧରୁଛି । ପୁରୁଷଙ୍କ ଭଳି ମହିଳାମାନେ କାହିଁକି ପୂଜା କରିବାର ଅଧିକାର ପାଇବେ ନାହିଁ, ଏ ସମ୍ପର୍କରେ ବାଦାନୁବାଦ ଜାରିରହିଥିବା ବେଳେ ସାତଭାୟାର ଏହି ମା' ପଞ୍ଚୁବରାହୀଙ୍କ ମନ୍ଦିରରେ ପୂଜା କରୁଛନ୍ତି ଦଳିତ ସମ୍ପ୍ରଦାୟର ମହିଳା । କେଉଁ କେଉଁ କାଳରୁ ଏହି ମନ୍ଦିରରେ କୈବର୍ତ୍ତ ଜାତିର ମହିଳା ମାନେ ନିଷ୍ଠାର ସହ ମା'ଙ୍କର ପୂଜାର୍ଚ୍ଚନା କରି ଆସୁଛନ୍ତି । ଲୋକକଥା ଅନୁଯାୟୀ ପ୍ରଥମରୁ ମା'ଙ୍କୁ ବ୍ରାହ୍ମଣମାନେ ପୂଜା କରୁଥିଲେ । ଏକଦା ଜଣେ ବ୍ରାହ୍ମଣ ପୂଜକ ନାରୀ ଅବୟ ଧାରି ବରାହମୁଖୀ ଦେବୀମାନଙ୍କ ପ୍ରତି କାମ ଆସକ୍ତି ଭାବ ପ୍ରକାଶ କରି କାମାତୁର ହୋଇ ଉଠିଥିଲେ । କ୍ରୋଧାନ୍ୱିତ ଦେବୀମାନଙ୍କ ଅଭିଶାପରେ କାମାତୁର ବ୍ରାହ୍ମଣ ପାଷାଣ ପାଲଟି ଯାଇଥିଲା । ଅଦ୍ୟାବଧି ମା'ଙ୍କ ପୁରୁଣା ମନ୍ଦିର ସନ୍ନିକଟ ପୁଷ୍କରିଣୀ ଘାଟରେ ଅଭିଶପ୍ତ ବ୍ରାହ୍ମଣର ପଥର ଅବୟବ ଗଣ୍ଡି ପଡ଼ି ରହିଥିବା ବେଳେ ମନ୍ଦିର ମଧ୍ୟରେ ଏହାର ମଥା ରୂପକ ପଥର ଖଣ୍ଡକ ପଡ଼ିରହିଥିବା ଦୃଷ୍ଟିଗୋଚର ହୁଏ । ସେହିଦିନଠାରୁ ମା'ଙ୍କର ସ୍ୱପ୍ନାଦେଶ ହେବା ପରେ ଏଠାରେ କୈବର୍ତ୍ତ ସମ୍ପ୍ରଦାୟର ସଧବା ନାରୀମାନେ ହିଁ ମୁଖ୍ୟ ପୂଜକ ଭାବେ ପୂଜାର୍ଚ୍ଚନା କରନ୍ତି । ଏହି ଲୋକକଥା ଏବେ ବି ଉପକୂଳ ଓଡ଼ିଶାର ପ୍ରତିଟି ଧର୍ମଭୀରୁ ମଣିଷ ମନରେ ସତେଜ ହୋଇ ରହିଛି । ଯେଉଁଥିପାଇଁ ମା'ଙ୍କୁ ସମ୍ମୁଖରୁ ଦର୍ଶନ କରିବା ପାଇଁ ନିଷିଦ୍ଧ ରହିଛି ।

**ତଅପୋଇ ଉପାଖ୍ୟାନ :**

ସାତଭାୟାର ସଂସ୍କୃତି କଥା ପଡ଼ିଲେ ଧାରଣା ଆସେ ଓଡ଼ିଶାର ନୌବାଣିଜ୍ୟ ପରମ୍ପରା । ପ୍ରାଚୀନ ଓଡ଼ିଶାରେ ସାଧବ ପୁଅମାନେ ସାତଦରିଆ ପାରିହୋଇ ବାଣିଜ୍ୟ କାରବାର କରିବାକୁ ଯାଉଥିଲେ । ସେମାନଙ୍କୁ ସୁରକ୍ଷା ଦେଉଥିଲେ ଉପକୂଳବର୍ତ୍ତୀ ଅଞ୍ଚଳର ନୌସେନା । ଓଡ଼ିଶାର ନୌବାଣିଜ୍ୟ ପରମ୍ପରା ବେଶ୍ ସୁଦୃଢ଼ ଥିବାର ଖାରବେଳଙ୍କ ହାତୀଗୁମ୍ଫା ଶିଳାଲେଖରୁ ଜଣାପଡେ । ଓଡ଼ିଶାର ନୌବାଣିଜ୍ୟ ପରମ୍ପରାରେ ତଅପୋଇ ଉପାଖ୍ୟାନ ମୁଖ୍ୟସ୍ଥାନ ଅଧିକାର କରିଛି । ଲୋକକଥା ଅନୁସାରେ ତଅପୋଇ ଆଖ୍ୟାନ ପୃଷ୍ଠଭୂମି ହେଉଛି ସାତଭାୟା । ପଞ୍ଚୁବରାହୀ ଦେବୀଙ୍କ ପୀଠ ଏହିଠାରେ ଅବସ୍ଥିତ । ସାତଭାୟାର କିମ୍ବଦନ୍ତୀକୁ ଆଧାର କରି

ଅନେକ ଲୋକକଥା ପ୍ରଚଳିତ । ସାତଭାୟାର ଲୋକେ ନିଜକୁ ସାଧବମାନଙ୍କ ବଂଶଧର ବୋଲି ମତ ଦିଅନ୍ତି । ଏମାନେ ସାତ ଦରିଆ ପାରିହୋଇ ବିଭିନ୍ନ ଦେଶରେ ନୌବାଣିଜ୍ୟ ସମ୍ପର୍କ ସ୍ଥାପନ କରିଥିବାର ପ୍ରମାଣ ଏମାନଙ୍କ କିମ୍ବଦନ୍ତୀ ଆଧାରରୁ ଜଣାପଡେ । ଏମାନେ ଦୃଢ଼ ମତ ଦିଅନ୍ତି ଯେ ଖୁଦୁରୁକୁଣୀ ଓଷା ଏହି ଅଞ୍ଚଳରୁ ସୃଷ୍ଟ । ସାତଭାୟା ପଶ୍ଚିମପଟେ ରିଘାଗଡ ବୋଲି ଏକ ଗଡରାଜ୍ୟ ଥିଲା । ସେଠାରେ ସାଧବମାନେ ବାସ କରୁଥିଲେ । ତନ୍ମୟବନ୍ତ ନାମରେ ଜଣେ ଧନୀ ସାଧବ ଏହି ରିଘାଗଡରେ ବାସ କରୁଥିଲେ । ଯେଉଁଠାରେ ତଅପୋଇକୁ ଭାଇମାନେ ଠାବ କରିଥିଲେ ସେ ସ୍ଥାନର ନାମ ଆଜି ସାତଭାୟା । ରିଘାଗଡ ଓ ସାତଭାୟା ପରସ୍ପର ସନ୍ନିକଟ । ସାଧବମାନେ ବୋଇତରେ ବିଦେଶ ଯିବା ସମୟରେ ସାଧବରମଣୀ ମାନେ ଦେବୀ ପଞ୍ଚୁବରାହୀଙ୍କୁ ପୂଜାର୍ଚ୍ଚନା କରିଛନ୍ତି । ଖୁଦୁରୁକୁଣୀ ଓଷାର କାହାଣୀ ଅନୁରୂପ ସାଧବ ସାତଭାଇଙ୍କ ପାଇଁ ଏ ଅଞ୍ଚଳ ସାତଭାୟା ନାମରେ ପରିଚିତ ବୋଲି ସେଠାକାର ଲୋକମାନେ କହନ୍ତି । ସାତଭାୟାର ଖୁଦୁରୁକୁଣୀ ଓଷାକୁ କେନ୍ଦ୍ରକରି ଔପନ୍ୟାସିକ ଶୁଭ୍ରାଂଶୁ ଭୂଷଣ ସୁତାର ତାଙ୍କ 'ସ୍ମୃତି ବିସ୍ମୃତିର ସାତଭାୟା ' ଉପନ୍ୟାସରେ ଲେଖିଛନ୍ତି- "ସେଦିନ ଯେଉଁ ପବିତ୍ର ସ୍ଥାନରେ ଭାଗ୍ୟବତୀ ତଅପୋଇ ତାର ସାତଭାଇଙ୍କୁ ଫେରି ପାଇଲା ଆଉ ସାଧବ ଝିଅ ହୋଇ ରାଜାରାଣୀ ହେବାର ସ୍ୱପ୍ନ ସାର୍ଥକ ହେଲା, ସେହି ସ୍ଥାନ ଏକ ସ୍ମୃତିପୀଠ ରୂପେ ଯୁଗ ଯୁଗ ଧରି ସାତଭାଇଆ ନାମରେ ନାମିତ ହେଲା । ରାଜା ଅମର ପ୍ରସାଦ ସାତଭାଇଙ୍କ ନାମରେ ସାତଖଣ୍ଡି ଗ୍ରାମର ପ୍ରତିଷ୍ଠା କଲେ ସେହି ଜଙ୍ଗଲ ରାଜ୍ୟ ସୀମାରେ ।" ରିଘାଗଡ ଓ ସାତଭାୟା ହେଉଛି ପରସ୍ପର ସନ୍ନିକଟ । ସେହି ଅତୀତ କିମ୍ବଦନ୍ତୀ ଅନୁସାରେ ଏହାର ନାମ ହୋଇଛି ସାତଭାୟା । ଏହି କିମ୍ବଦନ୍ତୀ ସାତଭାୟାର ପ୍ରତିଟି ଲୋକଙ୍କ ମୁଖରୁ ନିସୃତ ।

ସାତଭାୟା ସମ୍ବନ୍ଧରେ ଏହି ଯେଉଁ ସବୁ ପ୍ରସଙ୍ଗ ଆଲୋଚନା କରାଗଲା ଏହା ଯେ ଅନ୍ୟ କୌଣସି ଜିଲ୍ଲା ମାନଙ୍କରେ ଦୃଶ୍ୟମାନ ହୁଏ ନାହିଁ ଏମିତି ଆଦୌ ନୁହେଁ । ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳ ଭିତ୍ତିରେ ଉପାଞ୍ଚଳର ସଂସ୍କୃତି ଅଧ୍ୟୟନ କରିବା ବଡ଼ କଠିନ ବ୍ୟାପାର । ସୀମାନ୍ତ ପ୍ରଦେଶ ଜିଲ୍ଲା ମାନଙ୍କରେ ବିଭିନ୍ନ ଭାଷା, ଧର୍ମ ଓ ସଂସ୍କୃତିର ମିଳନରେ ନୂତନ ସାଂସ୍କୃତିକ ସମନ୍ୱୟ ସୃଷ୍ଟି ହେବାର ସମ୍ଭାବନା ଅଧିକ । କିନ୍ତୁ ଉପକୂଳ ଅଞ୍ଚଳର ଲୋକସମାଜ ବଞ୍ଚିବା ପାଇଁ ସର୍ବଦା ସଂଘର୍ଷ କରୁଥିବାରୁ ସେମାନେ ନିଜପାଇଁ ସ୍ୱତନ୍ତ୍ର ଗୀତ, ନୃତ୍ୟ, ସାଂସ୍କୃତିକ ସରହଦ ସୃଷ୍ଟି କରିପାରନ୍ତି ନାହିଁ । ଅତଏବ ଏଠାକାର ଲୋକସଂସ୍କୃତି ଲୋକବୃତ୍ତିଧାରୀ ସାଂସ୍କୃତିକ ନିର୍ଯ୍ୟାସ । ଏହି ସାଂସ୍କୃତିକ ସ୍ୱରୂପଟି ମୁଖ୍ୟ ଧାରାରୁ ବିଚ୍ୟୁତ ନୁହେଁ । ପରନ୍ତୁ ମୁଖ୍ୟ ଧାରାକୁ ସମୃଦ୍ଧ କରିବାରେ ଗୋଟିଏ ଉର୍ବର ସହାୟକ ଉତ୍ସ ।

**ସହାୟକ ଗ୍ରନ୍ଥସୂଚୀ :**


୧. ମହାନ୍ତି, ଶାନ୍ତନୁ କୁମାର; ଯୁଗେ ଯୁଗେ କନିକା (୨ୟ ଭାଗ), ପ୍ରକାଶକ, କୃଷ୍ଣଚନ୍ଦ୍ର ନାୟକ, ସତ୍ୟବ୍ରତ ପ୍ରକାଶନ, ଟାଉନ୍ ହଲ୍ ରୋଡ, କଟକ- ୯, ପ୍ରଥମ ପ୍ରକାଶ; ସରସ୍ୱତୀ ପୂଜା ୨୦୦୩ ।

୨. ରାୟ, ପ୍ରତାପ କୁମାର, କେନ୍ଦ୍ରାପଡ଼ା ଜିଲ୍ଲା ଇତିହାସ (୧ମ ଭାଗ), ପ୍ରକାଶିକା, ଶ୍ରୀମତୀ ବିଦ୍ୟୁଚ୍ଛାୟା ରାୟ, ପଦ୍ମାଳୟା ପ୍ରିଣ୍ଟର୍ସ, ୟୁନିଟ-୮, ଭୁବନେଶ୍ୱର, ପ୍ରଥମ ସଂସ୍କରଣ: ୨୦୦୧, ଦ୍ୱିତୀୟ ସଂସ୍କରଣ: ୨୦୦୯, ତୃତୀୟ ସଂସ୍କରଣ: ୨୦୧୧ ।

୩. ସୂତାର, ଶୁଭ୍ରାଂଶୁ ଭୂଷଣ; ସ୍ମୃତି ବିସ୍ମୃତିର ସାତଭାୟା, ପ୍ରକାଶକ, ମଲ୍ଲିଘର, ରାଜକନିକା, କେନ୍ଦ୍ରାପଡ଼ା, ପ୍ରଥମ ପ୍ରକାଶନ: ୨୦୧୪ ।

୪. ଓଡ଼ିଶା କଲଚରାଲ୍ ଫୋରମ୍, ଭୁବନେଶ୍ୱର, ଓଡ଼ିଶାର ଲୋକସଂସ୍କୃତି, ପ୍ରକାଶକ, ମନୋଜ କୁମାର ମହାପାତ୍ର, ଗ୍ରନ୍ଥ ମନ୍ଦିର, ବିନୋଦ ବିହାରୀ, କଟକ-୨, ପ୍ରଥମ ସଂସ୍କରଣ: ଡିସେମ୍ବର ୧୯୭୮, ପୁନଃ ମୁଦ୍ରଣ: ଜାନୁଆରୀ ୧୯୮୫, ତୃତୀୟ ସଂସ୍କରଣ: ୨୦୧୫ ।



**ଗବେଷକ**

**ଦୂରଭାଷ : ୯୯୩୮୨୫୭୪୫୧**

ISSN -2583-147X(P), Vol.- 9, Issue No.I, April 2023
Bastabatara Pariprakash Prachee
*Peer Reviewed and Referred Research Journal*

# ଅନାମଗୋଷ୍ଠୀ ଓ ସୁରେନ୍ଦ୍ର ମହାନ୍ତି

**ସୁବାସ ଚନ୍ଦ୍ର ଭୋଇ**

ଓଡ଼ିଆ କାବ୍ୟକବିତା କ୍ଷେତ୍ରରେ ପ୍ରଚଳିତ କବି ଟି.ଏସ. ଏଲିଅଟୀୟ ପରମ୍ପରା କବି ଗୁରୁପ୍ରସାଦଙ୍କ ଠାରୁ ଆରମ୍ଭ ହୋଇଥିଲା । ଏହି ପରମ୍ପରା ଆସିବା ଦ୍ୱାରା ଓଡ଼ିଆ କବିତା କ୍ଲିଷ୍ଟତା ଆଡ଼କୁ ଗତିକଲା । ତାହା ସାଧାରଣ ପାଠକର ବୋଧଗମ୍ୟ ହେଲା ନାହିଁ । ମଧ୍ୟଯୁଗୀୟ ସାହିତ୍ୟ ସାଧାରଣ ପାଠକଠାରୁ ଯେମିତି ଦୂରରେ ଥିଲା, ତଦନୁରୂପ ସ୍ୱାଧୀନତା ପରବର୍ତ୍ତୀ ପାଶ୍ଚାତ୍ୟ ପ୍ରଭାବିତ ଓଡ଼ିଆ କବିତା ଓ ପାଠକମଧ୍ୟରେ ଦୂରତା ବଢିଲା । ଅବଶ୍ୟ ମଧ୍ୟଯୁଗୀୟ କାବ୍ୟକବିତା ସାଙ୍ଗୀତିକତା ଯୋଗୁଁ ପାଠକୀୟତା ଲାଭ କରିଥିଲା । ପାଶ୍ଚାତ୍ୟ ପ୍ରଭାବିତ ଓଡ଼ିଆ କବିତା ଚିତ୍ରକଳ୍ପ ଓ ମିଥ୍‌ର ଅସଂଲଗ୍ନତାର ପ୍ରୟୋଗରେ ଭାରାକ୍ରାନ୍ତ ହେଲା । ସାଧାରଣ ପାଠକ ହଜମ କରିପାରିଲେ ନାହିଁ । ୧୯୬୯ ମସିହାରେ ଏହି ପାଶ୍ଚାତ୍ୟ ଶୈଳୀର ଅନୁକରଣର ପ୍ରତିବାଦ କରି ପୁରୀରେ ଏକ ସାହିତ୍ୟିକ ଗୋଷ୍ଠୀ ଗଢି ଉଠିଥିଲା । ଯାହାର ମଙ୍ଗୁଆଳ ଥିଲେ ପୋଲିସ ଅଫିସର କୃଷ୍ଣ କୁମାର ମହାନ୍ତି ଓରଫ୍ କବି କୁମାର ମହାନ୍ତି । ମଧୁ ମହାନ୍ତି (ସୁରେନ୍ଦ୍ର ମହାନ୍ତିଙ୍କ ଶ୍ୱଶୁର) ଥିଲେ ଗୋଷ୍ଠୀର ପରାମର୍ଶଦାତା । ଗୋଷ୍ଠୀ ସହିତ ସୁରେନ୍ଦ୍ର ମହାନ୍ତି, ଗୋକୁଳି ମହାନ୍ତି (ସୁରେନ୍ଦ୍ର ମହାନ୍ତିଙ୍କ ସଢୁ) ପ୍ରକାରାନ୍ତରେ କହିଲେ ସୁରେନ୍ଦ୍ର ମହାନ୍ତିଙ୍କ ପରିବାର ଏହି ଗୋଷ୍ଠୀ ସହ ଜଡ଼ିତ ଥିଲେ । ଏହି ଗୋଷ୍ଠୀ ଆରମ୍ଭ ହେବା ବେଳକୁ ସୁରେନ୍ଦ୍ର ମହାନ୍ତି ପ୍ରତିଷ୍ଠିତ ହୋଇ ସାରିଥାନ୍ତି । ୧୯୬୯ ମସିହାରେ ସୁରେନ୍ଦ୍ର ମହାନ୍ତିଙ୍କ ଅନାମ ପତ୍ରିକାରେ ପ୍ରଥମେ ଗୋଟିଏ ପ୍ରବନ୍ଧ ପ୍ରକାଶ ପାଇଥିଲା । ମାତ୍ର ୧୯୭୫ ମସିହାରେ ପୁରୀରେ ଅନୁଷ୍ଠିତ ଅନାମ ମେଳଣରେ ସେ ପ୍ରଥମ କରି ଯୋଗ ଦେଇଥିଲେ ।

ସୁରେନ୍ଦ୍ର ମହାନ୍ତି ଏକାଧାରରେ ଗାଳ୍ପିକ, ଔପନ୍ୟାସିକ, ସମୀକ୍ଷକ, ଜୀବନୀକାର, ନାଟ୍ୟକାର, ରାଜନୈତିକ, ସାମ୍ବାଦିକ । ସେ ସର୍ବମୋଟ ୫୮ଟି ଉଭୟ ଓଡ଼ିଆ ଓ ଇଂରାଜୀରେ ପ୍ରକାଶିତ ପୁସ୍ତକର ରଚୟିତା । ଆଗରୁ କୁହାଯାଇଛି ଯେ, ଅନାମ ଗୋଷ୍ଠୀର ବହୁ ପୂର୍ବରୁ ସେ ଜଣେ ପ୍ରତିଷ୍ଠିତ ସାହିତ୍ୟିକ ହୋଇସାରିଥିଲେ । କିନ୍ତୁ ଅନାମ ଗୋଷ୍ଠୀ ସହ ଯୋଡ଼ିହେବା ଦ୍ୱାରା ଲାଭବାନ ମଧ୍ୟ ହୋଇଛନ୍ତି ବୋଲି 'ନୀଳାଦ୍ରି ବିଜୟ' ଉପନ୍ୟାସର ମୁଖବନ୍ଧରେ ସ୍ୱୀକାର କରି କହିଛନ୍ତି- "ନୀଳଶୈଳ ଲେଖିବା ବେଳେ ମୁଁ ପୁରୀ ବୋଲି ସହିତ ପରିଚିତ ନଥିଲି । ମନ୍ଦିରର ପଣ୍ଡାମାନେ ଯେଉଁ ବୋଲି ବ୍ୟବହାର କରନ୍ତି ତାହାର ମୌଳିକତା ରହିଛି । ବସ୍ତୁତଃ ନୀଳଶୈଳରେ ବ୍ୟବହୃତ ପୁରୀ ବୋଲିର ଅପୂର୍ଣ୍ଣତା ରହିଛି ବୋଲି ମୋତେ ପୁରୀର ଜଣେ ବିଦଗ୍ଧ ପାଠକ ସଚେତନ କରି ଦେଇଥିଲେ । ନୀଳଶୈଳରେ ସେ ସବୁ ସୁଧାରିବାକୁ ଚେଷ୍ଟା କରିଛି । ଏସବୁ ଗବେଷଣା ପାଇଁ ପୁରୀରୁ ପ୍ରକାଶିତ 'ଅନାମ' ଗୋଷ୍ଠୀକୁ ପ୍ରୋତ୍ସାହିତ କରିଥିଲି । ଫଳସ୍ୱରୂପ ଅନାମର କେତୋଟି ସଂଖ୍ୟାରେ ସିଦ୍ଧେଶ୍ୱର ମହାପାତ୍ର ପୁରୀ ବୋଲି ପ୍ରବନ୍ଧ ଲେଖିଥିଲେ । ନୀଳାଦ୍ରି ବିଜୟରେ ସେବକମାନଙ୍କ ତୁଣ୍ଡରେ ବ୍ୟବହୃତ ପୁରୀବୋଲି ପ୍ରୟୋଗରେ, ଏହା ମୋ ପକ୍ଷରେ କେତେକ ପରିମାଣରେ ସହାୟକ ହୋଇଛି ।"

ମାତ୍ର ଶ୍ରୀ ମହାନ୍ତି ପ୍ରୋତ୍ସାହିତ କରିଥିଲେ ବୋଲି ଅନାମମାନେ ଜଗନ୍ନାଥ ମନ୍ଦିରରେ ପ୍ରଚଳିତ ପୁରୀ ବୋଲି ସଂଗ୍ରହ କରୁଥିଲେ ତାହା ନୁହେଁ ଆଂଚଳିକ ବୋଲି ବା ଭାଷା ଓ ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଓ ତାହାର ଚର୍ଚ୍ଚା ଏମାନଙ୍କୁ ଆଦର୍ଶ ଥିବାରୁ ଏ କାର୍ଯ୍ୟରେ ହାତ ଦେଇଥିଲେ । ଅନାମମାନେ ତାଙ୍କ ସୃଷ୍ଟିରେ ଉତ୍କଳୀୟ ସଂସ୍କୃତି ଓ ଜଗନ୍ନାଥ ଚେତନା ପ୍ରତିମୋହ, ପରମ୍ପରାର ଓ ଐତିହ୍ୟ ପ୍ରକାଶରେ ନୂତନତା, ମାନବବାଦୀ ଦୃଷ୍ଟିଭଙ୍ଗୀ, ସାମ୍ୟବାଦ ଓ ପ୍ରଗତିଶୀଳ ଚିନ୍ତାଧାରା, ସରଳ ଓ ସାବଲୀଳ ଭାଷା, ଆଙ୍ଗିକରେ ସାଙ୍ଗୀତିକତା, ଇଂରାଜୀ କାବ୍ୟଦର୍ଶନ ପ୍ରତ୍ୟାଖ୍ୟାନ,

ଲୋକଛନ୍ଦ ଶୈଳୀର ପ୍ରୟୋଗ ଆଦି ବୈଶିଷ୍ଟ୍ୟ ଦେଖାଯାଏ । ନିମ୍ନରେ ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟ ଚେତନା ଓ ଅନାମ ଗୋଷ୍ଠୀର ଚେତନା ସମ୍ପର୍କରେ ଥିବା ସାମଞ୍ଜସ୍ୟ ସମ୍ପର୍କରେ ଆଲୋଚନା କରିବାର ପ୍ରଚେଷ୍ଟା କରାଯାଇଛି ।

ସୁରେନ୍ଦ୍ର ମହାନ୍ତି ନୀଳଶୈଳ ଓ ନୀଳାଦ୍ରି ବିଜୟ ଉପନ୍ୟାସ ଦ୍ୱୟରେ ପ୍ରଚଳିତ ଜଗନ୍ନାଥ ଚେତନା, ଓଡ଼ିଆ ସଂସ୍କୃତି, ଓଡ଼ିଆ ଜାତିର ଆଦର୍ଶ ପ୍ରଚାର କରିବା ସଙ୍ଗେ ସଙ୍ଗେ ଓଡ଼ିଶାର ପ୍ରାଚୀନ ଇତିହାସକୁ ଗୁରୁତ୍ୱ ପ୍ରଦାନ କରିଛନ୍ତି । ୧୯୮୮ ମସିହା ଆସନ୍ତାକାଲିରେ ପ୍ରକାଶିତ ଏକ ସାକ୍ଷାତକାରରେ ସ୍ୱୀକାର କରି କହିଛନ୍ତି ଯେ "୧୯୬୪ରେ ଆକାଶବାଣୀରେ ବିବରଣୀ ଦେବା ପାଇଁ ପୁରୀ ଯାଇଥିଲେ । ସେ ବର୍ଷ ପ୍ରଶାସନ ଓ ପଣ୍ଡାମାନଙ୍କ ମଧ୍ୟରେ ଏକପ୍ରକାର ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହେବାରୁ ରଥ ଟାଣିବାରେ ବିଳମ୍ବ ଓ ଟାହିଆ ଗୁଡ଼ାକୁ ଲୋକେ ଟାଣି ନେଉଥାନ୍ତି । ଜଗନ୍ନାଥଙ୍କ ଏପରି ଅପମାନଜନକ ଘଟଣା ଯୋଗୁଁ ଜଣେ ବୃଦ୍ଧା ଭୋକିଲା ଥାଇ ମଧ ଖାଇବେ ନାହିଁ ବୋଲି କହିଲେ ।" ଜଗନ୍ନାଥଙ୍କ ସହ ଓଡ଼ିଆଙ୍କ ଏପରି ଭାବ ଦେଖି ସେ ନୀଳଶୈଳ ଲେଖିବା ପାଇଁ ପ୍ରେରଣା ପାଇଛନ୍ତି । ମାତ୍ର ପାଶ୍ଚାତ୍ୟ ପ୍ରଭାବିତ ସାହିତ୍ୟିକମାନେ ଏସବୁ ଭୁଲିଯାଇ ସାହିତ୍ୟରେ ନୂଆ ନୂଆ ଇଜିମମାନ ପ୍ରୟୋଗ କରିବା ମୋହରେ ସ୍ୱଦେଶୀ ସଂସ୍କୃତି ଭୁଲିଯାଇ ବିଦେଶୀ ସଂସ୍କୃତିର ବାଃବାଃ କଲେ । କିନ୍ତୁ ଅନାମ ଗୋଷ୍ଠୀ ଥିଲା ଜଗନ୍ନାଥ ଚେତନା ପ୍ରତିମୋହାଚ୍ଛନ୍ନ । ପାଶ୍ଚାତ୍ୟ ସଭ୍ୟତାର ଅନୁପ୍ରବେଶ ଫଳରେ ଭାରତୀୟମାନେ ତାକୁ ଅନ୍ଧାନୁକରଣ କଲେ । ସ୍ୱଦେଶରେ ବିଦେଶୀ ସଂସ୍କୃତି ଅଙ୍କୁରଦ୍‌ଗୋମ ହୋଇ କାୟା ବିସ୍ତାର କଲା । ଫଳରେ ଉତ୍କଳୀୟ ସଂସ୍କୃତି ସ୍ଥାଣୁ ହୋଇ ରହିଗଲା । ଯାହାଦ୍ୱାରା ଉତ୍କଳୀୟ ସଂସ୍କୃତି Arrested Culture ର ଅବସ୍ଥା ପ୍ରାପ୍ତ କଲା ବୋଲି ଶ୍ରୀ ମହାନ୍ତି କହନ୍ତି । ମାତ୍ର ଅନାମ ଗୋଷ୍ଠୀ ଜଗନ୍ନାଥ ସଂସ୍କୃତିର ଗବେଷଣା ଓ ଚର୍ଚ୍ଚାକୁ ପ୍ରାଧାନ୍ୟ ଦେଉଥିଲା ।

ବେଳେ ବେଳେ ଆମ ମନରେ ପ୍ରଶ୍ନଉଠେ ଯେ, ଓଡ଼ିଆ ସାହିତ୍ୟକୁ ଉପାଦାନ ଯୋଗାଉଥିବା ସଂସ୍କୃତି ଓ ଚଳଣିର ଲାଭବା କ'ଣ ହୁଏ ? ଅନାମରେ ପ୍ରକାଶିତ ଅଗ୍ରଦାନୀ ପ୍ରବନ୍ଧରେ ଶ୍ରୀ ମହାନ୍ତ କହିଛନ୍ତି, ଯେ ପ୍ରତ୍ୟେକ ବିପ୍ଳବର ଇତିହାସ ସଂଘଟିତ ହେବା ପୂର୍ବରୁ ଆଦ୍ୟ ସ୍ଫୁରଣ ଘଟିଥାଏ ଲେଖକମାନଙ୍କ ତର୍କ କର୍ମରେ । (ଅନାମ-୪ ୧୯୬୯) ବାସ୍ତବରେ ଯଦି ବିଦ୍ରୋହୀକୁ ବା ଲୋକଙ୍କୁ ବିନା ସଂଘର୍ଷରେ ସମାଜରେ ସ୍ୱୀକୃତି ମିଳେ ତାହାହେଲେ ତା'ର ବୈପ୍ଳବିକ ସତ୍ତା ଏଷ୍ଟାବ୍ଲିଶମେଣ୍ଟ ପାଖରେ ନିଜର ସ୍ୱତନ୍ତ୍ରତା ଓ ମର୍ଯ୍ୟାଦା ହରାଇ ବସେ । ଏଥିପାଇଁ ବୋଧେ ଅନାମ ଗୋଷ୍ଠୀ ଆଣ୍ଟିଏଷ୍ଟାବ୍ଲିଶମେଣ୍ଟକୁ ଗ୍ରହଣ କରେ ଓ ସୁରେନ୍ଦ୍ର ମହାନ୍ତିଙ୍କ ଚରିତ୍ରମାନେ ମଧ ସମାଜରେ ସ୍ୱୀକୃତି ପାଇଁ Under Worldରେ ଥାଇ ସଂଘର୍ଷ କରନ୍ତି ।

'ରକ୍ତଶିଖା' ଭଳି କବିତା ଲେଖୁଥିବା କବିମାନେ ସ୍ୱାଧୀନତା ପରେ ସାଲିସଯୁକ୍ତ 'ଶାନ୍ତିଶିଖା' ଭଳି କବିତା ଲେଖିଲେ । ସମାଜରେ ପୂର୍ବପରି ଧନୀକମାନେ ସର୍ବହରା ଗୋଷ୍ଠୀକୁ ଶୋଷଣ କଲେ । ସାହିତ୍ୟ ହୋଇଗଲା ଶାସକର ପ୍ରଶଂସା ପୁସ୍ତିକା । ଏହି ଅବକ୍ଷୟମୁଖୀ ଓଡ଼ିଆ ସାହିତ୍ୟକୁ ଉଦ୍ଧାର କରିବା ପାଇଁ ଅନାମମାନେ ସାମ୍ୟବାଦ ବା ପ୍ରଗତିଶୀଳ ସମାଜବାଦୀ ଚିନ୍ତାଧାରାକୁ ଗୁରୁତ୍ୱ ଦେଲେ । ଏ ସମ୍ପର୍କରେ କୁମାର ମହାନ୍ତି ଅନାମ ୧୧ ର ସଂପାଦକୀୟରେ କହିଛନ୍ତି "ସାମ୍ୟବାଦୀ ସ୍ୱପ୍ନସହ ଓଡ଼ିଆ ସମାଜ ଓ ସଂସ୍କୃତିର ଏକ ଅପୂର୍ବ ସମନ୍ୱୟ ଆମେ ଜଗନ୍ନାଥ ମୈତ୍ରୀ ଓ ଦେବ ଉପାସନାରେ ଲକ୍ଷ୍ୟ କରୁ । xxx ଯେଉଁଠିବି ସାମ୍ୟବାଦୀ ଚେତନାର ଅଭାବ ଲକ୍ଷ୍ୟକରୁ ତା' ବିରୋଧରେ ସ୍ୱରୋତ୍ତଳନ କରୁ ।" କୁମାର ମହାନ୍ତିଙ୍କ 'ଅନାମ ବାୟାର ଗୀତ'ରେ ଏ ପ୍ରଭାବ ଦେଖାଯାଏ-

"ଦୁଃଖ ଦର କେତେ କହ ସାହୁକାର
ସୁଖଦର କେତେ କହ
ଜୀବନମରଣ ଦରତ କଷିଲ
ପରମର ଦର କହ
ସର୍ଜନାର ଦର କହ ।"

ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ 'ବନ୍ଦୀ', 'ରୁଟି ଓ ଚନ୍ଦ୍ର', 'ମହାନଗରୀର ରାତ୍ରି' ତଥା 'ଅଣ୍ଡରଗ୍ରାଉଣ୍ଡ' ଆଦିରେ ଏହି ସାମ୍ୟବାଦର ସମାନ ପ୍ରୟୋଗ ଦେଖାଯାଏ ।

ସାମାଜିକବାସ୍ତବତା ଅନାମ ଚେତନା ଓ ସୁରେନ୍ଦ୍ର ସାହିତ୍ୟ ଚେତନାରେ ସାମଞ୍ଜସ୍ୟ ରହିଛି । ସୁରେନ୍ଦ୍ର ମହାନ୍ତିଙ୍କ ଗଳ୍ପ ଉପନ୍ୟାସରେ ବର୍ଣ୍ଣିତ ଅଧିକାଂଶ ଘଟଣା, ଚରିତ୍ର ଜୀବନର ବାସ୍ତବ ରୂପଚିତ୍ର ବୋଲି କମଳ ଲୋଚନ ନେଇଥିବା ସାକ୍ଷାତକାରରେ କହିଛନ୍ତି । ଅନ୍ଧଦିଗନ୍ତ ଉପନ୍ୟାସର ନିଧି ଦାସ ତାଙ୍କର ବାସ୍ତବ ଜୀବନର ଜଣେ ସହକର୍ମୀ ଯେ, ତାଙ୍କ ସମୟର କଂଗ୍ରେସ ସହ ଅନେକ କାମ କରିଛନ୍ତି ଓ ପରେ ଅପଦସ୍ତ ହୋଇ ଥିବାର ଘଟଣାକୁ ଉପନ୍ୟାସ ରୂପ ଦେଇଛନ୍ତି । ଶ୍ରୀ ମହାନ୍ତି ସ୍ୱାଧୀନତା ପରର

କବିତା ସମ୍ପର୍କରେ କହିଛନ୍ତି – "ଆଜିର ମଣିଷ ସମାଜଠାରୁ ଯେତିକି ଦୂରେଇ ଯାଉଛି ସାହିତ୍ୟରେ ଦୁର୍ବୋଧତା ବଢୁଛି । (ସାକ୍ଷାତକାର ବିଭୂତି ପଟ୍ଟନାୟକ 'ଗଳ୍ପ' ପତ୍ରିକା ୧୯୭୧) ମାତ୍ର ଅନାମ କାବ୍ୟଚେତନା ସମାଜର ବାସ୍ତବ ଚିତ୍ର ପ୍ରଦାନ କରିବାରେ ଗୁରୁତ୍ୱ ଦେଉଥିଲା ଏବଂ ଏହା ଥିଲା ତା'ର ମୌଳିକ ବୈଶିଷ୍ଟ୍ୟ ।

ମାନବବାଦୀ ଦୃଷ୍ଟଭଙ୍ଗୀ ଓ ନୈତିକ ମୂଲ୍ୟବୋଧର ପ୍ରତିଷ୍ଠା ବ୍ୟକ୍ତିଗତ ଜୀବନରୁ ସମୂହ ଜୀବନକୁ ପ୍ରଭାବିତ କରିଥାଏ । ଏହି ନୈତିକତାର ଅନ୍ତରାଳରେ ଆଧ୍ୟାତ୍ମିକତା ବିଚରଣ କରୁଥାଏ । ଅର୍ଥାତ୍ ଆଧ୍ୟାତ୍ମିକତା ଦୀପ୍ତି ହିଁ ମାନବିକତାର ଉଚ୍ଚାରଣ । ମହତ୍ତର ଆଧ୍ୟାତ୍ମିକ ଚିନ୍ତନ, ଯାହା ସମଗ୍ର ମଣିଷ ଜାତିକୁ ଆପଣାର କରିନିଏ । ମଣିଷକୁ ମଣିଷ ଭାବେ ବିଚାର କରିବା, ପ୍ରତିଶ୍ରଦ୍ଧା, ମମତା ଓ ଅନୁକମ୍ପା ପ୍ରକାଶ କରିଥାଏ । ଅନାମମାନଙ୍କ ପ୍ରମୁଖ ସାହିତ୍ୟିକ ଆଦର୍ଶ ହେଉଛି ଆଧ୍ୟାତ୍ମିକତା । ତା'ରି ମୂଳରେ ଶ୍ରୀଜଗନ୍ନାଥ ।

ସେମାନେ ଜଗନ୍ନାଥଙ୍କୁ ଅନାମ ଅଣାକାର ଭାବେ ଗ୍ରହଣ କରିଛନ୍ତି । ସୁରେନ୍ଦ୍ର ମହାନ୍ତି ମଧ୍ୟ ଏହି ପରମଶକ୍ତି ଆଧ୍ୟାତ୍ମିକତା ଯୋଗୁଁ ଉପନ୍ୟାସ ଦ୍ୱୟକୁ ସଫଳ କରିପାରିଛନ୍ତି ବୋଲି ସ୍ୱୀକାର କରନ୍ତି ।

ପରିଶେଷରେ ଏତିକି କୁହାଯାଇ ପାରେ ଯେ, ସୁରେନ୍ଦ୍ର ମହାନ୍ତି ସାହିତ୍ୟ ଚେତନା ସହ ଅନାମ କାବ୍ୟଚେତନାର କେତେକାଂଶରେ ସମାନତା ଦେଖାଯାଏ । କିନ୍ତୁ ଅନାମ ଗୋଷ୍ଠୀର ସାହିତ୍ୟିକଙ୍କ ନିମିତ୍ତଘୋଷିତ ମାନଦଣ୍ଡ ଯଥା:- କୌଣସି ଉପଢୌକନ ବା ପୁରସ୍କାର ଗ୍ରହଣ ନକରିବା, ରାଜନୀତିଠାରୁ ଦୂରେଇ ରହିବା, ଶୀର୍ଷକ ଓ ନାମବିହୀନ ଲେଖା ପ୍ରକାଶ କରିବା ଆଦିକୁ ସୁରେନ୍ଦ୍ର ଗ୍ରହଣ କରୁନଥିଲେ ଏହା ତାଙ୍କର ଅଗ୍ରଦାନୀ ପ୍ରବନ୍ଧରୁ ଅନୁମେୟ । ବୋଧେ ଏସବୁ କାରଣ ଯୋଗୁଁ ଏହି ଚେତନା ଉଧେଇ ପାରିଲା ନାହିଁ ।

**ସହାୟକ ଗ୍ରନ୍ଥସୂଚୀ :**


୧. ପରିଡ଼ା, ପ୍ରକାଶ କୁମାର, ସୁରେନ୍ଦ୍ର ସାକ୍ଷାତ ସଂଗ୍ରହ, କଟକ, ବିଜୟିନୀ ପବ୍ଲିକେଶନ, ୨୦୧୭, ୧ମ ସଂସ୍କରଣ ।

୨. ମହାନ୍ତି, କବି କୁମାର, ଅନାମ ବାୟାର ଗୀତ, ପୁରୀ, ପ୍ରଜ୍ଞାଲୋକ, ୧୯୯୩, ୧ମ ସଂସ୍କରଣ ।



ଗବେଷକ
ଓଡ଼ିଆ ଭଷା ଓ ସାହିତ୍ୟ ବିଭାଗ
ବିଶ୍ୱଭାରତୀ, ଶାନ୍ତିନିକେତନ

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖୁଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ